A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 36
Wednesday, 09 April 2025, Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର,୦୯ ଅପ୍ରେଲ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

ସେଇଠୁ
ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା,
ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା
ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ
ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର
କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୧୦ରୁ ୧୭ ଯାଏଁ ରାଜ୍ୟରେ ବର୍ଷା

ଭୁବନେଶ୍ୱର,୦୮/୦୪(ଆ.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ । ଏହାର ପ୍ରଭାବରେ ଆସନ୍ତା ୧୦ରୁ ୧୭ ତାରିଖ ଯାଏ ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ । ୧୩ରୁ ୧୫ ତାରିଖ ମଧ୍ୟମ ବର୍ଷା ସମ୍ଭାବନା ରହିଛି । ୧୬ ଓ ୧୭ରେ ୫ ଜିଲ୍ଲାରେ ଅଧିକ ବର୍ଷା ହୋଇପାରେ । ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ରନାଥ ପଶୁପାଳକ ଏହି ପୂର୍ବାନୁମାନ କରିଛନ୍ତି । ଡ.ପଶୁପାଳକଙ୍କ ଆକଳନ ଅନୁସାରେ, ସୃଷ୍ଟି ହୋଇଥିବା ଲଘୁଚାପ ୯ ଓ ୧୦ରେ ଅବପାତ ରୂପ ନେବାର ସମ୍ଭାବନା ରହିଛି । ଲଘୁଚାପର ସିଧା ପ୍ରଭାବ ଓଡ଼ିଶାରେ ପଡ଼ିବ ନାହିଁ । କିନ୍ତୁ ଏହା ଦ୍ୱାରା ରାଜ୍ୟକୁ ସାମୁଦ୍ରିକ ପବନ ବହିବ । ଉପକୂଳ ଓଡ଼ିଶା ଓ ସଂଲଗ୍ନ ଜିଲ୍ଲାରେ କିଛି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି । ୧୦ ତାରିଖରେ ଗୋଟିଏ କିମ୍ବା ୨ଟି ସ୍ଥାନରେ ହାଲୁକା ବର୍ଷା ହେବ । ୧୩ରୁ ୧୫ ମଧ୍ୟରେ ଉତ୍ତର ଉପକୂଳ ଓ ସଂଲଗ୍ନ ଯାଜପୁର, କେନ୍ଦୁଝର, ମୟୂରଭଞ୍ଜରେ ସ୍ୱଳ୍ପ ଓ କେତେକ ସ୍ଥାନରେ ମଧ୍ୟମ ବର୍ଷା ହୋଇପାରେ । ସେହିପରି ୧୬ ଓ ୧୭ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ମୟୂରଭଞ୍ଜରେ ଅପେକ୍ଷାକୃତ ଅଧିକ ବର୍ଷା ଓ ଦକ୍ଷିଣ ଆଭ୍ୟନ୍ତରଣରେ କାଁ ଭାଁ ବର୍ଷା ହୋଇପାରେ । ଅନେକ ସ୍ଥାନରେ ୮ ଓ ୯ ତାରିଖରେ ତାପମାତ୍ରା ୧ରୁ ୨ ଡିଗ୍ରୀ ସେଲସିୟସ ବଢ଼ିବ । ୧୦ରେ ଅଳ୍ପ ସ୍ଥାନରେ କମିବ । ବଲାଙ୍ଗିର, କଳାହାଣ୍ଡି, ସୋନପୁର, ସୁନ୍ଦରଗଡ଼ରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବ । ୧୪ ତାରିଖ ଅର୍ଥାତ୍ ପଣା ସଂକ୍ରାନ୍ତିଠାରୁ ରାଜ୍ୟରେ ତାପମାତ୍ରା କମିପାରେ । ଉପକୂଳରେ ଗୁଳୁଗୁଳି ବଢ଼ିବ । ୧୩ ଓ ୧୪ରେ ଉତ୍ତର ଉପକୂଳ ଓ ସଂଲଗ୍ନ ଅଂଚଳରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କୁଆପଥର ବର୍ଷା ହୋଇପାରେ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ସୋମବାର ରାଜ୍ୟରେ ୧୧ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଥିଲା । ଅନୁଗୁଳ ସର୍ବାଧିକ ତାପମାତ୍ରା ୪୨.୭ ଡିଗ୍ରୀ ରେକର୍ଡ ହୋଇଛି । ବୌଦ୍ଧରେ ୪୧.୮ ଡିଗ୍ରୀ, ଝାରସୁଗୁଡ଼ା ୪୧.୬, ଟିଟିଲାଗଡ଼ରେ ୪୧.୫, ସୋନପୁର ୪୧.୪, ବଲାଙ୍ଗିର ୪୧.୨, ସମ୍ବଲପୁରରେ ୪୦, ହୀରାକୁଦ ୪୦.୩, ଭବାନୀପାଟଣା ୪୦.୫, ପାରଳାଖେମୁଣ୍ଡି ୪୦, ନୂଆପଡ଼ା ୪୦.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୬.୮ ଡିଗ୍ରୀ ରେକର୍ଡ ହୋଇଛି । ୯ ତାରିଖରୁ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ବଜ୍ରପାତ ସାଙ୍ଗକୁ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଅଛି । ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଜ୍ଞାନ କେନ୍ଦ୍ର ।

୧୩ଟି କମ୍ପାନୀ ସହ ଏମ୍‌ଓୟୁ ସ୍ୱାକ୍ଷର

ଓଡ଼ିଶାକୁ ଆସିବ ପୁଞ୍ଜିନିବେଶ

ନୂଆଦିଲ୍ଲୀ,୦୮/୦୪(ନ୍ୟୁ.ଏ):ଓଡ଼ିଶାକୁ ଛୁଟିବ ପୁଞ୍ଜିନିବେଶର ସୁଅ । ଆଜି ଦିଲ୍ଲୀ ଇନଭେଷ୍ଟର୍ସ ମିଟର ଦ୍ୱିତୀୟ ଦିନରେ ୧୩ଟି କମ୍ପାନୀ ସହ MoU ସ୍ୱାକ୍ଷର ହୋଇଛି । ଓଡ଼ିଶା ସରକାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରାଳୟ ଅଧିନରେ ଥିବା ଆଇଓସିଏଲ୍ ସମେତ ବିଭିନ୍ନ ସଂସ୍ଥା ସହିତ ଏମଓୟୁ ହୋଇଛି । ୯୬ ହଜାର ୬୮୬ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବ । ସୋମବାର ୧୧ଟି କମ୍ପାନୀ ପକ୍ଷରୁ ନିବେଶ ପାଇଁ ପ୍ରସ୍ତାବ ଆସିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଂପାନି ମାନଙ୍କ ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି । ଆଇଓସିଏଲ ସହିତ ଏକାକି ୫୬ ହଜାର କୋଟିର ପ୍ରକଳ୍ପ ପ୍ରତିଷ୍ଠା ନେଇ ବୁଝାମଣା ହୋଇଛି । ଏପଟେ ଓଡ଼ିଶାରେ ନୂଆ ଶିଳ୍ପ ପ୍ରତିଷ୍ଠା କଲେ ୩୦ ଦିନରେ ୩୦ ଏକର ଜମି, ୫୦ ଦିନରେ ୫୦ ଏକର ଜମି, ୧୦୦ ଦିନରେ ୧୦୦ ଏକର ଜମି ଯୋଗାଇ ଦେବାକୁ ଘୋଷଣା କରିଛନ୍ତି ଶିଳ୍ପ ସଚିବ । ଓଡ଼ିଶାରେ କେଉଁ କେଉଁ କମ୍ପାନୀ ନିବେଶ କରିବେ, ଏ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଅନ୍ୟପଟେ ନିକଟରେ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଆୟୋଜନ କରିଥିଲେ ରାଜ୍ୟ ସରକାର । ନିବେଶକଙ୍କ ପ୍ରତିଶ୍ରୁତିର ସୁଅ ଛୁଟିଥିଲା । ପ୍ରଥମ ଦିନର ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ୫୪ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ରାଜ୍ୟକୁ ୪ରୁ ସାଢେ ୪ ଲକ୍ଷ କୋଟି ଟଙ୍କାର ନିବେଶ ଆସିବ ବୋଲି ସୂଚନା ମିଳିଥିଲା । ଏହା ଭିତରୁ ସବୁଠୁ ବଡ MOU ଆଦାନୀ ଗ୍ରୁପ ସହ ସ୍ୱାକ୍ଷର ହୋଇଥିଲା । ୨.୨୮ ଲକ୍ଷ କୋଟି ଟଙ୍କାର MOU ସ୍ୱାକ୍ଷର କରିଥିଲା ଆଦାନୀ । କେନ୍ଦୁଝରରେ ୫ ନିୟୁତ ଟନ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ପାଇଁ JSW ଗ୍ରୁପ ସହ ଗଡଂଟ ହୋଇଥିଲା । କେନ୍ଦୁଝରରେ JSW କରିବ ଇସ୍ପାତ କାରଖାନା । ଏନେଇ ପୋସ୍କୋ ସହ ଆଲୋଚନା ଚାଲିଥିବା ସୂଚନା ଦେଇଥିଲେ JSW ମୁଖ୍ୟ ସଜ୍ଜନ ଜିନ୍ଦଲ । କେନ୍ଦୁଝରରେ ୩୦-୪୦ ହଜାର କୋଟିର ନିବେଶ ଲକ୍ଷ୍ୟ ରହିଛି । ଅନ୍ୟ ପକ୍ଷରେ JSPL ଗ୍ରୁପ୍ ଅନୁଗୁଳ ସ୍ଥିତ ଷ୍ଟିଲ ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ୭୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ ଲାଗି ଘୋଷଣା କରିଥିଲେ ଗ୍ରୁପ ଅଧ୍ୟକ୍ଷ ନବୀନ ଜିନ୍ଦଲ । ବିର୍ଲା ଗ୍ରୁପ କପର ଫଏଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ MOU ସ୍ୱାକ୍ଷର କରିଥିଲା । ଏହାଛଡ଼ା ବିଭିନ୍ନ ନିବେଶକଙ୍କଠାରୁ ୧୦୦ରୁ ଅଧିକ ପୁଞ୍ଜିନିବେଶ ଆଗ୍ରହ ପାଇଥିଲେ ରାଜ୍ୟ ସରକାର । JSPL ଅଧ୍ୟକ୍ଷ ନବୀନ ଜିନ୍ଦଲ ମଧ୍ୟ କେନ୍ଦୁଝରରେ ଷ୍ଟିଲ ପ୍ଲାଣ୍ଟ ବସାଇବାକୁ ଇଚ୍ଛା ପ୍ରକାଶ କରିଥିଲେ ।

ସାରା ଦେଶରେ ଲାଗୁ ହେଲା ୱାକଫ୍ ସଂଶୋଧନ ଆଇନ

ନୂଆଦିଲ୍ଲୀ,୦୮/୦୪(ନ୍ୟୁ.ଏ):ୱାକଫ୍ ସଂଶୋଧନ ଅଧିନିୟମ ଆଜିଠାରୁ ସାରା ଦେଶରେ ଲାଗୁ ହୋଇଛି । କେନ୍ଦ୍ର ସରକାର ଗେଜେଟ୍ ନୋଟିଫିକେସନ୍ ଜାରି କରି ୱାକଫ୍ ଅଧିନିୟମକୁ ଏପ୍ରିଲ୍ ୮ରୁ ପ୍ରଭାବୀ କରିଛନ୍ତି । ଗତ ସପ୍ତାହରେ ଏହି ବିଲ୍ ସଂସଦରୁ ପାରିତ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ହାସଲ କରିଥିଲା । ଏହାପରେ ସରକାର ଅଧିସୂଚନା ଜାରି କରି ଏହି ଆଇନକୁ ସାରା ଦେଶରେ ଲାଗୁ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏପ୍ରିଲ୍ ୫ରେ ୱାକଫ୍ ସଂଶୋଧନ ବିଲକୁ ମଞ୍ଜୁରି ଦେଇଥିଲେ । ବଜେଟ୍ ଅଧିବେଶନରେ ପାରିତ ହୋଇଥିବା ଏହି ବିଲ୍ ଆଇନ୍ ପରିଣତ ହୋଇଥିଲା । ଆଇନ ମନ୍ତ୍ରଣାଳୟର ଅଧିସୂଚନାରେ କୁହାଯାଇଥିଲା ଯେ ରାଷ୍ଟ୍ରପତି ଉଭୟ ବିଧେୟକକୁ ମଞ୍ଜୁରି ଦେଇଛନ୍ତି । ଏପ୍ରିଲ୍ ୪ରେ ରାଜ୍ୟସଭାରେ ଏହି ବିଧେୟକ ୧୨୮-୯୫ ଭୋଟରେ ପାରିତ ହୋଇଥିଲା । ଏହା ପୂର୍ବରୁ ଦୀର୍ଘ ସମୟ ଧରି ବିତର୍କ ପରେ ଲୋକସଭାରେ ୨୮୮-୨୩୨ ଭୋଟରେ ଏହି ବିଧେୟକ ପାରିତ ହୋଇଥିଲା । ୱାକଫ୍ ଆଇନ ବିରୋଧରେ ସୁପ୍ରିମକୋର୍ଟରେ ୧୦ରୁ ଅଧିକ ଆବେଦନ ଦାଖଲ କରାଯାଇଛି । ଏଥିରେ ରାଜନେତା, ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ୍ ଲ' ବୋର୍ଡ ଓ ଜମିୟତ୍-ଏ-ହିନ୍ଦର ଯାଚିକା ସାମିଲ ରହିଛି । ଏହି ଆବେଦନରେ ନୂଆ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରାଯାଇଛି । ସେପଟେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଏକ ଆବେଦନ (କେଭିଏଟ୍) ଦାଖଲ କରିଛନ୍ତି । ଏଥିରେ ସରକାର କହିଛନ୍ତି ଯେ ୱାକଫ (ସଂଶୋଧନ) ଆଇନ ୨୦୨୫କୁ ଚ୍ୟାଲେଞ୍ଜ କରୁଥିବା ଯାଚିକା ଉପରେ କୌଣସି ଆଦେଶ ଦେବା ପୂର୍ବରୁ କୋର୍ଟ ପ୍ରଥମେ ତାଙ୍କ କଥା ଶୁଣିବେ ।

୩୦ ସୁଦ୍ଧା ଶ୍ରୀମନ୍ଦିରରେ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର,୦୮/୦୪(ଆ.ପ୍ର):ଏଥି ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ଏହି ସପ୍ତାହ ଭିତରେ ପରିଚାଳନା କମିଟି ଗଠନ ହୋଇଯିବ । ଏହାପରେ କମିଟିର ନିଷ୍ପତ୍ତି ଏବଂ ପରାମର୍ଶ କ୍ରମେ ନାଟ ମଣ୍ଡପ ଭିତରେ ଥିବା ହୁଣ୍ଡିଗୁଡ଼ିକର ସ୍ଥାନାନ୍ତର ସାରି ଶୃଙ୍ଖଳିତ ଦର୍ଶନ ପାଇଁ ହେବ ଧାଡ଼ି ବ୍ୟବସ୍ଥା । ଏହି ନିଷ୍ପତ୍ତିକୁ ଶ୍ରଦ୍ଧାଳୁମାନେ ସ୍ୱାଗତ କରିଥିବାବେଳେ ଧାଡ଼ି ଦର୍ଶନ ପାଇଁ କେମିତି ରହିବ ବ୍ୟବସ୍ଥା ସେନେଇ ବଢ଼ିଛି ଚର୍ଚ୍ଚା । ଶ୍ରୀମନ୍ଦିରରେ ଶୃଙ୍ଖଳିତ ଜଗା ଦର୍ଶନ ପାଇଁ ପୁଣି ଧାର୍ଯ୍ୟ ହେଲା ଧାଡ଼ି ବ୍ୟବସ୍ଥା ପାଇଁ ସମୟ । ଏଣିକି ଠେଲାପେଲା ଅବସ୍ଥାରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାରୁ ମିଳିବ ମୁକ୍ତି । ଏହି ମାସ ଶେଷ ସୁଦ୍ଧା ଧାଡ଼ିବାନ୍ଧି ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ ଏବଂ ଭକ୍ତ । ଆଜି ଗଞ୍ଜାମ ଗସ୍ତ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଚଳିତ ମାସ ଶେଷ ସୁଦ୍ଧା ପୁରୀରେ ଆରମ୍ଭହେବ ଧାଡ଼ି ଦର୍ଶନ ପ୍ରକ୍ରିୟା । ଏହି ସପ୍ତାହ ମଧ୍ୟରେ ଗଠନ ହେବ ଶ୍ରୀମନ୍ଦିର ପରିଚାଳନା କମିଟି । କମିଟି ଗଠନହେବା ପରେ ନାଟ ମଣ୍ଡପ ଭିତରେ ଥିବା ହୁଣ୍ଡିଗୁଡ଼ିକୁ ଉଠାଇବା ପାଇଁ ଅନୁମୋଦନ ନିଆଯିବ । ପରିଚାଳନା କମିଟିର ପ୍ରସ୍ତାବ ଓ ରାଜ୍ୟ ସରକାରଙ୍କ ଅନୁମତି ପରେ ହୁଣ୍ଡି ସିଫ୍ଟ ହେବ । ଏହାପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି । ପ୍ରଥମେ ଗତ ଜାନୁୟାରୀ ପହିଲାରୁ ଧାଡ଼ି ଦର୍ଶନ ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ଗତ ଡିସେମ୍ବର ୨୭ ଓ ୨୮ରେ ବ୍ୟାରିକେଡ୍ ଲଗାଯିବା ସହ ୩୦ ଓ ୩୧ ତାରିଖ ୨ ଦିନ ଧରି ପରୀକ୍ଷାମୂଳକ ଭାବେ ଦର୍ଶନ ଚାଲିବ ବୋଲି କୁହାଯାଇଥିଲା । ତେବେ ପରିଚାଳନା କମିଟି ସହ ବିନା ବିଚାରବିମର୍ଶ ଓ ଛତିଶା ନିଯୋଗର ମତାମତ ନଲୋଡି ନୂଆ ବ୍ୟବସ୍ଥା ଲାଗୁକୁ ନେଇ ଆପତ୍ତି ଉଠାଇଥିଲେ ସେବାୟତ । ଏପରିକି ନୂଆ ପରିଚାଳନା କମିଟି ଗଠନ ହୋଇନଥିବାରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ ପାଇଁ ଉପୁଜିଛି ବଡ଼ ପ୍ରତିବନ୍ଧକ । ତେବେ ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଯଦି ସପ୍ତାହକରେ ନୂଆ କମିଟି ଗଠନ ହୋଇଯାଏ, ତେବେ କେମିତି ରହିବ ଧାଡ଼ି ଦର୍ଶନ ବ୍ୟବସ୍ଥା ? ପୂର୍ବରୁ ସାତ ପାହାଚରୁ ବ୍ୟାରିକେଡରେ ପ୍ରବେଶ ସହ ବାହାର କାଠ ପାଖରେ ଋଂପରେ ଚଢ଼ି ଠାକୁରଙ୍କୁ ଦର୍ଶନ, ଆଉ ଗାରଦ ଓ ଘଣ୍ଟି ଦ୍ୱାର ବାଟେ ପ୍ରସ୍ଥାନ ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ଅନୁସାରେ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ, ନା ପୂର୍ବ ପ୍ରସ୍ତାବରେ ହେବ ପରିବର୍ତ୍ତନ ? ସେବାୟତଙ୍କ କହିବା କଥା, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥା ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ । ତେବେ ଏହା ଶୀଘ୍ର ଲାଗୁ ହେବା ଉଚିତ । ଭକ୍ତମାନେ ମଧ୍ୟ ଏହି ନିଷ୍ପତ୍ତିକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ମତ ରଖୁଛନ୍ତି । ନାଟ ମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ହେଲେ ସାହାଣ ମେଲା ଦର୍ଶନରୁ ବଂଚିତ ହେବେ କି ଭକ୍ତ ? ନାଟ ମଣ୍ଡପରେ ଧାଡ଼ି ଲାଗିଲେ ଘଣ୍ଟା ଘଣ୍ଟା ଧରି ଶ୍ରଦ୍ଧାଳୁଙ୍କୁ ଅପେକ୍ଷା କରିବାକୁ ପଡ଼ିବନି ତ ? ଅପେକ୍ଷା, ନୂଆ ପରିଚାଳନା କମିଟି ଏ ଦିଗରେ ଆଗକୁ କି ନିଷ୍ପତ୍ତି ନେଉଛି ।

୨ରୁ ୩ଦିନରେ ସରିବ ଖାତା ଦେଖା : ମେ'ରେ ମାଟ୍ରିକ ରେଜଲ୍ଟ

କଟକ,୦୮/୦୪(ଆ.ପ୍ର):ଆସିଲା ମାଟ୍ରିକ ରେଜଲ୍ଟ ତାରିଖ । ମେ' ମାସ ଦ୍ୱିତୀୟ ସପ୍ତାହରେ ଆସିବ ଫଳାଫଳ । ଏହି ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ । ଖାତା ଦେଖାରେ ସାମାନ୍ୟ ବିଳମ୍ବ ହୋଇଛି । ୨ରୁ ୩ ଦିନ ମଧ୍ୟରେ ସରିବ ଖାତା ଦେଖା କାର୍ଯ୍ୟ । AI ଓ ଛକ କୋଡ୍ ଦ୍ୱାରା ସଫଳ ହୋଇଛି ପରୀକ୍ଷା ପରିଚାଳନା । ବିଜ୍ଞାନ ପ୍ରଶ୍ନପତ୍ରରେ ୪ ମାର୍କ କମ ନେଇ କିଛି ଅସୁବିଧା ହେବନି । ଗ୍ରେସ ମାର୍କ ସଂପର୍କରେ ନିଷ୍ପତ୍ତି ନେବ ପରିଚାଳନା କମିଟି । ତେବେ ମେ' ମାସର କେଉଁ ତାରିଖରେ ପରୀକ୍ଷା ଫଳ ଆସିବ ସେ ନେଇ ବୋର୍ଡ ସଭାପତି କିଛି ସ୍ପଷ୍ଟ କରିନାହାନ୍ତି । ଚଳିତ ବର୍ଷ ଫେବୃଆରୀ ୨୧ ତାରିଖରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା । ରାଜ୍ୟରେ ହୋଇଥିବା ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୫ ଲକ୍ଷ ୨୨ ହଜାର ୩୩୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । କପି ରୋକିବା ପାଇଁ ୪ ସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା ହୋଇଥିଲା । ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିବା ସହ ୬ ଶହ କେନ୍ଦ୍ରରେ ଲାଇଭ ଭିଡିଓ ବ୍ୟବସ୍ଥା ହୋଇଥିଲା । ସେହିପରି ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ଛକ କୋଡ଼ ବ୍ୟବସ୍ଥା ହୋଇଥିଲା ।

ସାରା ଦେଶରେ ବଢ଼ିଲା ଗ୍ୟାସ୍ ଦର

ଭୁବନେଶ୍ୱର ,୦୮/୦୪(ଆ.ପ୍ର):ଦରଦାମ ବୃଦ୍ଧିରେ ସନ୍ତୁଳି ହେଉଥିବା ଆମ୍ ଆଦ୍‌ମୀଙ୍କୁ ମିଳିଛି ଝଟ୍‌କା । ଖାଦ୍ୟ ସାମଗ୍ରୀ ଦର ଆକାଶ ଛୁଇଁଥିବାବେଳେ ଲୋକେ ବହୁ କଷ୍ଟରେ ଘର ଚଳାଉଛନ୍ତି । ଏଭଳି ସ୍ଥିତିରେ ଗ୍ୟାସ ଦରବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସାଜିଛି । ସୋମବାର ତୈଳ ବିପଣନ କମ୍ପାନିଗୁଡ଼ିକ ସିଲିଣ୍ଡର ପିଛା ଘରୋଇ ଏଲପିଜି ଦରରେ ୫୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି । ନୂଆ ଦର ମଙ୍ଗଳବାରଠାରୁ ଲାଗୁ ହେବ । ସବ୍‌ସିଡି ଏବଂ ଅଣ-ସବ୍‌ସିଡି ଉଭୟ ଗ୍ରାହକଙ୍କ ପାଇଁ ଏହି ଦରବୃଦ୍ଧି କାର୍ଯ୍ୟକାରୀ ହେବ । ଭୁବନେଶ୍ୱରରେ ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ଅଣ-ସବ୍‌ସିଡି ଏଲପିଜି ଦର ୮୨୯ ଟଙ୍କାରୁ ବଢ଼ି ୮୭୯ ଟଙ୍କା ହେବ । କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ପାଇଁ ନୂଆ ଦର ୫୦୦ ଟଙ୍କାରୁ ବୃଦ୍ଧି ପାଇ ୫୫୦ ଟଙ୍କା ହେବ । ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି ଯେ, ଖର୍ଚ୍ଚଠାରୁ କମ୍ ଦରରେ ସିଲିଣ୍ଡର ବିକ୍ରି କରିବା କାରଣରୁ ତୈଳ ବିପଣନ କମ୍ପାନିଗୁଡ଼ିକ ପ୍ରାୟ ୪୧,୦୦୦ କୋଟି ଟଙ୍କାର କ୍ଷତି ସହିଛନ୍ତି । ଏହି କ୍ଷତିକୁ ଭରଣା କରିବା ପାଇଁ ଗ୍ୟାସ ଦର ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି । ଚଳିତମାସ ୧ ତାରିଖରେ କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡର ଦରରେ ୪୪.୫୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରାଯାଇଥିଲା । ଅନ୍ତିମ ଥର ପାଇଁ ସରକାର ୨୦୨୪ ମାର୍ଚ୍ଚ ୮ରେ ମହିଳା ଦିବସ ଉପଲକ୍ଷେ ଘରୋଇ ଏଲପିଜି ଦରରେ ୧୦୦ ଟଙ୍କା ହ୍ରାସ କରିଥିଲେ । ସୂଚନାଯୋଗ୍ୟ, ତୈଳ କମ୍ପାନିଗୁଡ଼ିକ ପ୍ରତିମାସ ପୂର୍ବ ମାସର ଅନ୍ତରାଷ୍ଟ୍ରୀୟ ଦର, ମୁଦ୍ରାର ବିନିମୟ ମୂଲ୍ୟ ଏବଂ ଅନ୍ୟ ଖର୍ଚ୍ଚ ଆଧାରରେ ଏଲପିଜିର ମୂଳଦର ଧାର୍ଯ୍ୟ କରିଥାନ୍ତି । ଏହାପରେ ଟିକସ, ପରିବହନ ଖର୍ଚ୍ଚ ଏବଂ ଡିଲର କମିଶନ ଯୋଡ଼ି ଖୁଚୁରା ଦର ନିର୍ଦ୍ଧାରଣ କରାଯାଇଥାଏ । ସବ୍‌ସିଡିଯୁକ୍ତ ସିଲିଣ୍ଡର ପାଇଁ ସରକାର ଅନ୍ତରକୁ ଭରଣା କରିଥାନ୍ତି । କିନ୍ତୁ ଅଣ-ସବ୍‌ସିଡିଯୁକ୍ତ ସିଲିଣ୍ଡର ପାଇଁ ଗ୍ରାହକ ସମ୍ପୂର୍ଣ୍ଣ ମୂଲ୍ୟ ଦେଇଥାନ୍ତି ।

୧୦ରୁ ବିଦ୍ୟାଳୟରେ ୟୁଏସ୍ ଉପସ୍ଥାନ ଲାଗୁ

ଭୁବନେଶ୍ୱର,୦୮/୦୪(ଆ.ପ୍ର):ଆସନ୍ତା ୧୦ ତାରିଖରୁ ବିଦ୍ୟାଳୟରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ୍) ମଡ୍ୟୁଲ ଉପସ୍ଥାନ ଲାଗୁ ହେବ । ଏନେଇ ଓସେପା ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଓକାଲ କମ୍ପ୍ୟୁଟର ଲାବ୍‌ରେ ମାର୍ଚ୍ଚ ୬ରୁ ୧୩ ତାରିଖ ମଧ୍ୟରେ ଜିଲା ଓ ବ୍ଲକସ୍ତରର ମାଷ୍ଟର ଟ୍ରେନରଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା । ଏହି ମଡ୍ୟୁଲ ନେଇ ମାର୍ଚ୍ଚ ୨୯ ସୁଦ୍ଧା ସିଆରସିସି ଏବଂ ପ୍ରଧାନଶିକ୍ଷକଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଯେଉଁ ଜିଲାରେ ତାଲିମ ସରିନାହିଁ, ୯ ତାରିଖ ସୁଦ୍ଧା ଶେଷ କରିବାକୁ କୁହାଯାଇଛି । ୧୦ ତାରିଖରୁ ସମସ୍ତ ବିଦ୍ୟାଳୟରେ ୟୁଏଏସ୍ ମଡ୍ୟୁଲ ଉପସ୍ଥାନ ସହ ବିଦ୍ୟାଳୟ ମନିଟରିଂ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଆତ୍ମସମର୍ପଣ କଲେ ୨୬ ନକ୍ସଲ

ଲୋନ ବର୍ରାଟୁ
ଘର ବାପସ ଆଇୟେ ଅଭିଯାନ

ମାଲକାନଗିରି,୦୮/୦୪(ଆ.ପ୍ର):ଲାଲ୍ ସଂଗଠନକୁ ଝଟ୍‌କା । ଛତିଶଗଡର ଦାନ୍ତେୱାଡାରେ ସୁରକ୍ଷା ବାହିନୀ ନିକଟରେ ୨୬ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୩ ଜଣଙ୍କ ମୁଣ୍ଡରେ ୫୦ ହଜାରରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ରହିଥିଲା । ଦାନ୍ତେୱାଡା ଏସ୍‌ପି ଗୌରବ ରାୟଙ୍କ ସୂଚନା ଅନୁସାରେ ଆତ୍ମସମର୍ପଣ କରିଥିବା ନକ୍ସଲମାନେ ହେଉଛନ୍ତି ଜନମିଲିସିଆ, ଜନତାନ ସରକାର ଓ ଆରପିସି (ରିଭୋଲ୍ୟୁସନାରୀ ପାର୍ଟି କମିଟି)ର ସଦସ୍ୟ । ଏହା ଛଡା ଦଣ୍ଡକାରଣ୍ୟ ଆଦିବାସୀ କିଷାନ ମଜଦୁର ସଙ୍ଗଠନ ଓ ଚେତନା ନାଟ୍ୟ ମଣ୍ଡଳୀ ଭଳି ନକ୍ସଲଙ୍କ ଛାମୁଆଁ ସଙ୍ଗଠନର ସଦସ୍ୟ ମଧ୍ୟ ଅଛନ୍ତି । ନକ୍ସଲଙ୍କ ତ୍ରୁଟିପୂର୍ଣ୍ଣ ବିଚାରଧାରାକୁ ଛାଡି ସେମାନେ ବରିଷ୍ଠ ପୁଲିସ ଓ ସିଆରପିଏଫ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏହି ନକ୍ସଲଙ୍କ ମଧ୍ୟରେ ଅଛନ୍ତି ଆମଦାଇ ଏରିଆ ଜନମିଲିସିଆ କମାଣ୍ଡର ରାଜେଶ କଶ୍ୟପ, ଜନତାନ ସରକାର ସ୍କ୍ୱାଡ଼ ମୁଖ୍ୟ କୋଶା ଦେବୀ ଓ ଚେତନା ନାଟ୍ୟ ମଂଚର ଛୋଟୁ କୁଞ୍ଜମ । ରାଜେଶ କଶ୍ୟପଙ୍କ ମୁଣ୍ଡରେ ୩ ଲକ୍ଷ, କୋଶା ଦେବୀଙ୍କ ମୁଣ୍ଡରେ ୧ ଲକ୍ଷ ଏବଂ ଛୋଟୁ କୁଞ୍ଜମଙ୍କ ମୁଣ୍ଡ ଉପରେ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା । ଏହାକୁ ମିଶାଇ କେବଳ ଦାନ୍ତେୱାଡାରେ ଗତ ୨୦୨୦ ଜୁନ୍‌ରୁ ଏପର୍ଯ୍ୟନ୍ତ ମୋଟ ୯୫୩ ଜଣ ନକ୍ସଲ ଆତ୍ମସମର୍ପଣ କରିସାରିଲେଣି ।

ନବୀନ ନିବାସରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୦୮/୦୪(ଆ.ପ୍ର):ନବୀନ ନିବାସରେ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ, ଅରୁଣ ସାହୁ, କନିକେଶ ନାରାୟଣ ସିଂଦେଓ, ପ୍ରତାପ ଜେନା, ଅନଙ୍ଗ ଉଦୟ ସିଂହ ଦେଓ, ପ୍ରସନ୍ନ ଆଚାର୍ଯ୍ୟ ଏହି ବୈଠକରେ ସାମିଲ ଥିଲେ । ବୈଠକ ପରେ ଅରୁଣ ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ, ନବୀନ ପଟ୍ଟନାୟକ ଅଛନ୍ତି, ଦଳ ମଜଭୁତ ଅଛି । ଲୋକମାନଙ୍କ ଭରସାର ଦଳ ହୋଇ ରହିବ । ଆଜି ସମ୍ପୂର୍ଣ୍ଣ ଭାବେ ସଂଗଠନ କାର୍ଯ୍ୟକ୍ରମକୁ ଆଗେଇବାକୁ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲୁ । ରାଜ୍ୟ ସଭାପତି, ଜିଲା ସଭାପତି ଓ ରାଜ୍ୟ କମିଟି ସହ ଅନ୍ୟ କର୍ମକର୍ତ୍ତା ଚୟନ ନେଇ ଆଲୋଚନା ହୋଇଛି । ସଂଗଠନ ନିର୍ବାଚନ କାର୍ଯ୍ୟକ୍ରମ ଚାଲିଛି । ସେହିପରି ବିଜେଡି କାର୍ଯ୍ୟକ୍ରମ ରୂପାନ୍ତର କମିଟି ଆବାହକ ସଞ୍ଜୟ ଦାସବର୍ମା କହିଛନ୍ତି, ଆଜି ଦଳର ବରିଷ୍ଠ ନେତାମାନେ ଆଲୋଚନା କରୁଛନ୍ତି । ୩୩ ସାଙ୍ଗଠନିକ ଜିଲାରେ କିପରି ସଭାପତି ନିର୍ବାଚନ ହେଉଛି, ବ୍ଲକ ସଭାପତି ଚୟନରେ କଣ ସମସ୍ୟା ରହୁଛି, କିଭଳି ନିର୍ବାଚନ ଠିକ୍ ଭାବେ ହେବ, ସେନେଇ ସଭାପତିଙ୍କୁ ଅବଗତ କରିଛୁ । ଅନ୍ୟ ସବୁ କଥା କାଲି ସ୍ପଷ୍ଟ ହୋଇଛି । ସବୁ ସନ୍ଦେହର ଶୀଘ୍ର ସମାଧାନ ହେବ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୃଢ଼ ବିରୋଧୀ ଦଳ ସହ ଲୋକଙ୍କ ଆଶା ଓ ଭରସାର ଦଳ ହୋଇ ରହିବ ।

ୱାକଫ୍ ଆଇନକୁ ନେଇ ମୁର୍ଶିଦାବାଦରେ ହିଂସା

କୋଲକାତା,୦୮/୦୪(ନ୍ୟୁ.ଏ):ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାରେ ୱାକଫ୍ ଆଇନକୁ ନେଇ ହିଂସା । ବିକ୍ଷୋଭ ପ୍ରଦର୍ଶନ ବେଳେ ପ୍ରଦର୍ଶନକାରୀ ଓ ପୋଲିସ ଧସ୍ତାଧସ୍ତି । ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିବା ସହିତ ପୋଡ଼ାଜଳା କରିଛନ୍ତି ଉପଦ୍ରବୀ । ଏଥିରେ କିଛି ପୋଲିସକର୍ମୀ ଓ ବିକ୍ଷୋଭକାରୀ ଆହତ ହୋଇଛନ୍ତି । ଶୁକ୍ରବାର ଜଙ୍ଗିପୁର କ୍ଷେତ୍ରରେ ସଂଖ୍ୟାଲଘୁ ସଂପ୍ରଦାୟର ଲୋକ ୱାକଫ୍ ଆଇନକୁ ବିରୋଧ କରି ପ୍ରଦର୍ଶନ କରିଥିଲେ । ବହୁ ସଂଖ୍ୟାରେ ଲୋକ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିବା ସହିତ ନାରାବାଜି କରିଥିଲେ । ଏହି ସମୟରେ ପୋଲିସ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲା । ହେଲେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଛି । ଚାହିଁଚାହିଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା । ପ୍ରଦର୍ଶନକାରୀମାନେ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିବା ସହିତ ସେଥିରେ ନିଆଁ ଲଗାଇ ଦେଇଥିଲେ । ପୋଲିସ ଉପରକୁ ପଥରମାଡ଼ ମଧ୍ୟ କରିଥିଲେ । ଆଇନଶୃଙ୍ଖଳା ସ୍ଥିତି ବଜାୟ ରଖିବାକୁ ପୋଲିସ ଲାଠିଚାର୍ଜ କରିବା ସହିତ ଟିୟର ଗ୍ୟାସ୍ ମାଡ଼ କରିଥିଲା । ସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ସ୍ଥାନୀୟ ଅଂଚଳରେ ଅତିରିକ୍ତ ପୋଲିସବଳ ମୁତୟନ କରାଯାଇଛି । ସେହିପରି ଶାନ୍ତି ବଜାୟ ରଖିବାକୁ ପ୍ରଶାସନ ଲୋକଙ୍କୁ ଅପିଲ୍ କରିଛି । ସେପଟେ ପ୍ରଦର୍ଶନକାରୀମାନେ ଚେତାବନୀ ଦେଇ କହିଛନ୍ତି, କେନ୍ଦ୍ର ସରକାର ୱାକଫ୍ ସଂଶୋଧନ ବିଧେୟକ ଫେରାଇ ନ ନେବା ପର୍ଯ୍ୟନ୍ତ ବିରୋଧ ପ୍ରଦର୍ଶନ ଜାରି ରହିବ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ସିନାପାଲି ଭାଜପା ପକ୍ଷରୁ ସରଧାପୁର ସ୍ଥିତ ଯାଦବ ଭବନ ଠାରେ ପ୍ରତିଷ୍ଠା ଦିବସ ପାଳିତ

ସିନାପାଲି, ୦୮/୦୪ (ଆ.ପ୍ର) : ଭାରତୀୟ ଜନତା ପାର୍ଟିର ୪୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ସିନାପାଲି ମଣ୍ଡଳ ରେ ସରଧାପୁର ସ୍ଥିତ ଯାଦବ ଭବନ ଠାରେ ସିନାପାଲି ମଣ୍ଡଳ ପକ୍ଷରୁ ପାଳିତ ପ୍ରତିଷ୍ଠା ଦିବସରେ ୧୪ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଆଶା ଜୈନ ଯୋଗ ଦେଇ ଭାଜପା ଏକ ବୃହତ ଗଣତାନ୍ତ୍ରିକ ରାଜନୈତିକ ପାର୍ଟି, ଆମେ ଏହି ପାର୍ଟିର କାର୍ଯ୍ୟକର୍ତ୍ତା ହୋଇଥିବାରୁ ନିଜକୁ ଗୌରବମାନେ କରୁ ଅଛୁ । ଅନେକ ରାଜ୍ୟ ସହ କେନ୍ଦ୍ର ରେ 'କମଳ' ଫୁଟିଛି । ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଆଜି ବିଶ୍ୱ ଗୁରୁ ଭାବେ ପରିଗଣିତ କରି ପାରିଛି ବୋଲି କହିଥିଲେ । ମଣ୍ଡଳ ପ୍ରତିନିଧି ପୁରୁଷୋତ୍ତମ ମଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ଜିଲ୍ଲା ସଭାପତି ସୁବ୍ରତ କୁମାର ଠାକୁର, ଶିବପ୍ରସାଦ ମୁଣ୍ଡ, ମାର୍କଣ୍ଡ ଗହୀର, ସତୀଶ ଯୋଶୀ, ପ୍ରିୟରଞ୍ଜନ ମେହେର, ଅମିତ ଜୈନ, ଡିସ୍ମର ଛତ୍ରିଆ, ବିଶେଶ୍ୱର ମେହେର,ପ୍ରତାପ ମେହେର,ବିଭିନ୍ନ ଗ୍ରାମପଞ୍ଚାୟତର ଯୁବ ମୋର୍ଚ୍ଚା, ସଭାପତି, ସମ୍ପାଦକ, ଯୋଗଦେଇ ପ୍ରତିଷ୍ଠା ଦିବସ ଅବସରରେ ଅଭିମତ ରଖିଥିଲେ । ଏହି ମଣ୍ଡଳ ଅଧୀନ ସମସ୍ତ ଗ୍ରାମପଞ୍ଚାୟତର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ । ମଣ୍ଡଳର କାର୍ଯ୍ୟକର୍ତ୍ତା ପ୍ରିୟରଞ୍ଜନ ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ତାଳପଦାରେ ଲକ୍ଷ୍ମୀ ନାରାୟଣ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ

ଧାମନଗର, ୦୮/୦୪ (ଆ.ପ୍ର) : ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ତାଳପଦା ଗ୍ରାମରେ ପୂଜା ପାଉଥିବା ଲକ୍ଷ୍ମୀ ନାରାୟଣ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବ୍ରାହ୍ମଣ ମନ୍ମଥ ପଣ୍ଡାଙ୍କ ନେତୃତ୍ୱରେ ଭାବଗ୍ରାହି ତ୍ରିପାଠୀ, ରବୀନ୍ଦ୍ର ଦାଶ ଓ କାଳନ୍ଦୀ ତ୍ରୀପାଠୀ ପ୍ରମୁଖ ସୁଚାରୁ ରୂପେ ପୂଜା କାର୍ଯ୍ୟ ତୁଲାଇଥିଲେ । ପ୍ରଥମେ ସୂର୍ଯ୍ୟ ପୂଜା, କଳସ ପୂଜା ସରିବା ପରେ ଗଣପତି ପୂଜା, ପାଶ୍ୱଦେବୀ ପୂଜା, ଅଗ୍ନି ସଂଯୋଗ, ଯଜ୍ଞ ଓ ଶେଷରେ ପୂର୍ଣ୍ଣାହୁତି ଦିଆଯାଇଥିଲା । ଶୁଭ୍ରାଂଶୁ ଶେଖର ଜେନା ଓ ପ୍ରିତିମୟୀ ଜେନା କର୍ତ୍ତା ଭାବେ ଯଜ୍ଞ କାର୍ଯ୍ୟରେ ସମ୍ପାଦନା କରିଥିଲେ । ପ୍ରକାଶ ଥାଉକି ଅବସରପ୍ରାପ୍ତ ଶିକ୍ଷକ ଭାଗିରଥି ଜେନାଙ୍କୁ ଲକ୍ଷ୍ମୀ ନାରାୟଣଙ୍କ ସପ୍ନାଦେଶ ପରେ ମନ୍ଦିର ନିର୍ମାଣ କରିଥିବା ବେଳେ ଚଳିତ ବର୍ଷ ଏହି ପୂଜା ଚତୁର୍ଥ ବର୍ଷରେ ପଦାର୍ପଣ କରିଛି । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଜୀବ ମହାନ୍ତିଙ୍କ ସମେତ ଅନ୍ୟ ମାନଙ୍କ ମଧ୍ୟରେ କାଠିଆ ଘଡ଼ାଇ,ଆଲୋକ ଜେନା, ଅନେକ ଶିକ୍ଷକ, ତହସିଲ୍ କର୍ମଚାରୀ ଓ ଆଖପାଖ ଅଂଚଳର ଭକ୍ତ ଓ ଶ୍ରଦ୍ଧାଳୁ ମନ୍ଦିରରେ ପହଂଚି ଦର୍ଶନ କରିବା ସହ ଆଶ୍ରିବାଦ ଗ୍ରହଣ କରିଥିଲେ ।

ସହିଦ ନଗର ପିଏମଶ୍ରୀ ହାଇସ୍କୁଲର ବାର୍ଷିକୋତ୍ସବ ଶିକ୍ଷାନୁଷ୍ଠାନ ପରିବର୍ତ୍ତନର ବାହକ : ସୂରଜ

ଧାମନଗର, ୦୮/୦୪ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ସହିଦ ନଗର ଅଧିନ ପିଏମଶ୍ରୀ ହାଇସ୍କୁଲର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରି ସମାଜରେ ଘଟିଥିବା ପରିବର୍ତ୍ତନ ଆନ୍ଦୋଳନ ଆଦି ଶିକ୍ଷାନୁଷ୍ଠାନରୁ ଆରମ୍ଭ ହୋଇଥାଏ ପ୍ରକାଶ କରି ପିଏମଶ୍ରୀ ସ୍କୁଲ ଯୋଜନା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ସୃଜନଶୀଳତା ଏବଂ ଜୀବନ ନିର୍ମାଣରେ ସହାୟକ ହେବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧାମନଗର ବିଡିଓ ବନ ବିହାରୀ ଦିଣ୍ଡା, ବ୍ଲକ ଶିକ୍ଷାଧିକାରୀ ଡ଼ ପ୍ରଫୁଲ୍ଲ କୁମାର ସାହୁ, ପ୍ରାକ୍ତନ ପଂଚାୟତ ସମିତି ଉପାଧ୍ୟକ୍ଷ ମନୋରଞ୍ଜନ ମଲ୍ଲିକ, ବରିଷ୍ଠ ନେତା ରଘୁନାଥ ଲେଙ୍କା, ପ୍ରାକ୍ତନ ସରପଂଚ ରାଜେନ୍ଦ୍ର ସାହୁ, ଗୟାଧର ନାୟକ, ସମାଜସେବୀ ତୁଷାର ମିଶ୍ର, ବୃନ୍ଦଦେବ ଜେନା, ଶର୍ମାନନ୍ଦ ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ ସଭା ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ନିବେଦିତା ନାୟକ ବେଦ ପାଠ କରିଥିଲେ । ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଏବଂ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ମଂଚରେ ଜେଆରସି ଏବଂ ସ୍କାଉଟ ଗାଇଡ୍ ଟିମ ସହିତ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ ବିଦ୍ୟାଳୟ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ଅଶୋକ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

ଓଡ଼ିଆ ପକ୍ଷ ପାଳନ ଅବସରରେ ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ତରଫରୁ ରକ୍ତଦାନ ଶିବିର

ଭବାନୀପାଟଣା, ୦୮/୦୪ (ଆ.ପ୍ର) : ଓଡ଼ିଆ ପକ୍ଷ ପାଳନ ଅବସରରେ ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ୍ ରିବନ କ୍ଲବ୍ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇ ଯାଇଛି । ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ପୃଷ୍ଠପୋଷକତାରେ ଆୟୋଜିତ ରକ୍ତ ଶିବିରକୁ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ବର୍ଦ୍ଧମାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ବିଜେପି ଜିଲ୍ଲା ସଭାପତି ଯୁଗଳ ପୋଡ଼, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିନତୀ ଲତା ରାଉତ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାର ରଞ୍ଜନ ପଣ୍ଡା, ଉପ କୁଳସଚିବ ଡ. ଜୟଦେବ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ୍ , ଭବାନୀପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଭବାନୀପାଟଣା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ , ସାମାଜିକ କର୍ମୀ ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଡ. ରଜନୀ କାନ୍ତ ଜେନା, କ୍ୟାପଟେନ ଭବାନୀ ଶଙ୍କର ପଣ୍ଡା, ସୁଧୀର କୁମାର ପଣ୍ଡା, ବିଶ୍ୱ ରଞ୍ଜନ ବେହେରା, ଚନ୍ଦ୍ରବ୍ରତ ବେହେରା, ରାଇ ମୋହନ ମାଝୀ, ଅଭିଜିତ ପାଟଯୋଷି, କୁମାର ମନ୍ମନ ସାହୁ, ଜେ. ଏସ୍ . ଅମର୍ତ୍ତ୍ୟ ବଣିଆ ପ୍ରମୁଖ ବିଭିନ୍ନ ମହାବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ମାନେ ସକ୍ରିୟ ସହଯୋଗ କରିଥିଲେ । ଏହି ରକ୍ତଦାନ ଶିବିରକୁ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ତଥା ଜିଲ୍ଲା ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁ ସଂଯୋଜନା କରିଥିଲେ ଓ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ୍ ରିବନ୍ କ୍ଲବ୍ ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀମାନେ ପରିଚାଳନା କରିଥିଲେ । ଭବାନୀପାଟଣାସ୍ଥିତ ଓଡ଼ିଶା ରକ୍ତ କେନ୍ଦ୍ର ଅଧିକାରୀ ଡା . ବିଭେନ୍ଦୁ କୁମାର ବଳ ତଥା ରକ୍ତ କେନ୍ଦ୍ରର ସହକାରୀ କୃଷ୍ଣଚନ୍ଦ୍ର ସାହୁ, ଗିରିଶ ନାଏକ, ସଞ୍ଜୀବ ମହାକୁଡ଼, ଅଜିତ ନାଏକ ପ୍ରମୁଖଙ୍କ ସହାୟତାରେ ମୋଟ ୭୮ ୟୁନିଟ୍ ରକ୍ତ ସଂଗ୍ରହୀତ ହୋଇଥିଲା ।

କାର୍ଯ୍ୟରତ ମହିଳା ସାମ୍ବାଦିକାଙ୍କୁ ଆକ୍ରମଣ ପ୍ରତିବାଦରେ ଚାରିଛକ ସାମ୍ବାଦିକ ସଂଘର ନିନ୍ଦା

ନିମାପଡା, ୦୮/୦୪ (ଆ.ପ୍ର) : ପୁରୀରେ କାର୍ଯ୍ୟରତ ଜଣେ ମହିଳା ସାମ୍ବାଦିକାଙ୍କୁ ଆକ୍ରମଣ ପ୍ରତିବାଦରେ ଚାରିଛକ ସାମ୍ବାଦିକ ସଂଘ ତରଫରୁ ଦୃଢ ନିନ୍ଦା କରାଯାଉଛି । ଗତ ରବିବାରଦିନ ପୂର୍ବାହ୍ନରେ ଜଣେ ମହିଳା ସାମ୍ବାଦିକାଙ୍କୁ କେତେଜଣ ସେବାୟତ ଆକ୍ରମଣ କରିଥିବା ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ଆକ୍ରମଣର ଦୁଇଦିନ ବିତିଯାଇଥିଲେ ସୁଧା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆକ୍ରମଣକାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଅତି ଦୁଃଖ ଓ ପରିତାପର ବିଷୟ । ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାରିଛକ ସାମ୍ବାଦିକ ସଂଘ ପକ୍ଷରୁ ଦାବୀ ହୋଇଛି ।

ଗଞ୍ଜେଇ ସହ କାର ଜବତ, ୧ଗିରଫ

ଦଶପଲ୍ଲା ୦୮/୦୪(ଆ, ପ୍ର) ଦଶପଲ୍ଲା ଅବକାରୀ ଓ ନୟାଗଡ ଅବକାରୀ ମିଳିତ ଭାବେ ପେଟ୍ରୋଲିଂ କରୁଥିବା ସମୟରେ ଏକ ଓଡ଼ି ଜିରୋଟୁ ଏକେ ପାଂଚ ପାଂଚ ଏକଏକ ମହେନ୍ଦ୍ରା ଏକ୍ସୟୁଭି କାରକୁ ସନ୍ଦେହରେ ଅଟକାଇଥିଲେ । ଫଳରେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା । କାର ଓ ଗଞ୍ଜେଇ ସହ ଜଣକୁ ଗିରଫ କରାଯାଇଛି । ଗିରଫ ଜଣକ ହେଲେ କଟକ ଜିଲ୍ଲାର ତିଗିରିଆ ଥାନା ଅନ୍ତର୍ଗତ କେମାଦେଇପୁର ଗ୍ରାମର ଶ୍ରୀନିବାସ ବେହେରାଙ୍କ ପୁଅ ରାଜକିଶୋର ବେହେରାଙ୍କୁ ଗିରଫ କରାଯିବା ସହ ୮୩କେଜି ଗଞ୍ଜେଇ, ଜବତ କରାଯାଇଛି । ଏହି ପେଟ୍ରୋଲିଂ ସମୟରେ ଦଶପଲ୍ଲା ଅବକାରୀ ବିଭାଗ ଅଧିକାରୀ ଭବାନୀ ଶଙ୍କର ବେହେରା ଏବଂ ନୟାଗଡ଼ ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ଚିନ୍ମୟ ଦଳେଇଙ୍କ ସହିତ ପ୍ରହଲ୍ଲାଦ ପ୍ରଧାନ, ସନ୍ତୋଷ ପ୍ରଧାନ, ସଞ୍ଜୀବ ମହାପାତ୍ର, ପ୍ରଦୀପ୍ତ କୁମାର ନାୟକ, କୃଷ୍ଣ ନାୟକ, ଭାରତୀ ବରାଡ ପ୍ରମୁଖ ସାମିଲ ଥିଲେ ।

ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ନିମନ୍ତେ ସମ୍ମାନିତ

ଜି.ଉଦୟଗିରି, ୦୮/୦୪ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ନୂଆ ବିଦ୍ୟାର୍ଥୀ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆ ପାଇଁ ଶିକ୍ଷା ସଚେତନତା ରଥ ଭ୍ରମଣର କାର୍ଯ୍ୟକ୍ରମ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବ୍ୟ ପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ଦୁଇ ତାରିଖରୁ ଆରମ୍ଭ ହୋଇଥିଲା । ଉକ୍ତ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ୨୦୨୫କୁ ବିଭିନ୍ନ ବିଦ୍ୟାଳୟ ଗୁଡ଼ିକ ଉଲ୍ଲାସରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିବାରୁ ଜି.ଉଦୟଗିରି ବ୍ଲକ୍‌ର ୩ ଟି ବିଦ୍ୟାଳୟ ଯଥା ରାବା ନାଲୁ ପ୍ରାଥମିକ ବିଦ୍ୟାଳୟ, ରାଇପଲି ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ବାଳିକାମ୍ବା ପ୍ରାଥମିକ ବିଦ୍ୟାଳୟକୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତରଫରୁ ସମ୍ମାନିତ କରାଯାଇଛି ।

କାନକୁଟୁରୁ ପଂଚାୟତର ବିଭିନ୍ନ ସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଭବାନୀପାଟଣା, ୦୮/୦୪ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ କାନକୁଟରୁ ପଂଚାୟତର ବିଭିନ୍ନ ସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାନକୁଟରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଗଣପତି ଗଜାନନ ଶ୍ରୀଗଣେଶଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରାଯାଇ ଅତିଥି ମାନଙ୍କୁ ମଂଚରେ ଉପବେଶନ କରାଯାଇଥିଲା । ପରେ ସମସ୍ତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ କାନକୁଟୁରୁ ସରପଂଚ ବନମାଳୀ ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିବାବେଳେ ବରିଷ୍ଠ ସାମ୍ବାଦିକ କୈଳାସ ସାହୁ ମୁଖ୍ୟବକ୍ତା ଯୋଗଦେଇଥିଲେ. ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଡ଼ନ ଦେବ ମୁଣ୍ଡ, ସଂଯୁକ୍ତା ବିଭାର, ଗୁଣନିଧି ଭୋଇ, ମଧୁସୂଦନ ମାଝୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିବା ବେଳେବୈଶାଖୁ ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ. ପ୍ରଧାନ ଶିକ୍ଷକ ପ୍ରମୋଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିବ ପ୍ରସାଦ ବେହେରା, ଦିଲେଶ୍ୱର ରାଓ, ଡି ପ୍ରେମ କୁମାର,ଗୁଣନିଧି ମାଝୀ,ରାକେଶ ଧମୁଡିଆ, ନିବେଦିତା ସାହୁ ପ୍ରମୁଖ ସହଯୋଗ କରିଥିଲେ ଅଭିଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପାଇକବୋରି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଏକଙ୍କ ନେତୃତ୍ୱରେ ବାର୍ଷିକ ଉତ୍ସବ ମହାଆଡମ୍ବର ସହ ପାଳନ କରାଯାଇଥିଲା ସେହିପରି କାନେଶ୍ୱର -୧, ଜାନବାହାଳୀ, କେନ୍ଦୁଗୁଡା, ସ୍କୁଲରେ ମଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ।

ଯାଜପୁର ସହରରେ ଧୂମଧାମରେ ପାଳିତ ଶ୍ରୀ ରାମନବମୀ

ଯାଜପୁର,୮/୦୪(ଆପ୍ର) : ଯାଜପୁର ସହର ରେ ଧୂମଧାମରେ ପାଳିତ ହୋଇଛି ଶ୍ରୀ ରାମନବମୀ । ଯାଜପୁର ଏକ ଭାଇଚାରାର ସହର ହୋଇଥିବା ବେଳେ ଏଠାକାର ସମସ୍ତ ଜନସାଧାରଣ ସବୁ ଧର୍ମର ପୂଜା ଅର୍ଚ୍ଚନା ଅଥବା ଶୋଭାଯାତ୍ରାକୁ ବଡ଼ ଆଡ଼ମ୍ବରର ସହିତ ପାଳନ କରନ୍ତି । ଶ୍ରୀ ରାମନବମୀ ଉତ୍ସବ ପାଳନ ଉପଲକ୍ଷେ ସମସ୍ତ ଧର୍ମର କର୍ମକର୍ତ୍ତାମାନେ ପରସ୍ପର ସହିତ ଆଲିଙ୍ଗନ କରିବା ସହିତ ଶ୍ରୀ ରାମନବମୀ ଯାତ୍ରାର ସାମିଲ୍ ହୋଇଥିଲେ । ଶ୍ରୀ ରାମଚନ୍ଦ୍ର ପ୍ରଭୁଙ୍କ ପ୍ରତିମା ନିର୍ମାଣ କରାଯାଇ ସହର ମଧ୍ୟରେ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ବିଭିନ୍ନ ପୂଜା କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଆଇନ୍ ଶୃଙ୍ଖଳା ସ୍ଥିତି ଉପରେ ସଜାଗ ରହିଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ସହରର ସମସ୍ତ ମୁଖ୍ୟ ରାସ୍ତା ସହିତ ସହର ମଧ୍ୟରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଟାଉନ୍ ଥାନା ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରାଯାଇ ସହର ମଧ୍ୟରେ ପରିକ୍ରମା କରିବା ସହିତ ଆଇନ ଶୃଂଖଳା ଉପରେ ନଜର ରଖିଥିଲେ । ଟାଉନ୍ ଥାନା ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ଉତ୍ତମ ସେବା ସହିତ ଉପଯୁକ୍ତ ନ୍ୟାୟ ବିଚାର ସହିତ ଜନସାଧାରଣ ମାନଙ୍କୁ ଆଇନ ବିଷୟରେ ସଚେତନତା କରାଉଥିବା ହେତୁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଶ୍ରୀ ରାମନବମୀ ଯାତ୍ରାରେ ପୂର୍ବତନ କାଉନସିଲ ତଥା ବରିଷ୍ଠ ସମାଜସେବୀ ସେକ ଅବଦୁଲ ସାଜିଦଙ୍କ ନେତୃତ୍ୱରେ ସେକ ହାଇଦର ଅଲ୍ଲୀ, ସେକ ଅନୱାର ଅଲ୍ଲୀ, ସେକ କାସିଦ, ସେକ ଶାକିର, ସେକ ତଉକିର, ସେକ ତଉସିଫ, ସୁରଜ, ସେକ ବୁଲୁ, ସେକ ସକତ, ସେକ ଅନେଶ, ତୁଫାନୀ, ପାପା, ଟିକି ବାବୁ, ସେକ ରାଜୁ, ଟିକି,ରାଜ୍ଜା ସେକ ତାରିଫ, ବିକି, ସେକ ୟୁନୁସ ପ୍ରମୁଖ ଉପସ୍ଥିତ ରହିଥିଲେ ।

ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ରେକର୍ଡ କଲା ନୂଆପଡା ଜିଲ୍ଲା

ନୂଆପଡ଼ା, ୦୮/୦୪ (ଆ.ପ୍ର) : ବିଗତ ଆର୍ଥିକ ବର୍ଷ ୨୦୨୪/ ୨୫ରେ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ପୂର୍ବ ବର୍ଷର ରେକର୍ଡ ଭାଙ୍ଗିଲା ନୂଆପଡା ଜିଲ୍ଲା । ଗତକାଲି ଖରିଆର ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଜିଲ୍ଲା ରାଜସ୍ୱ ଅଧିକାରୀ ମାନଙ୍କ ବୈଠକରୁ ଜଣା ଯାଇଛିଯେ ନୂଆପଡା ଜିଲ୍ଲା ଏଥର ବିଭିନ୍ନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ରାଜସ୍ୱ ଆଦାୟ କରି ପାରିଛି । ଭୂ ରାଜସ୍ୱ କ୍ଷେତ୍ରରେ ୧୫୮ ପ୍ରତିଶତ ଲକ୍ଷ୍ୟ ହାସଲ କରି ଆଦାୟ ହୋଇଛି ,୦୪,୯୦,୨୩୬ ଟଙ୍କା । ଜିଲ୍ଲା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ୧୨୨ ପ୍ରତିଶତ ଲକ୍ଷ୍ୟ ହାସଲ କରି ଦେଇଛି ୯,୮୦,୭୬,୯୮୫ ଟଙ୍କା । ଜିଲ୍ଲା ଅବକାରୀ ବିଭାଗ ୧୧୯ ପ୍ରତିଶତ ଲକ୍ଷ୍ୟ ହାସଲ କରି ସଂଗ୍ରହ କରିଛି ୨୫,୬୦,୮୧,୫୮୧ ଟଙ୍କା । ବାଣିଜ୍ୟ କର ଓ ଦ୍ରବ୍ୟ ଏବଂ ସେବା କର ବିଭାଗ ୧୧୦ ପ୍ରତିଶତ ଲକ୍ଷ୍ୟ ହାସଲ କରି ଦେଇଛି ୪୫,୬୯,୭୨,୦୦୦ ଟଙ୍କା । ବୈଧ ମାପ ବିଜ୍ଞାନ ବିଭାଗ ୧୧୧ପ୍ରତିଶତ ଲକ୍ଷ୍ୟ ହାସଲ କରି ଦେଇଛି ୨୨,୨୭,୬୫୫ ଟଙ୍କା । ସେହିପରି ଆଂଚଳିକ ପରିବହନ ଅଧିକାରୀ ୧୦୦.୨୫ ପ୍ରତିଶତ ଲକ୍ଷ୍ୟ ହାସଲ କରି ସଂଗ୍ରହ କରିଛନ୍ତି ୧୪,୦୩,୫୫,୫୩୧ ଟଙ୍କା । ଏହି ଅବସରରେ ଆର୍ଥିକ ବର୍ଷ ୨୦୨୪/ ୨୫ ପାଇଁ ଉଦ୍ଦିଷ୍ଟ ୮ ଟି ପାରାମିଟରରେ ଉତ୍ତମ ପ୍ରଦର୍ଶନ ସହିତ ଭଲ ରାଜସ୍ୱ ସଂଗ୍ରହ କରିଥିବାରୁ ତହସିଲଦାର ନୂଆପଡା ପ୍ରଣବ ରଞ୍ଜନ ସାହୁଙ୍କୁ ପ୍ରଥମ, ବୋଡ଼େନ ତହସିଲଦାର ସରିତା ଗୁପ୍ତାଙ୍କୁ ଦ୍ୱିତୀୟ, ତହସିଲଦାର ଖରିଆର ନରସିଂହ ଗଦବାଙ୍କୁ ତୃତୀୟ ପୁରସ୍କାର ଜିଲ୍ଲାପାଳ ପ୍ରଦାନ କରିଥିଲେ । ସେହିପରି ରେକର୍ଡ ରାଜସ୍ୱ ସଂଗ୍ରହ ପାଇଁ କୋମନା ବ୍ଲକ୍ ବୁଧୀ କୋମନା ଆର୍ ଆଇ ରାକେଶ କୁମାର ନାୟକ, ବୋଡ଼େନ ବ୍ଲକ୍ ଆର୍ ଆଇ ଅଜୟ ସିଂ, ନୂଆପଡା ଖରିଆର ରୋଡ଼ ଆର୍ ଆଇ ଧନଞ୍ଜୟ ଦଣ୍ଡସେନା, ଖରିଆର ବ୍ଲକ୍ ବାଦି ଆର୍ ଆଇ ଦେବରାଜ ତ୍ରିପାଠୀ, ସିନାପାଲି ବ୍ଲକ ଉଦୁଆ ମୁଣ୍ଡା ଆର୍ ଆଇ ନେପାଳ ରଣାଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ନିମନ୍ତେ ଜିଲ୍ଲାପାଳ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଭୂ ରାଜସ୍ୱ ତଥା ରାଜସ୍ୱ ସଂଗ୍ରହର ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରରେ ସମର୍ପଣ ଭାବନେଇ ସଂପୃକ୍ତ ଅଧିକାରୀ ମାନେ କାମ କରି ଅଧିକରୁ ଅଧିକ ରାଜସ୍ୱ ସଂଗ୍ରହ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

ସୁନାବେଡ଼ା ଅଭୟାରଣ୍ୟରେ ସିଆର୍‌ପିଏଫ୍ ୨୧୬ ବାଟାଲିୟନ ପକ୍ଷରୁ ସିଭିକ ଆକ୍ସନ ପ୍ରୋଗ୍ରାମ ଆୟୋଜିତ

ନୂଆପଡା, ୦୮/୦୪ (ଆ.ପ୍ର) : ନୂଆପଡା ଜିଲ୍ଲା ସୁନାବେଡା ଅଭୟାରଣ୍ୟ ଅନ୍ତର୍ଗତ ଜାମଗାଁ ଠାରେ ଥିବା ସିଆରପିଏଫ କ୍ୟାମ୍ପ ସମ୍ମୁଖରେ ୨୧୬ ବାଟାଲିୟନ ତରଫରୁ ସିଭିକ ଆକ୍ସନ ପ୍ରୋଗ୍ରାମ ଆୟୋଜିତ ହୋଇଯାଇଛି । ଓଡ଼ିଶା ସେକ୍ଟର ଭୁବନେଶ୍ୱର ଆଇଜିପି ଅମରେନ୍ଦ୍ର ସିନହା ଆଇପିଏସ ଏବଂ ଓଡିଶା ରେଞ୍ଜ ଭୁବନେଶ୍ୱର ଡିଆଇଜିପି କେ ସଜାନୁଦିନଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଆରପିଏଫ କମାଣ୍ଡେଂଟ ଏରିକ ଗିଲବର୍ଟ ଜୋସେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଡେପୁଟି କମାଣ୍ଡେଂଟ ଧନ୍ନାରାମ ଯାଦବ ସୁନାବେଡା ଗ୍ରାମପଂଚାୟତ ସରପଂଚ ରଜନୀ ଭଗତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ମାଓ ପ୍ରବଣ ଅଂଚଳରେ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇ ରୋଜଗାର କ୍ଷମ ହୋଇପାରିବେ ଏହାକୁ ଲକ୍ଷରେ ରଖି ବାଟାଲିଅନ ତରଫରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ କୁ ମହୁମାଛି ପାଳନ ମହମବତୀ ତିଆରି କରିବା ଯନ୍ତ୍ର ପ୍ରଦାନ କରାଯାଇଥିଲା । ଏଥିସହ ସାମୁହିକ ରୋଜଗାର ପାଇଁ ଜୟ ଜଗନ୍ନାଥ ସ୍ୱୟଂ ସହାୟକ ମହିଳା ଗୋଷ୍ଠିକୁ ଧୂପକାଠି ତିଆରି ମେସିନ ପ୍ରଦାନ କରାଯାଇଥିଲା । ଏଥିପାଇଁ ସ୍ୱତନ୍ତ୍ର ତାଲିମର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି କମାଣ୍ଡେଂଟ ଶ୍ରୀ ଜୋଶେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କ ସାମ୍ନାରେ ଉପସ୍ଥାପନା କରିଥିଲେ । ଏଥିସହ ଅଭୟାରଣ୍ୟ ଅନର୍ଗତ ଭାଓସିଲ ଠାରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ସିଆରପିଏଫ ଡାକ୍ତର ଏମ ସୁଜାତା ଡେପୁଟି କମାଣ୍ଡେଂଟ ମୁକେଶ ଉପସ୍ଥିତ ରହି ଅଭୟାରଣ୍ୟ ବାସୀଙ୍କ ସମସ୍ୟା ଦୂର କରିବା ସହ କିଭଳି ଅଧିକା ରୋଜଗାରକ୍ଷମ ହୋଇପାରିବେ ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ସମାନ ସାମଗ୍ରୀ ବଂଟନ କରିଥିଲେ । କନ୍ଧମାଳର ଲଂକାଗଡ଼ରେ ନୂଆପଡା ସିଆରପିଏଫ ୨୧୬ ବାଟାଲିଅନର ଦ୍ୱିତୀୟ କମାଣ୍ଡେଂଟ କୃପାରାମ କନୱାରଙ୍କ ନେତୃତ୍ୱରେ ଏକ କମ୍ପାନୀ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିବାର ସିଆରପିଏଫ ତରଫରୁ ସୂଚନା ମିଳିଛି ।

ମା ବ୍ୟାଘ୍ରବାହିନୀଙ୍କ ମନ୍ଦିରରେ ବାସନ୍ତୀ ଦୁର୍ଗା ପୂଜା

ଟାଙ୍ଗୀ ଚୌଦ୍ୱାର, ୦୮/୦୪ (ଆ.ପ୍ର) : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଆଠ ନମ୍ବର ୱାର୍ଡରେ ସ୍ଥିତ ମା ବ୍ୟାଘ୍ରବାହିନୀ ଯାହାକି ପ୍ରତ୍ୟକ୍ଷ ଠାକୁରାଣୀ ଭାବେ ଖଣ୍ଡମଣ୍ଡଳରେ ପରିଚିତ । କାହିଁ କେଉଁ କାଳରୁ ପୂଜା ପାଇଆସୁଥିବା ମାଙ୍କ ପୀଠସ୍ଥଳୀ ଏବେ ଚଳ ଚଂଚଳ କାରଣ ମା ବାସନ୍ତୀ ଦୁର୍ଗାଙ୍କ ପୂଜା ଅବସରରେ । ପୂଜକ, ଭକ୍ତ ଏବଂ ଦାତାଙ୍କ ମଧ୍ୟରେ ଥାଏ ଆଶା ଓ ବିଶ୍ୱାସ କେବେ ଆସିବ ବାସନ୍ତୀ ଦୁର୍ଗା ପୂଜା ଆଉ ଝଟକିବେ ମା ବ୍ୟାଘ୍ରବାହିନୀ. ଚଳିତ ବର୍ଷ ବେଶ୍ ଧୁମ୍ ଧାମରେ ରେ ପୂଜା ପାଳିତ ହେଉଥିବା ବେଳେ ଶୁକ୍ରବାର ବିଶାଳ କଳସ ଯାତ୍ରା କରି ଆରମ୍ଭ ହୋଇଥିଲା ଏହି ଉତ୍ସବ ଏବଂ ବୁଧବାର ମାଙ୍କୁ ଶୋଭାଯାତ୍ରା କରି ଭସାଣୀ ଉତ୍ସବ କରି ସମ୍ପୂର୍ଣ୍ଣ ହେବ ଏହି ପୂଜା ସୋମବାର ପୂର୍ଣ୍ଣାହୁତି କରାଯାଇ ଭଜନ ସମାରୋହ ମଧ୍ୟ କରାଯାଇଥିଲା । ତେଣୁ ସ୍ଥାନୀୟ ଅଂଚଳ ସହିତ ଆଖପାଖର ସମସ୍ତ ଭକ୍ତଙ୍କ ମନରେ ଦେଖାଦେଇଛି ଭକ୍ତିଭାବ ତଥା ଆନନ୍ଦ ଉଲ୍ଲାସର ସମୟ. ସହ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଏକ ଦିବସୀୟ ବାଲେଶ୍ୱର ଗସ୍ତ

ବର୍ଦ୍ଧନପୁର ଗ୍ରାମ ପଂଚାୟତର ନୂତନ କାର୍ଯ୍ୟାଳୟର କଲେ ଶୁଭ ଉଦ୍ଘାଟନ

ବାଲେଶ୍ୱର, ୦୮/୦୪ (ଆ.ପ୍ର) : ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାର ବିଭିନ୍ନ ରାଜସ୍ୱ, ଜମି ଅଧିଗ୍ରହଣ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକର ସମୀକ୍ଷା କରିଛନ୍ତି । ଉକ୍ତ ବୈଠକରେ ସାଂସଦ, ବାଲେଶ୍ୱର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ଜଳେଶ୍ୱର ଅଶ୍ୱିନୀ ପାତ୍ର, ବିଧାୟକ, ସିମୁଳିଆ ପଦ୍ମଲୋଚନ ପଣ୍ଡା, ବିଧାୟକ, ବାଲେଶ୍ୱର ସଦର ମାନସ କୁମାର ଦତ, ବିଧାୟକ, ନୀଳଗିରି ସନ୍ତୋଷ ଖଟୁଆ, ବିଧାୟିକା ବସ୍ତା ସୁବାସିନୀ ଜେନା, ବିଧାୟକ ଭୋଗରାଇ ଗୌତମବୁଦ୍ଧ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପଜିଲ୍ଲାପାଳ ବାଲେଶ୍ୱର ଡ଼. ମଧୁସ୍ମିତା ସାମନ୍ତରାୟ, ଉପଜିଲ୍ଲାପାଳ ନୀଳଗିରି ଶୁଭଶ୍ରୀ ରଥ, ଡେପୁଟି କଲେକ୍ଟର (ରାଜସ୍ୱ) ସୀତାଂଶୁ ଶେଖର ଦାସ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ଡିଏସଆର ଓ ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରେ ଚାଲିଥିବା ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ଅସୁବିଧା ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ପ୍ରସ୍ତୁତି ଓ କାର୍ଯ୍ୟକାରିତାକୁ ମୂଲ୍ୟାଙ୍କନ କରିବା ଦିଗରେ ବୈଠକ ପ୍ରାରମ୍ଭରେ ଆଲୋଚନା ହୋଇଥିଲା ଓ ତହସିଲ ଅଫିସରୁ ଯେପରି କୌଣସି ଲୋକ ସହାୟତା ବିନା ନ ଫେରୁ ସେ ବାବଦରେ ସମସ୍ତ ତହସିଲଦାରଙ୍କୁ ସଜାଗ ରହିବା ପାଇଁ ମନ୍ତ୍ରୀ ଉପଦେଶ ଦେଇଥିଲେ । ଆଗମୀ ଦିନରେ ରାଜସ୍ୱ ବିଭାଗ କିପରି ଲୋକଙ୍କ ନିକଟତର ହେବ ସେଥିପାଇଁ ଧ୍ୟାନ ଦେବାକୁ କହିଥିଲେ । ତହସିଲଦାର ଏବଂ ରାଜସ୍ୱ କର୍ମଚାରୀ ସାଧାରଣ ଲୋକଙ୍କୁ ଗୁରୁତ୍ୱ ଦେବା ସହ ଲୋକାଭିମୁଖୀ ଯୋଜନା ଗୁଡିକ ପ୍ରଣୟନ ନିମନ୍ତେ ଦାୟିତ୍ୱବାନ ହେବାକୁ ସେ କହିଥିଲେ । ଆଗମୀ ଦିନରେ ରାଜସ୍ୱ ବିଭାଗ ମୋବାଇଲ ଦ୍ୱାରା ଲୋକଙ୍କ ପାଖରେ ପହଂଚିବାକୁ ଉଦ୍ୟମ କରୁଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ସମସ୍ତ ରାଜସ୍ୱ ଜମିର ରକ୍ଷା କରିବା ପାଇଁ ଅଧିକାରୀମାନେ ଚେଷ୍ଟିତ ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ । ଜାତି ପ୍ରମାଣପତ୍ରରେ ଉପୁଜୁଥିବା ବିଭିନ୍ନ ଅସୁବିଧାଗୁଡିକ ବିଷୟରେ ଆଲୋଚନା କରିଥିଲେ ମନ୍ତ୍ରୀ । ସେହିପରି ଅସାଧୁ ଆକାରରେ ଆଦିବାସୀ ଜମି ହଡପ କରୁଥିବା ଲୋକଙ୍କ ପ୍ରତି ସରକାର କଡା ପଦକ୍ଷେପ ନେବ ବୋଲି ଜଣାଇଛନ୍ତି । ବସୁନ୍ଧରା ଯୋଜନାରେ ଯେଉଁ ମାନେ ଜମି ପାଇଁ ଯୋଗ୍ୟ ସେମାନଙ୍କୁ ଯଥା ଶୀଘ୍ର ଜମି ଦେବାକୁ ଜିଲ୍ଲା ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ମନ୍ତ୍ରୀ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ଗଠିତ ଭିତିଭୂମି ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତିକୁ ନିରୀକ୍ଷଣ କରିଥିଲେ । ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଅଭିଯୋଗ ଓ ବିବାଦଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ଏଠାରେ ସୂଚନା ଥାଉ କି ଏହି ଏକ ଦିବସୀୟ ଗସ୍ତ ସମୟରେ ମନ୍ତ୍ରୀ ଶ୍ରୀ ପୂଜାରୀ ସଦର ବ୍ଲକସ୍ଥିତ ବର୍ଦ୍ଧନପୁର ଗ୍ରାମ ପଂଚାୟତର ନୂତନ କାର୍ଯ୍ୟାଳୟର ଶୁଭ ଉଦ୍ଘାଟନ ମଧ୍ୟ କରିଥିଲେ ।

୫୫ଗୋଟି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ଏବଂ ୧୪ଟି ସ୍ଥାନରେ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳ କୋଠା ନିର୍ମାଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ବସ୍ତା ବିଧାୟିକା ସୁବାସିନୀ ଜେନା ଦାବୀ

ବାଲେଶ୍ୱର, ୦୮/୦୪ (ଆ.ପ୍ର) : ବସ୍ତା ନିର୍ବାଚନ ମଣ୍ଡଳୀର ମୋଟ୍ ୫୫ଗୋଟି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ଏବଂ ୧୪ ଗୋଟି ସ୍ଥାନରେ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳ କୋଠା ନିର୍ମାଣ ପାଇଁ ବସ୍ତା ବିଧାୟିକା ସୁବାସିନୀ ଜେନା ଦାବୀ କରିଛନ୍ତି । ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଆୟୋଜିତ ବାଲେଶ୍ୱର ଜିଲ୍ଲାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଏକ ସମୀକ୍ଷା ବୈଠକରେ ବିଧାୟିକା ଜେନା ଯୋଗଦେଇ ଦାବୀ ଉପସ୍ଥାପିତ କରିବା ସହ ଦାବୀ ସମ୍ବଳିତ ଲିଖିତ ପତ୍ର ମଧ୍ୟ ପ୍ରଦାନ କରିଥିଲେ । ବିଧାୟିକା ଜେନା କହିଥିଲେ ରାଜ୍ୟର ବିଭିନ୍ନ ତହସିଲରେ ଆଜି ମଧ୍ୟ ଅନେକ ପଡ଼ାଗ୍ରାମ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଦାବୀ କରି ଆସୁଥିଲେ ମଧ୍ୟ ଅଦ୍ୟାବଧି ଶତପ୍ରତିଶତ ଲକ୍ଷ୍ୟ ହାସଲ ହୋଇପାରିନାହିଁ । ବିଶେଷତଃ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜସ୍ୱ ଗ୍ରାମଦ୍ୱାରା କ୍ଷୟକ୍ଷତି ଆକଳନ ଓ ରିଲିଫ୍ ଆବଂଟନ ସମୟରେ ମୁଖ୍ୟ ଗ୍ରାମ ଅଗ୍ରାଧିକାର ପାଉଥିବା ବେଳେ ପଡ଼ାଗ୍ରାମ ପ୍ରତି ଅନେକ ସମୟରେ ଅବିଚାର ର ଅଭିଯୋଗ ଆସୁଅଛି । ସେହିଭଳି ସମ୍ପୂର୍ଣ୍ଣ ବିଦ୍ୟୁତକରଣ ଓ ସମ୍ପୂର୍ଣ୍ଣ ପାନୀୟ ଜଳ ଯୋଗାଣ ସମୟରେ ମୁଖ୍ୟ ରାଜସ୍ୱ ଗ୍ରାମକୁ ଅଗ୍ରାଧିକାର ଦିଆଯାଉଥିବା ବେଳେ ପଡ଼ାଗ୍ରାମର ସ୍ଥିତି ପ୍ରତି ଆଖିବୁଜି ଦିଆଯାଉଛି । ତେଣୁ ଏହିଭଳି କାରଣ ପାଇଁ ପ୍ରତ୍ୟେକ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଜରୁରୀ ହୋଇପଡିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୭ତାରିଖ ଦିନ ବିଧାନସଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇ ବିଧାୟିକା ଜେନା ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ଓ ବସ୍ତା ତହସିଲର ପଡ଼ାଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ସମ୍ପର୍କରେ ପ୍ରଶ୍ନ ଉତ୍ଥାପନ କରିଥିଲେ । ଆଜି ବସ୍ତା ନିର୍ବାଚନ ମଣ୍ଡଳୀର ବାଲିଆପାଳ ତହସିଲ ଅନ୍ତର୍ଗତ ୩୧ଟି ଏବଂ ବସ୍ତା ତହସିଲ ଅନ୍ତର୍ଗତ ୨୪ଟି, ଏହିପରି ମୋଟ୍ ୫୫ଟି ପଡ଼ାଗ୍ରାମର ତାଲିକା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ପ୍ରଦାନ କରି ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଓ ସରକାରୀ କାର୍ଯ୍ୟର ସୁବିଧା ପାଇଁ ଏଗୁଡ଼ିକୁ ଯଥା ଶୀଘ୍ର ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବାକୁ ଦାବୀ କରିଥିଲେ । ସେହିପରି ବସ୍ତା ଏବଂ ବାଲିଆପାଳ ଦୁଇଟି ବ୍ଲକକୁ ନେଇ ଗଠିତ ବସ୍ତା ନିର୍ବାଚନମଣ୍ଡଳୀରେ ଜଳକା ଏବଂ ସୁବର୍ଣ୍ଣରେଖା ଭଳି ଦୁଇଟି ପ୍ରମୁଖ ନଦୀ ଏବଂ ଏହାର ଶାଖା ସହିତ ପୂର୍ବ ଦିଗରେ ବଙ୍ଗୋପସାଗରର ସମୁଦ୍ର ଉପକୂଳ ଦ୍ୱାରା ଘେରି ରହିଛି । ପ୍ରାୟତଃ ବର୍ଷା ଋତୁରେ ଉଭୟ ନଦୀ ଏହି ଅଂଚଳରେ ବଡ଼ ବନ୍ୟା ସୃଷ୍ଟି କରନ୍ତି ଏବଂ ସମୁଦ୍ର ଉପକୂଳ ଅଂଚଳ ହୋଇଥିବାରୁ ବର୍ଷର ବିଭିନ୍ନ ସମୟରେ ବାତ୍ୟା ଏବଂ ବନ୍ୟାର ସମ୍ଭାବନା ରହିଥାଏ । ବନ୍ୟା ଏବଂ ବର୍ଷା ଋତୁରେ ବହୁ ସଂଖ୍ୟକ ବିସ୍ଥାପିତଙ୍କୁ ଥଇଥାନ କରିବା ପାଇଁ ପଂଚାୟତ ଗୁଡ଼ିକରେ ସ୍ଥାୟୀ ପକ୍କା କୋଠା ଏବଂ ବାତ୍ୟା ଆଶ୍ରୟସ୍ଥଳର ଅଭାବ ହେତୁ ଏହି ଗ୍ରାମ ପଂଚାୟତଗୁଡ଼ିକରେ ଲୋକଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ବହୁମୁଖୀ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳ କୋଠା ନିର୍ମାଣ କରିବା ଅତ୍ୟନ୍ତ ଆବଶ୍ୟକ । ତେଣୁ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪ ଗୋଟି ସ୍ଥାନରେ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳ କୋଠା ନିର୍ମାଣ ପାଇଁ ବିଧାୟିକା ଜେନା ପ୍ରସ୍ତାବ ରଖିଥିଲେ । ଏଥି ସହିତ ବାତ୍ୟା ଓ ବନ୍ୟା ପରବର୍ତ୍ତୀ ସମୟରେ ବ୍ଲକକୁ ଆସିଥିବା ଏଫ୍.ଡି.ଆର୍ ପ୍ରୋଜେକ୍ଟ ଗୁଡ଼ିକୁ ପାତର ଅନ୍ତର କରାଯାଇ ଦଳୀୟ ଭିତିରେ ପ୍ରଦାନ କରାଯାଉଛି । ତେଣୁ ପ୍ରକୃତ କ୍ଷୟକ୍ଷତି ହୋଇଥିବା ଅଂଚଳକୁ ଧ୍ୟାନ ଦେବାକୁ ବିଧାୟିକା ଜେନା ମନ୍ତ୍ରୀଙ୍କ ନିକଟରେ ଦାବୀ କରିଥିଲେ ।

ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନରେ ବାଲେଶ୍ୱର ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜିତ

ବାଲେଶ୍ୱର, ୦୮/୦୪ (ଆ.ପ୍ର) : ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସ ଅବସରରେ ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସମେତ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ନୀଳମଣି ମହାବିଦ୍ୟାଳୟ, ରୁଷା ଓ ଶାନ୍ତିଲତା ମହିଳା ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ଶିବିରରେ ବିଧାୟକ ସଦର ମାନସ କୁମାର ଦତ, ମାନ୍ୟବର ଅଧ୍ୟକ୍ଷ ଜିଲ୍ଲାପରିଷଦ ନାରାୟଣ ପ୍ରଧାନ, ଅଧ୍ୟକ୍ଷା ବାଲେଶ୍ୱର ପୌରପାଳିକା ସବିତା ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ସୁଶାନ୍ତ କୁମାର ନାୟକ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇ କୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ଓ ଉକ୍ତ ଶିବିରଗୁଡ଼ିକରେ ସମାଜର ବିଭିନ୍ନ ସ୍ତରର ଲୋକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି । ଏହି ଅବସରରେ ମୋଟ ୩୧୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ରକ୍ତଦାନ ଶିବିରର ସଫଳତା ପାଇଁ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ମିଳିତ ପ୍ରୟାସକୁ ପ୍ରଶଂସା କରାଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ସମାଜରେ ରକ୍ତଦାନ ସମ୍ବନ୍ଧୀୟ ସଚେତନତା ବୃଦ୍ଧି ପାଇବା ସହିତ ଜରୁରୀ ଆବଶ୍ୟକତା ସମୟରେ ରୋଗୀମାନଙ୍କ ପାଇଁ ରକ୍ତର ଉପଲବ୍ଧତା ସୁନିଶ୍ଚିତ ହେବ ବୋଲି ଆଶା କରାଯାଉଛି । ଜିଲ୍ଲାପାଳ ଏହି ଅବସରରେ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଏଭଳି ଆୟୋଜନକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେଲା ଜଳଛତ୍ରର ଆୟୋଜନ

ବାଲେଶ୍ୱର।ନୀଳଗିରି,୦୮/୦୪ (ଆ.ପ୍ର) :ଅନୁଭୂତ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି, ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ଦ୍ୱାରା ଜଳଛତ୍ରର ଆୟୋଜନ କରାଯାଇଅଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଆଜି ଆୟୋଜିତ ଏହି ପ୍ରୟାସର ଶୁଭ ଉଦଘାଟନ କରିଥିଲେ ତଥା ସ୍ୱହସ୍ତରେ ପାନୀୟ ଜଳ ଓ ଦହି ସରବତ ବଂଟନ କରିଥିଲେ । ଏଥିସହ ପାନୀୟଜଳକୁ ପ୍ରଦୂଷଣ ମୁକ୍ତ ରଖିବା, ଏହାର ସଂରକ୍ଷଣ ସହ ପ୍ରଚଣ୍ଡ ଗ୍ରୀଷ୍ମତାପରୁ ନିଜକୁ ସୁରକ୍ଷିତ ରହିବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀଗଣ ସହଯୋଗ କରିବା ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଜଳ ବଂଟନରେ ସାହାଯ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମ, ଗ୍ରୀଷ୍ମପ୍ରବାହ ଶେଷ ପର୍ଯ୍ୟନ୍ତ ଚାଲିବ ଓ ଏହି କାର୍ଯ୍ୟରେ ସ୍ୱେଚ୍ଛାକୃତ ଭାବେ ସମସ୍ତଙ୍କୁ ଯୋଗଦେବାକୁ ପରାମର୍ଶ ପ୍ରଦାନ କରିବା ସହ ପ୍ରତିବର୍ଷ ଭଳି ଏହାକୁ ସାମୁହିକ ସହଯୋଗ ଦ୍ୱାରା ସଫଳ କରାଯିବ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି ।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସରଶଙ୍ଖ ଶାଖା ସମ୍ମିଳନୀ ସମାପନ

ସୋର, ୦୮/୦୪ (ଆ.ପ୍ର) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସରଶଙ୍ଖ ଶାଖା ସମ୍ମିଳନୀ ଆଜି ସରଶଙ୍ଖ ହାଟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଶାଖାର ବର୍ଷୀୟାନ ସାଥି ସୀତାରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସୋର କୋନ ସମ୍ପାଦକ ମାୟାଧର ନାୟକ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନୀତି ଆଦର୍ଶରେ ଅନୁପ୍ରାଣିତ ସାଥି ସମର୍ଥକ ମାନେ, ସାମ୍ପ୍ରତିକ ପରିସ୍ଥିତିରେ ଜନ ସାଧାରଣଙ୍କ ସମସ୍ୟା, ମୌଳିକ ଅଧିକାର ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉନଥିବା ଯୋଗୁଁ ଗ୍ରାମାଂଚଳରେ ବାର୍ଦ୍ଧକ୍ୟ ଭତା, ବାତ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ, ଉଠାଜଳ ସେଚନ ନିଗମର ଅବହେଳାରୁ ସେଚପ୍ରକଳ୍ପ ଗୁଡ଼ିକ ସଚଳ ନହେବା ଯୋଗୁଁ କୃଷକ ମାନେ ଉଭୟ ରବି ଓ ଖରିଫ ଚାଷରୁ ବଂଚିତ ହେଉଛନ୍ତି । ଦରଦାମ ବଢ଼ି ଚାଲିଥିବା ବେଳେ ବେରୋଜଗାରୀ ବୃଦ୍ଧି ପାଉଛି । ତାହାଉପରେ ସାଥି ମାନେ ସଂଗଠିତ ଭାବେ ସ୍ୱର ଉତ୍ତୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ପାର୍ଟିର ଜିଲ୍ଲା ପରିଷଦ ସଦସ୍ୟ ଶଶିକାନ୍ତ ପଣ୍ଡା, ଯୋଗଦେଇ ଆସନ୍ତା ମାଇମାସ ୨୧ ତାରିଖରେ ସୋର ଅଂଚଳ ସମ୍ମିଳନୀ ଏବଂ ଜୁନ ୧୬ ଏବଂ ୧୭ ରେ ବାଲେଶ୍ୱର ଜିଲ୍ଲା ସମ୍ମିଳନୀ ସୋରରେ ଅନୁଷ୍ଠିତ ହେବାର ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ମହାରଣା, ପୂର୍ଣ୍ଣଚନ୍ଦ୍ର ବେହେରା, ରମାକାନ୍ତ ନାୟକ ବକ୍ତବ୍ୟ ରଖିଥିବା ବେଳେ, ବରିଷ୍ଠ ସାଥି ରାଜ୍ୟ କଂଟ୍ରୋଲ କମିଶନ୍ର ସଦସ୍ୟ ଅନାମ ପ୍ରସାଦ ବାରିକ ଯୋଗଦେଇ ଲାଲ ଉତୋଳନ କରି ସମ୍ମିଳନୀକୁ ଉଦଘାଟନ କରିଥିଲେ । ଶାଖାର ନୂତନ କର୍ମକର୍ତ୍ତା ଭାବେ ଗଙ୍ଗାଧର ସାହୁ, ଶାଖା ସମ୍ପାଦକ ଏବଂ ସହ ସମ୍ପାଦକ ଭାବେ ଗଙ୍ଗାଧର ରାଉତ ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ସର୍ବଶେଷରେ ଗଙ୍ଗାଧର ରାଉତ ଉପସ୍ଥିତ ସାଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ଶାଖାର ସମସ୍ତ ସଦସ୍ୟ ସାଥି ମାନେ ଯୋଗ ଦେଇଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଳିତ ହେଲା ଶିକ୍ଷାବିତ ଓ ସାହିତ୍ୟିକ ଚନ୍ଦ୍ରମୋହନ ମହାରଣାଙ୍କ ଜୟନ୍ତୀ ଉତ୍ସବ

ବାଲେଶ୍ୱର।ନୀଳଗିରି, ୦୮/୦୪ (ଆ.ପ୍ର) : ବାଲେଶ୍ୱର ମାଟିର ବରପୁତ୍ର ବିଶିଷ୍ଟ ଶିକ୍ଷାବିତ ଓ ସାହିତ୍ୟିକ ଚନ୍ଦ୍ରମୋହନ ମହାରଣାଙ୍କ ୧୫୫ତମ ଜୟନ୍ତୀ ଉତ୍ସବ, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଇତିମଧ୍ୟରେ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବ, ଭାଷା ଓ ସାହିତ୍ୟ ବିଭାଗ ଭବନ ସମ୍ମୁଖରେ ସ୍ଥାପିତ ଚନ୍ଦ୍ରମୋହନ ମହାରଣାଙ୍କ ଶିଳା-ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଆରମ୍ଭ ହୋଇଥିଲା । ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଜ୍ଞାନଦେବ ମହାରଣା, ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ସଂଯୁକ୍ତ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଗବେଷକ, ପ୍ରାବନ୍ଧିକ ଡ଼କ୍ଟର ଅରବିନ୍ଦ ଗିରି ପ୍ରମୁଖ ଯୋଗଦେଇ ଚନ୍ଦ୍ରମୋହନଙ୍କ ଜୀବନୀ, ତାଙ୍କ ରଚନା, କୃତି, ଓଡ଼ିଆ ସାହିତ୍ୟରେ ତାଙ୍କର ଅବଦାନ, ଶିକ୍ଷାବିତ ଭାବେ ତାଙ୍କର ଆଦର୍ଶ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଭୂମିକା, ଓଡ଼ିଶାର ଶିକ୍ଷା ସଂସ୍କାର ଧାରାରେ ଆଣିଥିବା ପରିବର୍ତ୍ତନ ଇତ୍ୟାଦି ଅନେକ ପ୍ରସଙ୍ଗରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଡ଼କ୍ଟର ଗିରି, ବରପୁତ୍ରଙ୍କୁ ଜଣେ ଆଦର୍ଶ ଶିକ୍ଷକ ତଥା ଜାତୀୟତାବାଦ ଯୁଗର ସୃଷ୍ଟିକର୍ତ୍ତା ବୋଲି ସମ୍ବୋଧନ କରି ସମାଜସେବା ଓ ସାହିତ୍ୟଚର୍ଚ୍ଚା ତାଙ୍କ ଜୀବନର ଦୁଇଟି ପାର୍ଶ୍ୱ ବୋଲି ଉଲ୍ଲେଖ କରିଥିଲେ । ଏଥିସହିତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦବୋଧନରେ, ଚନ୍ଦ୍ରମୋହନଙ୍କ ସାହିତ୍ୟିକ ଅନ୍ତର୍ଦୃଷ୍ଟିକୁ ଆଧାର କରି ତାଙ୍କ ଲିଖିତ ବ୍ୟାକରଣ, ପ୍ରବନ୍ଧ, କବିତା ଆଦି ପଠନ ଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ଭାଷାଜ୍ଞାନକୁ ଉନ୍ନତ କରିବାନେଇ ଆଶାବ୍ୟକ୍ତ କରିଥିଲେ । ଅଧ୍ୟବସାୟ ସାହାଯ୍ୟରେ ଛାତ୍ରଛାତ୍ରୀମାନେ ନିଜର ଶକ୍ତିକୁ ଜାଗ୍ରତ କରିବା ସହ ସଫଳତାକୁ ପରିପୁଷ୍ଟ କରିପାରିବେ ବୋଲି ସେ ଆଶାପୋଷଣ କରିଥିଲେ । ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା ଓ ସଂଚାଳନା କରିଥିଲେ । ଶେଷରେ ସହକାରୀ ପ୍ରଫେସର ଡ଼କ୍ଟର ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଗାଳ୍ପିକା ଛବିରାଣୀ ପତିଙ୍କୁ ମିଳିଲା ଗୋକର୍ଣ୍ଣିକା ଗଳ୍ପ ସମ୍ମାନ

ବାଲେଶ୍ୱର, ୦୮/୦୪ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟା ଗାଳ୍ପିକା ଛବିରାଣୀ ପତି ସଂପ୍ରତି 'ଗୋକର୍ଣ୍ଣିକା ଗଳ୍ପ ସମ୍ମାନ'ରେ ସମ୍ବର୍ଦ୍ଧିତ ହୋଇଛନ୍ତି । ନିକଟରେ ଯାଜପୁର ଜିଲ୍ଲାର ଜାରକା ସ୍ଥିତ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଗୋକର୍ଣ୍ଣିକା ସାହିତ୍ୟ ସମାଜ'ର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଶ୍ରୀମତୀ ପତିଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ସଙ୍ଗଠନର ସଭାପତି ତଥା 'ଗୋକର୍ଣ୍ଣିକା' ପତ୍ରିକାର ସମ୍ପାଦକ ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହକୁ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଔପନ୍ୟାସିକା ପଦ୍ମଶ୍ରୀ ଡକ୍ଟର ପ୍ରତିଭା ରାୟ ଏବଂ ଜାତୀୟ ମାନବାଧିକାର କମିଶନ୍, ନୂଆଦିଲ୍ଲୀ, ଜଷ୍ଟିସ ଡକ୍ଟର ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ସହିତ ଏହି ସମ୍ମାନ ସ୍ୱରୂପ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ମାନ ପ୍ରାପ୍ତି ପରେ ଗାଳ୍ପିକା ଶ୍ରୀମତୀ ପତିଙ୍କୁ ଓଡ଼ିଆ ସାହିତ୍ୟର ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ମିଳିବାରେ ଲାଗିଛି । ଶୁଭେଚ୍ଛୁ ମାନଙ୍କ ସମେତ ଗାଳ୍ପିକା ଛବିରାଣୀ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସମ୍ପାଦକ ରମାକାନ୍ତ ଜେନାଙ୍କୁ ମଧ୍ୟ କୃତଜ୍ଞତା ଅର୍ପଣ କରିଛନ୍ତି ।

ସାହିତ୍ୟ ସମାଜ, ଜାରକା

ବିର୍ଲା ଟାୟାର୍ସର ଶ୍ରମିକଙ୍କ ଆଇନଗତ ଅଧିକାର ହାସଲ ପାଇଁ ଟିୟୁଏସିସି ପକ୍ଷରୁ ଗଣ ସମ୍ମେଳନ ୧୦ ଏପ୍ରିଲ୍ ୨୦୨୫ରେ

ବାଲେଶ୍ୱର, ୦୮/୦୪ (ଆ.ପ୍ର) : କରୋନା ସମୟରୁ ବିର୍ଲାଟାୟାର୍ସର ଉତ୍ପାଦନ ପ୍ରକ୍ରିୟା ବ୍ୟାହତ ହୋଇଥିବାବେଳେ କ୍ରମଶଃ ରୁଗ୍ଣ ହେବା କାରଣରୁ ଏନ୍‌ସିଏଲ୍‌ଟି ଗତ ତା ୨୩-୧୧-୨୦୨୩ ରିଖର ଏକ ରାୟ ଅଧାରରେ ଡାଲମିଆ ଭାରତ ରିଫ୍ରାକ୍ଟରିଜ୍ ଲିମିଟେଡ୍ - ୯୯% ଓ ଏହାର ଷ୍ଟ୍ରାଟେଜିକ୍ ପାର୍ଟନର ହିମାଦ୍ରି କେମିକାଲ୍ସ ସ୍ପେସିଆଲିଟି ଲିମିଟେଡ୍‌କୁ ୧% ଏହାର ମାଲିକାନା ହସ୍ତାନ୍ତର କରିବା ସହ ପୁରୁଣା ଶ୍ରମିକଙ୍କ ଆଂଶିକ ବକେୟା ଦେୟ, ପିଏଫ୍ ଦେୟ, ଅବସର ଓ ମୃତ୍ୟୁବରଣ କରିଥିବା ଶ୍ରମିକମାନଙ୍କ ଗ୍ରାଚ୍ୟୁଇଟି ପ୍ରଦାନ ଏବଂ ପୁନଃନିଯୁକ୍ତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ନୂତନ କମ୍ପାନୀ ଏହି ରାୟକୁ କାର୍ଯ୍ୟକାରୀ ନକରିବା ଫଳରେ କାରଖାନା ପାର୍ଶ୍ୱରେ ୧୧୮ ଦିନ ଧରି ଶ୍ରମିକମାନେ ସପରିବାର ଅହୋରାତ୍ର ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ । ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗର ପ୍ରିନ୍ସିପାଲ୍ ସେକ୍ରେଟାରୀ ଗତ ତା ୦୪-୦୧-୨୦୨୫ ରିଖ ଏକ ତ୍ରିପାକ୍ଷୀୟ ଆଲୋଚନା କରି ଏହି ସମସ୍ତ ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନୋଡାଲ୍ ଅଫିସର ଭାବେ ଦାୟିତ୍ୱ ଦେଇଥିଲେ । କିନ୍ତୁ ଜିଲ୍ଲାପାଳ ସମସ୍ୟାର ସମାଧାନ ନକରି ଶ୍ରମିକମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ପ୍ରଥମେ ଶ୍ରମିକ କଲୋନୀରେ ପାଣି ଓ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ । ପରେ ଗତ ମାର୍ଚ୍ଚ ତା ୨ ରିଖ ଭୋର୍ ୫ଟାରେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶରେ ପୋଲିସ୍ ଧାରଣା ତମ୍ବୁକୁ ଭାଙ୍ଗିବା ସହ ଧାରଣାରତ ଶ୍ରମିକ ଓ ପରିବାରବର୍ଗଙ୍କୁ ଉଠାଇନେଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅଟକ ରଖିଥିଲେ ଓ ୩ଜଣ ଶ୍ରମିକନେତାଙ୍କୁ ମିଥ୍ୟା କେଶ୍‌ରେ ଗିରଫ କରି ଜେଲ୍ ପଠାଇଥିଲେ । ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ଶ୍ରମିକ ତାଂର ଆଇନଗତ ପ୍ରାପ୍ୟ ଓ ପୁନଃନିଯୁକ୍ତି ଦାବିରେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ଜିଲ୍ଲା ପ୍ରଶାସନର ଏପରି ଅଗଣତାନ୍ତ୍ରିକ ପଦକ୍ଷେପକୁ ଟିୟୁଏସିସି, ବାଲେଶ୍ୱର କଠୋର ଶବ୍ଦରେ ନିନ୍ଦା କରିବା ସହ ଗତ ମାର୍ଚ୍ଚ ୨୦ ତାରିଖ ଦିନ ଜିଲ୍ଲାପାଳଙ୍କ ଅଫିସ୍ ନିକଟରେ ଦଳମତ ନିର୍ବିଶେଷରେ ବାଲେଶ୍ୱରର ସମସ୍ତ ବର୍ଗର ଜନପ୍ରତିନିଧି ଯୋଗଦେଇ ଏହି ଘଟଣାକୁ ନିନ୍ଦା କରିବା ସହ ଶ୍ରମିକମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ସକାଶେ ବିରାଟ ପ୍ରତିବାଦ ଓ ଧାରଣା ପ୍ରଦର୍ଶନ କରାଯାଇ ଶ୍ରମିକମାନଙ୍କର ଦାବିକୁ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଥିଲା । ମାତ୍ର ସରକାର ଜିଲ୍ଲା ପ୍ରଶାସନ କିମ୍ବା ନୂତନ ମାଲିକ ଶ୍ରମିକମାନଙ୍କ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନନେଇ ନିଜ ମନମର୍ଜିରେ ବେଆଇନ୍ ଭାବେ ନୂତନ ନିଯୁକ୍ତି ପ୍ରକ୍ରିୟା ଜାରି ରଖିଛନ୍ତି । ଶ୍ରମିକମାନଙ୍କ ଗଣତାନ୍ତ୍ରିକ ଅଧିକାର ଓ ଆଇନଗତ ଅଧିକାର ହାସଲ କରିବାକୁ ଟିୟୁଏସିସି, ବାଲେଶ୍ୱର ଜିଲ୍ଲା ତଥା ରାଜ୍ୟର ସବୁବର୍ଗର ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ଗଣ କନ୍‌ଭେନ୍‌ସନ୍ ଚଳିତ ଏପ୍ରିଲ୍ ୧୦ ତାରିଖ ବ୍ରିଟ୍‌କଲୋନି ମଣ୍ଡପରେ ଦିନ ୧୦ଟାରେ ଅନୁଷ୍ଠିତ ହେବ ଏବଂ ସରକାର ଓ ନୂଆମାଲିକଙ୍କ ଠାରୁ ଉଚିତ ନ୍ୟାୟ ହାସଲ ପାଇଁ ଆଗାମୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସ୍ଥିର କରାଯିବ । ଏହି ଗଣ କନ୍‌ଭେନସନ୍‌ରେ ଅଧିକରୁ ଅଧିକ ଶ୍ରମିକ, କର୍ମଚାରୀ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା, ଟ୍ରେଡ୍ ୟୁନିୟନ୍‌ମାନଙ୍କର କର୍ମକର୍ତ୍ତା, ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜୀବୀ, ସାହିତ୍ୟିକ ଯୋଗଦେବାକୁ ମଙ୍ଗଳବାର ଅପରାହ୍ନରେ ପଦ୍ମୁଆଁପଦା ସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଟିୟୁଏସିସିର ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା, ଉପାଧ୍ୟକ୍ଷ ଶାନ୍ତନୁ ଦାସଙ୍କ ସମେତ ଭାଗବତ ପ୍ରତିହାରୀ, ପ୍ରେମରଂଜନ ପାତ୍ର, ଶ୍ୟାମସୁନ୍ଦର ଜେନା ଓ ବୁଲୁଲ ଚନ୍ଦ୍ର ଘଡ଼ାଇ ପ୍ରମୁଖ ନିବେଦନ କରିଛନ୍ତି ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆମିଷ ଆହାର

ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ । ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ । ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଚ୍ଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ । ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ । ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତ୍ତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି ? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି ? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ । ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ । ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ । କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜୀବୀତ । ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ । ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ । ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିଦେଇନେ । ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ । ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ । ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ । କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିଦେଇବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ । ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡ଼ା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ । ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ । ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ । ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ । ଯେଉଁ ପ୍ରାଣୀ ନିମିତ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ । ଉଦାହରଣ ସ୍ୱରୂପ - ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି । କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ । ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି । ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି । କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି । ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି ? ଏହା ଉତ୍ତରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ । ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା । ସେତେବେଳେ ସେହି ପୋକଗୁଡ଼ା ଜମିର ଫସଲ ଖାଇ ପେଟ ଖରାପ ହେଲା । ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି । ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି । ଆମିଷାହାରୀ ମାନଙ୍କର କୌଣସି ରୋଗ-ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତତ୍କାଳୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ । ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତ୍ତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ ।

ଭାରତର ପ୍ରମୁଖ ଡିଜିଟାଲ ୱାଲେଟ୍ସ

।। ତପନ କୁମାର ପାଳ ।।

ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ ଲାଇଟ (ୟୁପିଆଇ ଲାଇଟ) ବ୍ୟବହାରକାରୀମାନେ ନିଜ ଆକାଉଣ୍ଟରେ ଟଙ୍କା ଦେଣନେଣ କାର୍ଯ୍ୟ ସୁବିଧାରେ କରିଥାନ୍ତି । ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନପିସିଆଇ) ସର୍କୁଲାର ଅନୁସାରେ ସମସ୍ତ ଅନଲାଇନ ପେମେଣ୍ଟ ସହ ସୁବିଧାଜନକ ବ୍ୟାଙ୍କିଙ୍ଗ ସେବା ଦିଆଯାଉଛି । ଉଲ୍ଲେଖଥାଉକି ୟୁପିଆଇ ଲାଇଟକୁ ସୁବିଧାରେ ଛୋଟମୋଟ କାରବାର କରିବା ପାଇଁ ବ୍ୟବହାର କରାଯାଉଛି । କାରବାର ପାଇଁ ଏଥିରେ ଇଣ୍ଟରନେଟର ଆବଶ୍ୟକତା ପଡ଼ିନଥାଏ । ଭାରତୀୟ ରିଜର୍ଭ ବ୍ୟାଙ୍କ ୟୁପିଆଇ ଲାଇଟ ସହ ଜଡ଼ିତ କାରବାରର ସୀମା ବୃଦ୍ଧି କରିବାକୁ ଯାଇ ଆରବିଆଇ ଗୋଟିଏ ୟୁପିଆଇ ଲାଇଟ କାରବାର ସୀମାକୁ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇଛନ୍ତି । ସେହିପରି ୱାଲେଟ ବାଲାନ୍ସ ଲିମିଟ ୨୦୦୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୧ ଅପ୍ରେଲ ୨୦୨୫ରୁ ୟୁପିଆଇ ଲାଇଟ ଉପଭୋକ୍ତାମାନେ ସେମାନଙ୍କ ୟୁପିଆଇ ଲାଇଟରେ ଥିବା ବକଳା ରାଶିକୁ ସିଧାସଳଖ ସେହି ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିପାରିବେ, ଯେଉଁଠାରୁ ସେମାନେ ୟୁପିଆଇ ଲାଇଟ ଆକାଉଣ୍ଟକୁ ଫଣ୍ଡ ଟ୍ରାନ୍ସଫର କରିଥିଲେ । ଆଜିର ସମୟରେ ଆର୍ଥିକ କାରବାର ନିମିତ୍ତ ଦ୍ରୁତ, ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ଆର୍ଥିକ ବ୍ୟବସ୍ଥା ଭାବେ ବିଭିନ୍ନ ଡିଜିଟାଲ ୱାଲେଟ ସ୍ଥାନ ନେଇଛନ୍ତି । ସେହି ସବୁ ପ୍ରମୁଖ ଡିଜିଟାଲ ୱାଲେଟ ଉପରେ ଆଜିର ଆଲୋଚନା । ଏୟାରଟେଲ୍ ମନି : ଯଦି ଆପଣ ଏୟାରଟେଲ ମନି ଡିଜିଟାଲ ଆପ୍ ବ୍ୟବହାର କରୁଛନ୍ତି, ତେବେ ଆପଣ ଆପଣଙ୍କର ପ୍ରିପେଡ୍ ଏକାଉଣ୍ଟ ଓ ପୋଷ୍ଟପେଡ୍ ଏକାଉଣ୍ଟକୁ ଅତି ସହଜ ଉପାୟରେ ରିଚାର୍ଜ କରିପାରିବେ । ଏହା ଏକ ନିର୍ଭର ଯୋଗ୍ୟ ସେବା । ଯଦି ଆପଣଙ୍କର ଡିଜିଟାଲ ୱାଲେଟ୍‌ରେ ପଇସା ନଥାଏ, ତାହେଲେ ୪ଅଙ୍କ ବିଶିଷ୍ଟ ସିକ୍ୟୁରିଟି ପିନ୍‌କୋଡକୁ ବ୍ୟବହାର କରି ଆପଣ କିଣି ପାରିବେ ନିଜ ମନ ପସନ୍ଦର ଜିନିଷ । ସିଟି ମାଷ୍ଟରପାସ୍ : ସିଟି ମାଷ୍ଟରପାସ୍ ଆପ୍ ଆପଣ ବ୍ୟବହାର କରୁଛନ୍ତି କି ? ଯଦି ନା, ତାହେଲେ ଏବେ ହିଁ ଏହି ଆପ୍‌କୁ ଡାଉନଲୋଡ୍ କରନ୍ତୁ ଏବଂ ଏହାର ଲାଭ ଉଠାନ୍ତୁ । କାରଣ ଏହା ଏକ ଡିଜିଟାଲ ୱାଲେଟ ଆପ୍ । ଏହା ଆପଣଙ୍କୁ ଅନ୍‌ଲାଇନ ସପିଂ ସମୟରେ ଦ୍ରୁତଗତିର ସେବା ଯୋଗାଇଥାଏ । ଥରେ ଟଙ୍କା ପଇଠ କରିବା ମାତ୍ରେ ସପିଂର ସମ୍ପୂର୍ଣ୍ଣ ତଥ୍ୟ ଆପଣଙ୍କ ସିଟି ୱାଲେଟକୁ ମିଳିଯାଇଥାଏ । ଯାହାଫଳରେ ମାଷ୍ଟର ବଟନ୍‌କୁ ଦବାଇଲେ ଆପଣ ଅତି ସହଜ ଏବଂ ଯତ୍ନ ସହକାରେ ଆପଣଙ୍କ ସପିଂର ମଜା ଉଠାଇପାରିବେ । ସିଟ୍ରେସ୍ ପେ : ସିଟ୍ରେସ୍ ପେ ହେଉଛି ଭାରତର ନମ୍ବର-୧ ଇ-ୱାଲେଟ୍ । ଯାହା ଖାସ୍ କରି ବ୍ୟବସାୟିକ ବା ସଂସ୍ଥାମାନଙ୍କ ପାଇଁ ଏକ ଉତ୍ତମ ଆପ୍ । ଏହି ଆପ୍ ସାହାଯ୍ୟରେ ବ୍ୟବସାୟିକ ଏବଂ ସଂସ୍ଥାପକ ମାନେ ସେମାନଙ୍କ ଗ୍ରାହକଙ୍କୁ ଅତି ସହଜ ଏବଂ ସୁବିଧାରେ ଟଙ୍କା ନେଣଦେଣ କରିପାରିବେ । ଏହି ଆପ୍ ପ୍ରାୟ ୮୦୦ ମିଲିୟନ ଗ୍ରାହକଙ୍କୁ ସଂଯୋଗ କରିପାରିବାରେ କ୍ଷମତା ରହିଛି । ଏହି ଆପ୍‌ଟି ନିଶ୍ଚିତ ରୂପେ ଭାରତର ଏକମାତ୍ର ଉତ୍ତମ ମୋବାଇଲ ୱାଲେଟ୍ । ଇଜ୍‌ଟାପ : ଇଜ୍‌ଟାପ ଏକ ଏପରି ଆପ୍ ଯାହାକି ୨୦୧୧ରେ ବାଙ୍ଗାଲୁରୁ ଠାରେ ଉନ୍ମୋଚନ କରାଯାଇଥିଲା । ଏହା ଏକ ପ୍ରକାରର ଇଲେକ୍ଟ୍ରୋନିକ ଆପ୍, ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ପାଉତି ପ୍ରତିବେଦନରେ ଏସ୍.ଏମ୍.ଏସ୍ ବା ଇମେଲ ଦ୍ୱାରା ଜଣାଯାଏ । ଏଚ୍.ଡ଼ି.ଏଫ୍.ସି ପେଜାପ୍ ଆପ୍ : ଏହି ଆପ୍‌ଟି ଭାରତରେ ଖୁବ୍ ଜଣାଶୁଣା । ଏହାର ବିଶେଷତ୍ୱ ହେଉଛି ୟୁଜର ଏହି ଆପ୍ ସାହାଯ୍ୟରେ ନିଜ ଡେବିଟ ବା କ୍ରେଡିଟ୍ କାର୍ଡ଼ ସହ ଯୋଡ଼ି ପାରିବେ ଏବଂ ସବୁଠି ପେମେଣ୍ଟ କରିପାରିବେ । ଯେପରି କି ଫ୍ଲାଇଟ ଟିକେଟ, ହୋଟେଲ ଟିକେଟ ବିଲ ପଇଠ କରିବା ଇତ୍ୟାଦି । ଜିଓମନି : ଜିଓମନି ମଧ୍ୟ ଏକ ଡିଜିଟାଲ ପେମେଣ୍ଟ ଆପ୍ ଯାହା ଜିଓ କମ୍ପାନୀ ଦ୍ୱାରା ୨୦୧୬ରେ ବଜାରକୁ ଆସିଥିଲା । ଏହି ଜିଓ ମନି ଦ୍ୱାରା ଜଣେ ଗ୍ରାହକ ରିହାତି ମୂଲ୍ୟରେ ଆକର୍ଷଣୀୟ ସେବା ପାଇପାରିବେ । ଏଥିପାଇଁ ବ୍ୟବହାରକାରୀମାନେ ବହୁଳ ଭାବରେ ଦୋକାନରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା । ତେଣୁ କ୍ରୟମାନ ସାଧାରଣ ଅପେକ୍ଷା କ୍ଷିପ୍ର ହୋଇଥିଲା । ମୋବିକ୍ୱିକ୍ : ମୋବିକ୍ୱିକ୍ ଭାରତର ଗୁରୁଗାଓଁରେ କାର୍ଯ୍ୟକାରୀ ହେଉଥିବା ଇ-ୱାଲେଟ୍ ପ୍ରକ୍ରିୟା । ଏହି ପ୍ରକ୍ରିୟା ବ୍ୟବହାରକାରୀଙ୍କୁ ଟଙ୍କା ଜମା କରିବାରେ ସହାୟକ ହୋଇଥାଏ । ଏହି ସେବା ପ୍ରଥମେ ୨୦୦୯ରେ ବିପିନ ସିଂହ ଏବଂ ଉପାସନା ଟାକୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଏହି ଡିଜିଟାଲ ୱାଲେଟ ବ୍ୟବହାରକାରୀ ମାନଙ୍କୁ ରିଚାର୍ଜ ବିଲ ପଇଠ ଏବଂ ତୃତୀୟଦଳୀୟ ଅଫିସର କିଣାବିକାରେ ମଧ୍ୟ ଗୋଟିଏ ଟିପ୍‌ରେ ରଖାଯାଇଛି । ମେମୋ ଏକ୍ସପ୍ରେସ୍ : ଭାରତର ବାଙ୍ଗାଲୁରୁ ଠାରେ ଆରମ୍ଭ ହୋଇଥିବା ଡିଜିଟାଲ ୱାଲେଟ ସେବା ନିଜକୁ ତୀବ୍ରତାର ସହ ଦେଶ ଦୁନିଆରେ ପ୍ରସାର ଲାଭ କରୁଛି ବୋଲି ଏହି ସଂସ୍ଥାର ଦାବି । ବର୍ତ୍ତମାନ ଯାଏ ଏହି ସଂସ୍ଥା କେବଳ ବାଙ୍ଗାଲୁରୁ ଠାରେ ସାହାଯ୍ୟପ୍ରାପ୍ୟ ହୋଇପାରିଛି । ଏବେ ତାଙ୍କ ପାଖରେ ସମାଧାନର ବ୍ୟାପକ ପରିସର ରହିଛି । ଏବେ ବଜାରରେ ଉପଭୋକ୍ତାଙ୍କ ପାଇଁ ଏହି ସେବା ଯୋଗାଉଛନ୍ତି । ରିକ୍ସାଭଡ଼ା ଠାରୁ ଆରମ୍ଭ କରି ସେଲୁନ୍ ଏବଂ ସ୍ପାରେ ଏହି ସେବା ପ୍ରଚଳିତ ହେଉଛି । ଓଲା ମନି : ୨୦୧୫ରେ ଭାରତରେ ଓଲା ମନିର ଏକ ଡିଜିଟାଲ ଆପ୍ ଉପଲବ୍ଧ କରିଥିଲା । ଯେତେବେଳେ ଏହା ମୁଖ୍ୟତଃ ଯାତ୍ରୀବାହୀ ଭଡ଼ାଗାଡ଼ିରେ ଅର୍ଥ ପରିଶୋଧରେ ବ୍ୟବହୃତ ହେଲା ନଗଦ ଅର୍ଥ ବିହୀନର ସ୍ୱପ୍ନ ସତ ହେଲା । ଏବେ ଆହୁରି ମଧ୍ୟ ସଉଦା କ୍ରୟ ତଥା ବିମାନ ଟିକେଟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟବହୃତ ହେଲା । ମୋବାଇଲ ମନି : ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରାଧିକୃତ ଏହି ମୋବାଇଲ ମନି ଆପ୍ କିଣାବିକା ଏବଂ ସେବାରେ ପଞ୍ଜିକୃତ ବେପାରୀଙ୍କ ପାଖରୁ ବ୍ୟବହାରକାରୀ ଦ୍ରବ୍ୟ ସେବା କିଣାରେ ସମର୍ଥ ହେବେ । ଦେଶର ଆଦିବାସୀ ଅଞ୍ଚଳର ଲକ୍ଷାଧିକ ଲୋକଙ୍କ ପାଖରେ ଅନଲାଇନ ବରମା ସହଜପ୍ରାପ୍ୟ ହୋଇଛି । ପେଟିଏମ୍ : ବର୍ତ୍ତମାନ ଭାରତରେ ସର୍ବବୃହତ ମୋବାଇଲ ୱାଲେଟ ଆପ୍ । ଯାହାଦ୍ୱାରା ସମସ୍ତ ସ୍ଥାନରେ ଟଙ୍କା, ଭଡ଼ା ଗ୍ରହଣଯୋଗ୍ୟ ମୋବାଇଲ ବିଲ ଦେବାଠାରୁ ଆରମ୍ଭ କରି ଫିଲ୍ମ ଟିକେଟ ପର୍ଯ୍ୟନ୍ତ ଏହି ସେବା ଯୋଗାଇ ଦେଉଛି । ଏମିତି କୌଣସି ସେବା ନାହିଁ ଯାହା ପେଟିଏମ୍ ଦ୍ୱାରା ସମ୍ଭବ ନୁହେଁ । ଷ୍ଟେଟ ବ୍ୟାଙ୍କ ବଡ଼ି : ଭାରତରେ ଷ୍ଟେଟ ବ୍ୟାଙ୍କ ବଡ଼ି ଏକ ଅନଲାଇନ ୱାଲେଟ ଆପ୍ ଯାହାକି ଦେଶର ସର୍ବତ୍ର ୧୩ଟି ଭାଷାରେ ଉପଲବ୍ଧ । ବ୍ୟବହାରକର୍ତ୍ତା (ଷ୍ଟେଟ ବ୍ୟାଙ୍କରେ ଖାତା ନଥିବା ଗ୍ରାହକ) ଏହି ଆପର ଉପଯୋଗ ଟଙ୍କା ଉଠାଣ, ପଇଠ, ହୋଟେଲ ଓ ମୁଭି ଟିକେଟ ବୁକ୍ ଆଦି ପେସବୁକ୍ କିମ୍ବା ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ସାହାଯ୍ୟରେ କରିହେବ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ
କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ଦୂରଭାଷ :୯୯୩୭୬୫୮୩୬୨
/ ୭୯୭୮୭୯୬୬୩୩

ମଦ୍ୟପାନ ସ୍ୱାସ୍ଥ୍ୟ ପ୍ରତି ହାନିକାରକ

।। ରାଜେଶ କୁମାର ଲେଙ୍କା ।।

ସିନେମା ହଲ୍‌ଠାରୁ ଆରମ୍ଭ କରି ମଦବୋତଲରେ ମଧ୍ୟ ଆମେ 'ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ବୋଲି ଏକ ସତର୍କତାମୂଳକ ବାର୍ତ୍ତା ପଢ଼ିଥାଉ । ତଥାପି ମଦ ଅନ୍ୟତମ ସର୍ବାଧିକ ବ୍ୟବହୃତ ପାନୀୟର ମାନ୍ୟତା ବହନ କରୁଛି । ମଦ୍ୟପାନ ଆମ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେବା ସହ ହୃଦ୍‌ଘାତ ଓ କର୍କଟ ପରି ସଂଖ୍ୟାଧିକ ରୋଗର କାରଣ ସାଜିଥାଏ ।ଏହି ବିଷୟରେ ସମସ୍ତ ଯୁବପିଢି ଅବଗତ ।ଆଜିକାଲି ମଦ୍ୟପାନ କରିବା ବହୁଳ ମାତ୍ରାରେ ଦେଖା ଦେଉଛି । ଏହା ଦ୍ୱାରା ସ୍ୱାସ୍ଥ୍ୟର ହାନି ହେବା ସହ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି । ଏହି ମଦ୍ୟପାନ କୁ ଯୁବପିଢି ଏକପ୍ରକାର ଟ୍ରେଣ୍ଡ କରି ଦେଇଛନ୍ତି । ସାଧାରଣରେ ଯୁବକଟି କାହିଁକି ମଦ୍ୟପାନ କରେ ? ଏହି ମଦ୍ୟପାନ ଏବଂ ମଦ୍ୟପଙ୍କ ମଧ୍ୟରେ ଥିବା ସୁସମ୍ପର୍କ ବିଷୟରେ ଆପଣଙ୍କୁ ଜଣାଇବା ପାଇଁ ମୋର ଏକ ଛୋଟ ପ୍ରୟାସ । ଯୁବା ବୟସରେ ମଦ୍ୟପାନ କରିବା ଦ୍ୱାରା ମସ୍ତିଷ୍କ କାର୍ଯ୍ୟକ୍ଷମତା ଉପରେ କୁ ପ୍ରଭାବ ପକାଇଥାଏ । ଏହି ସମସ୍ୟା ପୁରୁଷଙ୍କ ଠାରେ ଅଧିକ ବୋଲି ଗବେଷକ ମାନେ ଚେତାଇ ଦେଇଛନ୍ତି । ଯୁବା ବୟସରେ ପୁରୁଷ ଏବଂ ୨୩ ରୁ ୨୮ ବର୍ଷ ବୟସ ମଧ୍ୟରେ ମହିଳାଙ୍କ ମସ୍ତିଷ୍କ କାର୍ଯ୍ୟଦକ୍ଷତା ଦୀର୍ଘକାଳିନ ମଦ୍ୟପାନ ଯୋଗୁଁ ପରିବର୍ତ୍ତନ ହୋଇଥାଏ । ତେବେ ଏହି ପରିବର୍ତ୍ତନ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଭିନ୍ନ । ଅଧ୍ୟୟନର ଫଳାଫଳ ଅନୁସାରେ, ଦୀର୍ଘ କାଳୀନ ମଦ୍ୟପାନ ପୁରୁଷଙ୍କ ପାଇଁ କ୍ଷତିକାରକ । ମହିଳାଙ୍କ ତୁଳନାରେ ପୁରୁଷଙ୍କ ମସ୍ତିଷ୍କର ବୈଦ୍ୟୁତିକ କାର୍ଯ୍ୟକଳାପର ଅଧିକ ପରିବର୍ତ୍ତନ ଦେଖା ଦେଇଥାଏ । ଓଡ଼ିଶା ଭଳି ଏକ ଜନ ବହୁଳ ରାଜ୍ୟରେ ପ୍ରାୟ ଅଧିକାଂଶ ଯୁବଗୋଷ୍ଠୀଙ୍କୁ ମଦ୍ୟପାନ କରୁଥିବାର ଲକ୍ଷ୍ୟ ହୁଏ । ଯେଉଁ ବ୍ୟକ୍ତି ନିଜ ସ୍ୱାସ୍ଥ୍ୟର ଆରୋଗ୍ୟ ପାଇଁ ଦିନରେ ଡାକ୍ତରଙ୍କ ପରାମର୍ଶ ନିଏ,ସେହି ବ୍ୟକ୍ତି ସନ୍ଧ୍ୟାହେଲେ ମଦ୍ୟପାନ କରେ ।ଏହାର ମୁଖ୍ୟ କାରଣ କଣ ? ଆଜିର ଯୁବ ସମାଜ ମଦ୍ୟପାନ କରିବା ପାଇଁ କେତେ ଆଗ୍ରହୀ ତାହା ସମସ୍ତେ ଜାଣନ୍ତି । କିଏ ନିଜର ମାନସିକ ଚିନ୍ତା ପାଇଁ ତ ଆଉ କିଏ ନିଜର ସଉକ ପାଇଁ ମଦ୍ୟପାନ କରିଥାଏ । ପ୍ରକୃତରେ ମଦ୍ୟପ ମାନେ ଜାଣନ୍ତି ନାହିଁ କି ମଦ୍ୟପାନ ଦ୍ୱାରା କୌଣସି ଚିନ୍ତା ହାନି ହୁଏ ନାହିଁ,କି ମଦ୍ୟପାନ ଦ୍ୱାରା କରୁଥିବା ସୌକ କିଛି ମୁହୂର୍ତ୍ତ ପାଇଁ ।ଅନେକ ସମୟରେ ସମାଜର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଉଛି,କି ମଦ୍ୟପାନ ପାଇଁ କାହାର ଜୀବନ ଚାଲିଯାଉଛି । କିନ୍ତୁ ସାଧାରଣରେ ମଦ୍ୟପ ମାନେ ଜାଣନ୍ତି ନାହିଁ ନିଜର ଭୁଲ ପାଇଁ ସେ ତାଙ୍କର ଜୀବନ ହରାଇ ବସନ୍ତି । ଆଜିର ସମାଜରେ ଯୁବପିଢି ମାନେ ଓଡ଼ିଶାର ପର୍ବ ପର୍ବାଣୀରେ ନିଜର ସଂସ୍କୃତିକୁ ଭୁଲି ମଦ୍ୟପାନ କରୁଛନ୍ତି ।କଥାରେ ଅଛି 'ପାନ ବିଡି ନୁହେଁ ଛୋଟିଆ ନିଶା ଜଣା ପଡ଼େ ନାହିଁ ଟାଣେ ପଇସା' । କେହି ଜନ୍ମରୁ ଧନୀ କିମ୍ବା ଗରିବ ହୋଇ ଜନ୍ମ ହୋଇ ନଥାଏ ।ନିଜର କର୍ମ ହିଁ ମନୁଷ୍ୟକୁ ଉଚ୍ଚ ସ୍ଥାନକୁ ନେଇ ଯାଏ । ଏବଂ ତାହାର କୁକର୍ମ ନୀଚ ସ୍ଥାନକୁ ନେଇ ଆସେ । ଯୁବପିଢି ମାନେ ସର୍ବଦା ଉଚ୍ଚ ଆଶା କରିବାଟା ସ୍ୱାଭାବିକ ।ଉଚ୍ଚ ଆଶା ସହ ନିଜର କର୍ମ ହିଁ ତାକୁ ନିଜର ଲକ୍ଷ୍ୟ ସ୍ଥଳରେ ପହଂଚାଇ ପାରିବ ଏହା ଭୁଲିଯାଆନ୍ତି । ସାଧାରଣରେ ନଜର ହୁଏ କି ଯୁବପିଢି ଟଙ୍କା ଅଭାବରୁ ମଦ୍ୟ ପାନ କରିଥାଏ, କିନ୍ତୁ ପ୍ରକୃତ କଥା ଯାହାକି ମଦ ପିଇବା ଦ୍ୱାରା ତାର କୌଣସି ଅଭାବ ଅନଟନ ଦୂର ହୁଏ ନାହିଁ । ସେହିପରି ନିଜର ଖୁସି ପାଇଁ ମଦ୍ୟପାନ କରୁଥିବା ବ୍ୟକ୍ତିଟି ଜାଣଇ ନାହିଁ କି ନିଜର ସ୍ୱାସ୍ଥ୍ୟ ହିଁ ନିଜର ସୁଖ । ଯୁବପିଢି ମାନଙ୍କୁ ମୋର ଗୋଟିଏ ପ୍ରଶ୍ନ ଯଦି ମଦ୍ୟପାନ ଦ୍ୱାରା ଆପଣଙ୍କୁ ସୁଖ ମିଳୁଛି,ନିଜର ଅସୁସ୍ଥତାକୁ ନେଇ ଏତେ ଦୁଃଖିତ କଣ ପାଇଁ । କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ଆଜିର ଯୁବପିଢି ମାନେ ଏହି ଶବ୍ଦର ଅର୍ଥ ବୁଝି ମଧ୍ୟ ଅବୁଝା ହେଉଛନ୍ତି । ସମାଜର ଅନେକ ଯୁବପିଢି ଆଜି ଉଚ୍ଚ ଶିକ୍ଷିତ ହୋଇଥିଲେ ବି ଆଜି ସମାଜ ପ୍ରତି ଏକ ଅଶିକ୍ଷିତର ପରାକୃଷ୍ଟ ପାଲଟିଛନ୍ତି ।ଏହି ସମାଜରେ ଅଶିକ୍ଷିତ ଯୁବକଙ୍କ ଠୁ ଶିକ୍ଷିତ ଯୁବ ପିଢ଼ି ମାନେ ଅଧିକ ମଦ୍ୟପାନ କରୁଥିବାର ଦୃଶ୍ୟପଟ ହୁଏ । ଯାହାକି ଛୋଟ ଛୋଟ ପିଲାଙ୍କ ଉପରେ ବହୁତ୍ କୁପ୍ରଭାବ ପକାଇ ଥାଏ । ପ୍ରକୃତରେ ମଦ୍ୟପ ମାନେ ଜାଣିରଖିବା କଥା,ମଦ୍ୟପାନ ନିଜ ଜୀବନର ଶୁଭ ସଂକେତ ନୁହେଁ ବରଂ ଜୁଆ ଖେଳ ସହ ସମାନ । ଏଣୁ ଏକ ସୁନ୍ଦର ଜୀବନ ପାଇଁ ଓ ଏକ ମହତ୍ତ୍ୱ ଉଦ୍ଦେଶ୍ୟରେ ଜୀବନ ନିର୍ବାହ କରିବା ପାଇଁ ମଦ୍ୟପାନ ରୁ ନିବୃତ ରହିବା ଉଚିତ୍ ।ଆଜିର ଏହି ରଙ୍ଗର ପର୍ବରେ ଆମେ ସମସ୍ତେ ଯୁବପିଢି ମାନେ ପ୍ରତିଜ୍ଞା କରିବା ଯେ, ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୋଇ ମଦ୍ୟପାନ ଭଳି ଏକ ମୁହୂର୍ତ୍ତର ଖୁସିକୁ ପରିତ୍ୟାଗ କରିବା ଯାହା ଫଳରେ ଆମ ପରିବାରର ଉନ୍ନତି ହୋଇ ପାରିବ ।କାରଣ ନିଶା ସେବନ ଦ୍ୱାରା ମଣିଷ ଧିରେ ଧିରେ ସ୍ୱାସ୍ଥ୍ୟଗତ ସମସ୍ୟା ଆଡ଼କୁ ଗତି କରିଥାଏ । ଯାହାକି କୌଣସି ସମୟରେ ନିଶା ସେବନ କାରିଙ୍କୁ ଅସୁବିଧାରେ ପକାଇ ଥାଏ ।ଆଜିକାଲି ପୁରୁଷ ଏବଂ ନାରୀ ବିଶେଷ କରି ମଦ୍ୟପାନ କରୁଛନ୍ତି । ଆଧୁନିକତାର ଚାକଚକ୍ୟରେ ମୋହିତ ହୋଇ ଯୁବପିଢି ଏଥିରେ ବେଶୀ ଆକର୍ଷିତ ହେଉଛନ୍ତି ।ନିଜ ଉପାର୍ଜିତ ଅର୍ଥ ହେଉ ବା ବାପା ମାଆଙ୍କର ଅର୍ଥ ହେଉ ଅନାୟାସରେ ଖର୍ଚ୍ଚ କରୁଛନ୍ତି ।ଏହି ଭଳି କୁ କର୍ମ ଜନିତ କାର୍ଯ୍ୟରୁ ନିବୃତ ରହିବା ପାଇଁ ମୋର ସମସ୍ତ ଯୁବପିଢି ମାନଙ୍କୁ ଅନୁରୋଧ ।

ଯୁବ ସାମ୍ବାଦିକ,ନିଆଳି,କଟକ
ମୋ - ୯୦୯୦୯୪୯୫୯୫

ପଂଚ ବଦନାୟ ନମୋ ନମଃ...

।। ପୁଷ୍ପମିତ୍ର ମହାପାତ୍ର ।।

'ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଂଚ ବଦନାୟ ନମୋ ନମଃ....' କଳି ଯୁଗରେ ମହାପ୍ରଭୁ ଶ୍ରୀ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ସମସ୍ତେ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି । ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି । ସେହିପରି ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି । ସେହିପରି କଳ୍କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ । ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ । ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ । ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଂଚାନନ କାରଣ ତାଙ୍କର ପାଂଚଟି ମୁଖ ରହିଛି । ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଂଚମୁଖ ଥିବାର ବର୍ଣ୍ଣନା କରାଯାଇଛି । ଶାସ୍ତ୍ରରେ ପଂଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ । ରାମାୟଣରେ ବର୍ଣ୍ଣିତ ରହିଛି ଯେ, ଅହି ରାବଣ ସମ୍ମୁଖରେ ବୀର ଶ୍ରୀ ହନୁମାନ ରୁଦ୍ରଙ୍କର ଭୟଙ୍କର ପ୍ରଳୟ ରୂପ ପଂଚମୁଖ ନେଇ ଆବିର୍ଭୂତ ହୋଇଥିଲେ ଓ ତା'ର ବିନାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତାଳପୁରରୁ ଉଦ୍ଧାର କରିଥିଲେ । କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରାଧନା କରିଥାନ୍ତି । ହନୁମାନଙ୍କର ପଂଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ । ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଂଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ । କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ । ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ ।

ବୀର ହନୁମାନଙ୍କର ପଂଚମୁଖର ପ୍ରଥମଟି ହେଉଛି କପିମୁଖ । କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ । ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଷଦଭାବରେ ବର୍ଣ୍ଣନା କରାଯାଇଛି । ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ । ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସହ ସୁଗ୍ରୀବଙ୍କ ସାକ୍ଷାତ ଓ ବନ୍ଧୁତାର ସୂତ୍ରଧର ଥିଲେ ବୀର ହନୁମାନ । ସର୍ବପ୍ରଥମେ ଲଙ୍କାରେ ସେ ହିଁ ପ୍ରବେଶ କରିଥିଲେ । ଅସୁରମାନଙ୍କୁ ଭୟ ଦେଖାଇ ଅଶୋକ ବନରେ ମା'ସୀତାଙ୍କ ସନ୍ଧାନ ପାଇଥିଲେ । କେବଳ ସେତିକି ନୁହେଁ ବିଭୀଷଣଙ୍କ ସହ ମିତ୍ରତାର ସୂତ୍ରଧର ସହ ମାୟାପୁରୀ ଲଙ୍କାକୁ ଜାଳିପୋଡ଼ି ଧ୍ୱଂସ କରିଦେଇଥିଲେ । ନାଗଫାସରେ ବନ୍ଧା ରାମ ଓ ଲକ୍ଷ୍ମଣଙ୍କୁ ବନ୍ଧନମୁକ୍ତ ପାଇଁ ଗରୁଡ଼ଙ୍କୁ ଆଣିବା ସହ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ଗନ୍ଧମାର୍ଦ୍ଦନକୁ ଉଠାଇ ଆଣିଥିଲେ ତେଣୁ ଶାସ୍ତ୍ରରେ ଶ୍ରୀରାମଙ୍କ ଶ୍ରେଷ୍ଠ ସେବକ ଭାବେ ହନୁମାନଙ୍କ ସ୍ଥାନ ବର୍ଣ୍ଣନା ରହିଛି । କପିମୁଖ ହନୁମାନଙ୍କ ପୂଜା ଆରାଧନା ଦ୍ୱାରା ଜଣଙ୍କ ସମସ୍ତ ଦୁଃଖ, କ୍ଲେଶ, ଚିନ୍ତା, ଅଭାବ ଓ ସମସ୍ତ ସଙ୍କଟ ଦୂର ହୋଇଥାଏ । ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ । ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ । ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ । ସମସ୍ତ ପ୍ରକାର ଭୟ, ଜଣଙ୍କ ଉପରେ ପଡ଼ିଥିବା କୁଶକ୍ତି ଓ ସବୁ ବିପଦରୁ କେବଳ ଜଣକୁ ନୁହେଁ ତା'ର ପରିବାରକୁ ମୁକ୍ତ କରି ଘରର ଅଶୁଭ ଦୋଷ ଖଣ୍ଡନ କରିଥାଏ । ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ । ଏହା ସକଳ ବିଘ୍ନ ନିବାରକ ମଧ୍ୟ । ଏହି ଗରୁଡ଼ମୁଖକୁ ପୂଜା କଲେ ବ୍ୟକ୍ତି ଓ ପରିବାରର ସମସ୍ତ ବିଘ୍ନ ଦୂର ହୋଇଥାଏ । ବରାହ ମୁଖ ହେଉଛି ବୀର ହନୁମାନଙ୍କର ସର୍ବଗ୍ରହ ଶାନ୍ତି କାରକ ଶକ୍ତି ।

କୁହାଯାଏ ଯେ, ସମସ୍ତ ଗ୍ରହର ପ୍ରତିନିଧି ହେଉଛନ୍ତି ବୀର ହନୁମାନ । ତେଣୁ ନବଗ୍ରହଙ୍କ ପ୍ରତିନିଧି ଦେବତା ଭାବେ ହନୁମାନଙ୍କୁ ବିଶ୍ୱାସ କରାଯାଏ । ବୀର ହନୁମାନ ହେଉଛନ୍ତି ରବିଙ୍କର ତେଜ ଓ ନେତୃତ୍ୱର ପ୍ରତୀକ, ସେହିପରି ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ, ନିର୍ମଳ ମନ ଓ ଭକ୍ତିର ପ୍ରତୀକ । ମଙ୍ଗଳଙ୍କ ବୀରତ୍ୱ ଓ ଉଗ୍ରତ୍ୱର ପ୍ରତୀକ, ବୁଧଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରତୀକ । ବୃହସ୍ପତିଙ୍କ ବିଦ୍ୟା, ସମ୍ମାନ ଓ ଯଶର ପ୍ରତୀକ । ଶୁକ୍ରଙ୍କର ଐଶ୍ୱର୍ଯ୍ୟ ଓ କଳାର ପ୍ରତୀକ । ଶନିଙ୍କର କଠୋରତାର ପ୍ରତୀକ, ରାହୁଙ୍କ ପ୍ରଚଣ୍ଡତ୍ୱର ପ୍ରତୀକ ଓ କେତୁଙ୍କ ମାୟାର ପ୍ରତୀକ । ତେଣୁ ବୀର ହନୁମାନ ହେଉଛନ୍ତି ନବଗ୍ରହ ସ୍ୱରୂପ । ଏଣୁ ବିଶ୍ୱାସ ରହିଛି ଗରୁଡ଼ ମୁଖ ହନୁମାନଙ୍କୁ ପୂଜାକଲେ ନବଗ୍ରହଙ୍କ ବର, ଆଶୀର୍ବାଦ ଓ ଶୁଭଫଳ ନିଶ୍ଚିନ୍ତ ଭାବରେ ପ୍ରାପ୍ତ ହୋଇଥାଏ । ଅଶ୍ୱ ବା ହୟଗ୍ରୀବ ମୁଖ ହେଉଛି ଅନୁକୂଳ ପରିସ୍ଥିତି ସୃଷ୍ଟିକାରୀ କୃପା ଆଶୀର୍ବାଦର ପ୍ରତୀକ । ଜଣେ ଏହି କୃପାପ୍ରାପ୍ତ ହୋଇ ବୀର ହନୁମାନଙ୍କ ଆଶୀର୍ବାଦରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରିୟପାତ୍ର ହୋଇଥାଏ । ଲୋକବିଶ୍ୱାସ ରହିଛି ପଂଚମୁଖୀ ହନୁମାନଙ୍କୁ ଗୃହ ସମ୍ମୁଖରେ ରଖି ଭକ୍ତି ଓ ପୂଜା ବିଶ୍ୱାସର ସହ ତାଙ୍କ ଆରାଧନା କଲେ ଗୃହକର୍ତ୍ତା ବା ଘରର ମୁରବୀ ସମସ୍ତ ଶୁଭଫଳ ପ୍ରାପ୍ତ ହେବା ସହ ଘରର ପ୍ରତିକୂଳ ପ୍ରଭାବ ହ୍ରାସ ହୋଇ ସବୁକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ । କେବଳ ସେତିକି ନୁହେଁ ଗ୍ରହଦୋଷ ଓ ଗୃହ ଦୋଷ ଖଣ୍ଡନ ହୋଇଥାଏ । ସେହିପରି ଘରର ସମସ୍ତ ବାସ୍ତୁଦୋଷ, ପ୍ରତିକୂଳ ପରିସ୍ଥିତିରୁ ଭଲ ସ୍ଥିତିକୁ ରୂପାନ୍ତରିତ କରିଥିବା ସର୍ବଶକ୍ତିମାନ ହେଉଛନ୍ତି ଏହି ପଂଚମୁଖୀ ହନୁମାନ । ଆସନ୍ତୁ ଏହି କଳିଯୁଗରେ ସଦାସର୍ବଦା ବୀର ହନୁମାନଙ୍କ ନାମ ସ୍ମରଣ କରି ସବୁବେଳେ ସତ୍ୟ ଓ ଧର୍ମ ପଥରେ ଚାଲି ନିଜ ଜୀବନକୁ ଜଗତର କଲ୍ୟାଣ ପାଇଁ ଉତ୍ସର୍ଗ କରିବା । ଜୟ ବୀର ହନୁମାନ ।

ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ, ସେକ୍ଟର-
୬, ସିଡିଏ, କଟକ,
ଦୂରଭାଷ;୯୪୩୭୨୨୫୬୮୯,

ଶ୍ରୀ ହନୁମନ୍ତ ସ୍ତୋତ୍ର

ପ୍ରଥମେ ସାମ୍ନାରେ ଶ୍ରୀ ବୀରହନୁମାନଙ୍କର ମୂର୍ତ୍ତି କିମ୍ବା ଫଟୋ ରଖନ୍ତୁ । ଏଥିରେ ପୂର୍ବୋକ୍ତ ଅନୁସାରେ ଫୁଲ, ଚନ୍ଦନ, ଧୂପ, ପ୍ରଦାନ କରନ୍ତୁ । ଏହାଙ୍କୁ ଭକ୍ତି ସହକାରେ ଧ୍ୟାନ କରି ଶ୍ରଦ୍ଧାର ସହ ପ୍ରଣାମ କରନ୍ତୁ ତା'ପରେ ପାଠ କରନ୍ତୁ ।

ଓଁ ହନୁମତେ ନମଃ
ଅଞ୍ଜନା ଗର୍ଭ ସଂଭୂତ କପୀନ୍ଦ୍ର ସଚୀବୋତ୍ତମ । ରାମ ପ୍ରିୟ ନମସ୍ତୁଭ୍ୟଂ ହନୁମାନ୍ ରକ୍ଷ ସର୍ବଦା ।।
ମର୍କଟେସ ମହୋତ୍ସାହ ସର୍ବଶୋକ ବିନାଶନ । ଶତ୍ରୂନ୍ ସଂହାରମାଂ ରକ୍ଷଶ୍ରୀୟଂ ଦାପୟମେପ୍ରଭୋ ।।
ଜୟଖ୍ୟାତି ବଳରାମ ଲକ୍ଷ୍ମଣଶ୍ଚ ମହାବଳଃ । ରାଜା ଜୟତି ସୁଗ୍ରୀବୋ ରାଘବେଣାଭି ପାଳିତଃ ।।
ଦାସୋଽହଂ କୋଶଳେନ୍ଦ୍ରସ୍ୟ ଭୀମସ୍ୟ କ୍ଲିଷ୍ଟ କର୍ମଣଃ । ହନୁମାନ ଶତ୍ରୁ ସନ୍ୟାନାଂ ନିହନ୍ତା ମାରୁତାତ୍ମଜଃ ।।
ନ ରାବଣ ସହସ୍ରଂମେ ଯୁଦ୍ଧେ ପ୍ରତିବଳଂ ଭବେତ । ଶିଳାଭିଶ୍ଚ ପ୍ରହରତଃ ପାଦପୈଶ୍ଚ ସହସ୍ରଶଃ ।।
ସବେଦୀ ନିତ୍ୟଂ ପରିତପ୍ୟ ମାନ । ସ୍ୱାମେବ ସୀତେ ତ୍ୟଭିଭାଷମାଣଃ ।।
ଧୃତବ୍ରତୋ ରାଜସୁତୋ ମହାତ୍ମା । ତଥୈବ ଲାଭାୟ କୃତପୟତ୍ନଃ ।। (୮ଥର ପଠନୀୟ) ବିଶ୍ୱାସ ରହିଛି ଏହାକୁ ପଠନ କଲାପରେ କେତେଦିନ ପରେ ନିଶ୍ଚୟ ସୁଫଳ ମିଳିବ ।

ଅତିରିକ୍ତ ଦୌରାଜର୍ଜ, ଅତିରିକ୍ତ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ନିମନ୍ତେ ଦାବୀ ଜୋର ଧରିଲା

ଜି.ଉଦୟଗିରି,୦୮/୦୪ (ଆ.ପ୍ର) :କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଠାରେ ଥିବା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଏବଂ ଅତିରିକ୍ତ ଉପଜିଲ୍ଲାପାଳଙ୍କ ପୂର୍ଣ୍ଣ କ୍ଷମତା ନିମନ୍ତେ ପୁଣିଥରେ ଦାବୀ ଜୋର ଧରିଛି । ବ୍ରିଟିଶ ଅମଳର ବହୁ ପୁରାତନ କୋର୍ଟ ଏବଂ ଅତିରିକ୍ତ ଉପଜିଲ୍ଲାପାଳଙ୍କ ପୂର୍ଣ୍ଣ କ୍ଷମତା ନିମନ୍ତେ ନିର୍ଭର କରୁଥିବା ୪ ଗୋଟି ବ୍ଲକ ଯଥା ଜି.ଉଦୟଗିରି, ରାଇକିଆ, ଟିକାବାଲି ଓ ତକାପାଦ ଅଂଚଳବାସୀଙ୍କ ଉପରେ ସିଧାସଳଖ ପ୍ରଭାବ ପଡୁଛି । ଦୁଃଖ ଓ ପରିତାପର ବିଷୟ ସ୍ୱାଧୀନତାକୁ ୭୭ ବର୍ଷ ବିତି ଯାଉଥିଲେ ସୁଦ୍ଧା ଅଂଚଳବାସୀଙ୍କ ପ୍ରାଥମିକତା ତଥା ନ୍ୟାର୍ଯ୍ୟ ଦାବୀ ବର୍ତ୍ତମାନ ସୁଦ୍ଧା ପୂରଣ ହୋଇପାରିନାହିଁ ଓ ଜି.ଉଦୟଗିରି ଠାରେ ଥିବା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜଙ୍କ ପୂର୍ଣ୍ଣ କ୍ଷମତା ନ ଥିବା ଯୋଗୁଁ ଅଂଚଳବାସୀ ବିଭିନ୍ନ ମାଲି ମକଦ୍ଦମା ଗୁଡ଼ିକ ପାଇଁ ବାଳିଗୁଡ଼ା, ଫୁଲବାଣୀ କୋର୍ଟ ଉପରେ ନିର୍ଭରଶୀଳ ରହୁଥିବା ଦେଖିବାକୁ ମିଳିଛି । ଗମନାଗମନ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ ରାଇକିଆ ବ୍ଲକ କରଡ଼ା, ରଣବା, ଗୋଛା, ବାରବା ଏବଂ ତକାପାଦ ବ୍ଲକର ବ୍ରାହ୍ମଣ ପାଦ, ପସରା, ଟାହାଳୀ, କଖାରୁଝୁଲା ଭଳି ପଂଚାୟତରେ ଟେଲିଫୋନ ଦ୍ୱାରା ଯୋଗାଯୋଗ ହୋଇପାରୁନଥିବା ଯୋଗୁଁ ବିଭିନ୍ନ ସମୟରେ ଜନସାଧାରଣ କୋର୍ଟ ଦ୍ୱାରା ସମନ ନ ପାଇ ୱାରେଂଟର ଶିକାର ମଧ୍ୟ ହେଉଥିବା ଅଭିଯୋଗ ହୋଇଆସୁଛି । ବହୁ ବର୍ଷ ହେବ ଦାବୀ ହୋଇ ଆସୁଥିଲେ ସୁଦ୍ଧା ପ୍ରଶାସନ ତରଫରୁ ଅଂଚଳ ବାସିଙ୍କ ହିତ ପାଇଁ କୌଣସି ସ୍ଥାୟୀ ପଦକ୍ଷେପ ନିଆ ଯାଇନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଂଚଳ ବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ଏତିକେ କୋର୍ଟ ସ୍ଥାପନ ଦାବୀକୁ ନେଇ ଜି.ଉଦୟଗିରି ଓକିଲ ସଂଘ ପକ୍ଷରୁ ଏକ ଲିଖିତ ଦାବୀ କରାଯାଇଛି । ଦାବୀକୁ ଆଧାର କରି ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ପକ୍ଷରୁ ଆଇନ ବିଭାଗୀୟ ଅଧକ୍ଷଙ୍କୁ କୋର୍ଟ ସ୍ଥାପନା ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ପାଇଁ ଚିଠି ମାଧ୍ୟମରେ ଜଣେଇଥିଲେ । କିନ୍ତୁ ତାହା ଉପରେ କୌଣସି ବିହିତ ପଦକ୍ଷେପ କାର୍ଯ୍ୟକାରି ହୋଇନଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଓକିଲ ସଂଘ ଓ ଏପଟେ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ କୋର୍ଟରେ କୌଣସି ପ୍ରକାର କେଶର ଫଇସଲା ନିମନ୍ତେ ଦୂର ଦୁରାନ୍ତରୁ ବାଳିଗୁଡ଼ା କୋର୍ଟ ଯାଇ ଦିନ ତମାମ ରହି ଖର୍ଚ୍ଚାନ୍ତ ହେବା ସଙ୍ଗେ ସଙ୍ଗେ ଗାଁକୁ ଫେରିବାରେ ଆର୍ଥିକ ଓ ମାନସିକ କଷ୍ଟ ଭୋଗୁଥିବା ଅଭିଯୋଗ ଆଣିଛନ୍ତି ଅଂଚଳବାସି ଓ ନୂତନ ଆଇନ ପ୍ରଣୟନ ଦ୍ୱାରା ସହକାରୀ ଦୌରା ଜର୍ଜରେ ଥିବା ମାମଲା ଗୁଡ଼ିକ ଯେଭଳି ବଳାତ୍କାର, ହତ୍ୟା, ଏନଡିପିଏସ, ପୋକ୍ସ, ପାରିବାରିକ ମାମଲାର ସମାଧାନ ନିମନ୍ତେ ବାଳିଗୁଡ଼ା, ଫୁଲବାଣୀ କୋର୍ଟକୁ ଯିବାଆସିବା କରୁଛନ୍ତି । ଜନସାଧାରଣ ଯାହା ଫଳରେ ଏହା ଲୋକଙ୍କ ମାନସିକ ଓ ଆର୍ଥିକ କ୍ଷେତ୍ରରେ ସିଧା ପ୍ରଭାବ ପଡୁଛି । ସେହିଭଳି ସ୍ଥାନୀୟ ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କେହି ଅଧିକାରୀ ନ ଥିବା ଯୋଗୁଁ ଅଂଚଳ ବାସୀ ଦୁଃଖ ପ୍ରକଟ କରିଛନ୍ତି । ଉକ୍ତ ଦୁଇ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଧ୍ୟାନରେ ରଖି ଅତିରିକ୍ତ ଦୌରା ଜର୍ଜ, ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପୂର୍ଣ୍ଣ କ୍ଷମତା ଓ କାର୍ଯ୍ୟକ୍ଷମ କରିବା ନିମନ୍ତେ ଓକିଲ ସଂଘ, ପ୍ରେସ କ୍ଲବ, ବ୍ୟବସାୟୀ ସଂଘ, ମିଳିତ କ୍ରିୟାନୁଷ୍ଠାନ କମିଟି, ମା ବରାଳଦେବୀ ଘରୋଇ ମୋଟର କର୍ମଚାରୀ ସଂଘ,ମା ବରାଳିନୀ ଅଟୋ ମାଲିକ ସଂଘ, ବହୁ ଅନୁଷ୍ଠାନ ଏବଂ ସ୍ଥାନୀୟ ଅଂଚଳ ବାସୀଙ୍କ ପକ୍ଷରୁ ଦାବୀ ହେଉଛି । ଯଥାଶୀଘ୍ର ଦାବୀ ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଅଂଚଳବାସୀ ।

ଓଡ଼ିଆ ପକ୍ଷ ପାଳନ ଅବସରରେ ୪୪ ୟୁନିଟ ରକ୍ତ ସଂଗ୍ରହ

ରାୟଗଡ଼ା,୦୮/୦୪ (ଆ.ପ୍ର) : ରାୟଗଡା ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଓଡିଆ ପକ୍ଷ ପାଳନ ଅବସରରେ ସଂସ୍କୃତି ବିଭାଗ, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସହଯୋଗରେ ଆଜି ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସମୁଦାୟ ୪୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି ରକ୍ତ ଦାନ ଶିବିରକୁ ରାୟଗଡା ଜିଲ୍ଲାପାଳ ପାରୁଲ ପଟାୱରୀ ଉଦଘାଟନ କରିଥିଲେ । ରାୟଗଡା ରକ୍ତଭଣ୍ଡାରର ଡାକ୍ତର ଗୌତମ ପଟ୍ଟନାୟକ, ସରୋଜକାନ୍ତ ଆଚାର୍ଯ୍ୟ, ବାଡ଼ି କିଶୋର କୁମାର, ଉମାକାନ୍ତ ମିଶ୍ର, ଶିବାଜି ବିଶୋୟି ଓ ତନ୍ମୟ ପରିଛା ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ରକ୍ତଦାତା ମାନଙ୍କୁ ରାୟଗଡା ଜିଲ୍ଲାପାଳ ପାରୁଲ ପଟାୱରୀ, ଅତିରୀକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ପାଢ଼ୀ, ଏଡିଏମ(ପିଏଚ) ମମତା ଚୌଧୁରୀ, ଉପ-ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତୀ ଅଧିକାରୀ ସୁସ୍ମିତା ବାଉରୀ, ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ସରସ୍ୱତୀ ରାୟ,ମହିଳା ଏନଏସଏସ ଅଧିକାରୀ ମୋନାଲିସା ପାଣିଗ୍ରାହି, ଏ ଭି ଭାସ୍କର, ଟଙ୍କଧର ବାଗ, ଲକେନ୍ଦ୍ର ଟାଙ୍ଗାରାଙ୍ଗା, ପ୍ରିତୀକା ଭାରାନସୀ, ଅଙ୍କିତା ରାଉତ, ତୃପ୍ତିମୟୀ ଭୋଇ, ପ୍ରଶାନ୍ତ ସାହୁ, ହରୀଶ ନିମାଲ, ପ୍ରମିତ ମିଶ୍ର, ପି.ଚିନ୍ମୟୀ, ଜିଲ୍ଲା ଜରୁରୀ କାଳିନ ଅଧିକାରୀ ମନୋଜ କୁମାର ନାହାକ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ ।

ନୂପୁର ନୃତ୍ୟ ଅନୁଷ୍ଠାନ ସୋର ତରଫରୁ ଓଡ଼ିଶୀ ନୃତ୍ୟ ଗୁରୁ କେଳୁଚରଣ ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିଚାରଣ

ସୋର, ୦୮/୦୪ (ଆ.ପ୍ର) : ସୋରରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ । ଓଡ଼ିଶୀ ନୃତ୍ୟର କିମ୍ବଦନ୍ତୀ ପୁରୁଷ ତଥା ପଦ୍ମବିଭୂଷଣ ଓଡ଼ିଶୀ ନୃତ୍ୟ ଗୁରୁ ସ୍ୱର୍ଗତ କେଳୁଚରଣ ମହାପାତ୍ରଙ୍କ ୨୧ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସୋରର ଅଗ୍ରଣୀ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ 'ନୂପୁର' ତରଫରୁ ଜ୍ଞାପନ କରାଯାଇଛି । ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟରେ ସ୍ୱତନ୍ତ୍ର ନିଜସ୍ୱ ଶୈଳୀ ସୃଷ୍ଟି କରି ସାରା ବିଶ୍ୱରେ ଶିଷ୍ୟ ମାନଙ୍କୁ ବିଚ୍ଛୁରିତ କରାଇ ଦେଇଛନ୍ତି । ତାଙ୍କ ଶୈଳୀର ଅନୁଗାମୀ ମାନଙ୍କ ପାଇଁ ୫୦ରୁ ଊର୍ଦ୍ଧ୍ୱ ନୃତ୍ୟ ନାଟିକା, ୧୪ଟି ପଲ୍ଲବୀ, ମଙ୍ଗଳାଚରଣ, ବଟୁ, ଅଭିନୟ ପ୍ରାୟ ସମସ୍ତ ଅଷ୍ଟପଦୀ ଓ ବହୁନୃତ୍ୟ ନାଟିକା ସଂଯୋଜନା କରିଛନ୍ତି । ଗୁରୁଜୀଙ୍କର ଓଡ଼ିଶୀ ନୃତ୍ୟ ପ୍ରତି ଅବଦାନ ଓ ତାଙ୍କର କୃତିତ୍ୱ ବିଷୟରେ କୁନି କୁନି ନୃତ୍ୟଶିଳ୍ପୀଙ୍କ ସହିତ ନୂପୁରର ନିର୍ଦ୍ଦେଶିକା ମିତାଲୀ ଷଡ଼ଙ୍ଗୀ ଓଡ଼ିଶୀ ନୃତ୍ୟ ପ୍ରତି ଗୁରୁ କେଳୁଚରଣ ମହାପାତ୍ରଙ୍କ ତ୍ୟାଗ, ମହାନତା ତଥା ଆଜି ଦେଶ ବିଦେଶରେ ତାଙ୍କ ଦ୍ୱାରା ପ୍ରଚାର ହୋଇ ଓଡ଼ିଶୀ ନୃତ୍ୟ ବିଶ୍ୱବନ୍ଦିତ ହେବା ବିଷୟରେ ଆଲୋଚନା କରିଥିଲେ ।

ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ଯାଜପୁର ଜିଲ୍ଲାରେ ରକ୍ତ ଦାନ ଅଭିଯାନ ଅନୁଷ୍ଠିତ

ଯାଜପୁର, ୦୮/୦୪ (ଆ.ପ୍ର) : ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ଯାଜପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜିଲ୍ଲା ସ୍ତରୀୟ 'ରକ୍ତ ଦାନ ଅଭିଯାନ' ଅନୁଷ୍ଠିତ ହୋଇଯାଇଅଛି । ଏହି ରକ୍ତ ଦାନ ଅଭିଯାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର, ଲଛମନ ବାଲାଜୀଭ ସ୍ନାତକ ମହାବିଦ୍ୟାଳୟ, ଅଙ୍ଗାଳୋ ପରିସରରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦ ୟୁନିଟ ଓ ଅଙ୍ଗାଳୋ ମହାବିଦ୍ୟାଳୟରେ ୭୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଆଜିର ଏହି ରକ୍ତ ଦାନ ଅଭିଯାନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ ଚନ୍ଦ୍ର ଦଳ, ଯୁବ ରେଡକ୍ରସ୍ ଅଧିକାରୀ, ବିଭାଗୀୟ ଅଧିକାରୀମାନଙ୍କ ସମେତ ରକ୍ତଦାତା ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ ।

ଗେଡ଼ମା ଗ୍ରାମର ଅନନ୍ତ ସେଠୀ ଖଡ଼ଗପୁର ନିଖୋଜ



ହାଟଡ଼ିହି,୦୮/୦୪ (ଆ.ପ୍ର) : ନନ୍ଦିପଦା ଥାନା ଅଧିନସ୍ଥ ଗେଡ଼ମା ଗ୍ରାମର ଅନନ୍ତ ସେଠୀ(୬୨) ଖଡ଼ଗପୁର ରେଲୱେ ଷ୍ଟେସନରୁ ନିଖୋଜ ହୋଇଥିବା ନେଇ ଜଣାଯାଇଛି । ମିଳିଥିବା ସୂଚନା ଅନୁସାରେ ଆଜକୁ ଦେଢ଼ ମାସ ତଳେ ଅନନ୍ତ ସେଠୀ ନିଜ ଗ୍ରାମର ସୁଶାନ୍ତ ଦାସ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନେଇ ପଶ୍ଚିମ ବଙ୍ଗଳା ସ୍ଥିତ ହୁଗୁଳି ଜିଲ୍ଲାର ନସିବପୁର ଅଂଚଳକୁ ଆଳୁ କ୍ଷେତକୁ ଦିନ ମଜୁରିଆ ଭାବେ କାମ କରିବା ପାଇଁ ଯାଇଥିଲେ । ଗତ ୫ତାରିଖ ଦିନ ଉଭୟ ଅନନ୍ତ ଓ ସୁଶାନ୍ତ ଘରକୁ ଫେରୁଥିଲେ । ପ୍ଲାଟଫର୍ମରେ ସୁଶାନ୍ତଙ୍କୁ ବସାଇ ଅନନ୍ତ ଟିକେଟ ଆଣିବାକୁ ଯାଇ ଫେରି ସୁଶାନ୍ତଙ୍କୁ ପାଇନଥିଲେ । ସୁଶାନ୍ତ କେଉଁଆଡ଼େ ଚାଲିଗଲେ ଭାବି ଅନନ୍ତ ସେପଟେ ସୁଶାନ୍ତଙ୍କୁ ଖୋଜୁଥିଲା ବେଳେ ଏପଟେ ୨ଦିନ ପରେ ସୁଶାନ୍ତ ଆସି ଗାଁରେ ପହଂଚିଛନ୍ତି । ସାଥିରେ ଯାଇଥିବା ଅନନ୍ତ ନଆସିବା ଘଟଣାରେ ଅନନ୍ତଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଆଜକୁ ପ୍ରାୟ ୩୦ବର୍ଷ ହେବ ଅନନ୍ତ ପଶ୍ଚିମ ବଙ୍ଗଳାକୁ ଯାଇ କାମଧନ୍ଦା କରି ଆସୁଥିବା କେମିତି ବାଟ ଭୁଲିଲେ ତାହା ଅନେକାଂଶରେ ସନ୍ଦେହ ସୃଷ୍ଟି କରିଛି । ଅନନ୍ତ ଘରକୁ ନଫେରିବାରୁ ଗତ ଦୁଇଦିନ ହେବ ତାଙ୍କ ସ୍ତ୍ରୀ ଓ ପୁଅ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ସୁଦୂର ଖଡ଼ଗପୁରକୁ ଯାଇ ଅନନ୍ତଙ୍କୁ ଖୋଜିବା ସକାଶେ ଗେଡ଼ମା ସରପଂଚଙ୍କ ପ୍ରତିନିଧି ସୁରେନ୍ଦ୍ର କାଣ୍ଡି ଓ ଗ୍ରାମର ମନୋରଞ୍ଜନ ଦାସ ଗାଁ ଯୁବଗୋଷ୍ଠୀଙ୍କୁ ନେଇ ୩ଗୋଟି ଟିମ୍ ଗଠନ କରି ମଙ୍ଗଳବାର ଖଡ଼ଗପୁର ଅଭିମୁଖେ ବାହାରି ଯାଇଛନ୍ତି । ଯଦି କେହି ସହୃଦୟ ବ୍ୟକ୍ତି ଅନନ୍ତଙ୍କର କୌଣସି ଖବର ପାଆନ୍ତି ତା'ହେଲେ ଦିଆଯାଇଥିବା ଏହି ୭୮୪୯୦୫୪୮୪୧, ୮୪୮୦୧୧୫୬୦୫, ୭୮୪୮୯୯୨୮୯୪, ୬୩୭୨୩୬୫୮୬୧ ମୋବାଇଲ ନମ୍ବର ଗୁଡ଼ିକରେ ଯୋଗାଯୋଗ କରିବାକୁ ଅନୁରୋଧ । ଏଥିସହ ଅନନ୍ତଙ୍କୁ ଖୋଜି ବାହାର କରିବାକୁ ପରିବାର ଲୋକେ ଓଡ଼ିଶା ସରକାରଙ୍କ ନିକଟରେ ମଧ୍ୟ ଗୁହାରି ନିବେଦନ ଜଣାଇଛନ୍ତି ।

ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଯୁବରେଡ୍ କ୍ରସ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି, ୦୮/୦୪ (ଆ.ପ୍ର) : ରକ୍ତଦାନ ମହତ ଦାନ । ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଯୁବରେଡ୍ କ୍ରସ, ଜାତୀୟ ସେବାଯୋଜନା ଓ ଆମ ଓଡିଶା ତରଫରୁ ଓଡିଆ ପକ୍ଷ ପାଳନ ଓ ଯୁବରେଡ କ୍ରସ ତରଫରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ନୀଳଗିରିର ବିଧାୟକ ସନ୍ତୋଷ କୁମାର ଖଟୁଆ ଉକ୍ତ ରକ୍ତଦାନ ଶିବିରକୁ ଉଦଘାଟିତ କରି ରକ୍ତଦାନର ମହତ୍ୱ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡା ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର ୨୭ ଜଣଛାତ୍ରୀ ରକ୍ତଦାନ କରିଥିବାବେଳେ ଆମ ଓଡ଼ିଶା ତରଫରୁ ସାମ୍ବାଦିକ ଦିଲ୍ଲୀପ ସ୍ୱାଇଁ ରକ୍ତଦାନ କରିଥିବାବେଳେ ଅନ୍ୟ ୩ ସଦସ୍ୟ ରକ୍ତଦାନ କରିଥିଲେ । ନୀଳଗିରି ସ୍ୱାସ୍ଥ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ରକ୍ତ ଭଣ୍ଡାର ତରଫରୁ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିବାବେଳେ ମହାବିଦ୍ୟାଳୟର ଯୁବରେଡ କ୍ରସ୍ ଅଧିକାରୀ ଅଧାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଓ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଅଧାପିକା ମୌସୁମୀ ଭୋଳ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

ଜାତୀୟ ପତାକାକୁ ଅସମ୍ମାନ

ଦଶପଲ୍ଲା, ୦୮/୦୪ (ଆ.ପ୍ର) : ଭାରତ ଦେଶ ଆମର ଗର୍ବ ଓ ଗୌରବ । ଭାରତ ଆମର ଜନନୀ ଓ ଆମେ ତାର ସନ୍ତାନ । ଏହି ଦେଶର ସ୍ୱାଧୀନ ପାଇଁ ଅନେକ ମହାପୁରୁଷ ନିଜର ବଳିଦାନ ଦେଇଛନ୍ତି । ଆମ ଦେଶର ସମ୍ମାନ ସ୍ୱରୂପ ଆମର ତ୍ରିରଙ୍ଗା ପତାକା । ଯାହାର ମଧ୍ୟ ଭାଗରେ ଅଶୋକ ଚକ୍ର ବିଦ୍ୟମାନ । ଏହି ପତାକାକୁ ସମସ୍ତ ନାଗରିକ ସମ୍ମାନ ଦେବା ଆମର କର୍ତବ୍ୟ । ତେବେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ଖୋଦ ଦଶପଲ୍ଲା ବ୍ଲକ ଅଫିସ ର ଭିଡ଼ିଓ କନଫରେନସ ହଲ ନିକଟରେ । କେତେ ଗୁଡିଏ ଜାତୀୟ ପତାକାକୁ ବାଡ଼ିରେ ଲଗାଇ କରି ଏକତ୍ର ଗୁଡ଼ାଇ ଏକ ପରିତ୍ୟକ୍ତ ସ୍ଥାନରେ ପଡ଼ିରହିଛି । ଏହା କଣ ଅଧିକାରୀ ଜାଣିନାହାନ୍ତି ନା ଜାଣିଶୁଣି ଏ ପ୍ରକାର ଧୃଷ୍ଟତା କରିଛନ୍ତି । ଏହା କେତେଦୂର ଠିକ ତାହା ଉପରେ ସମ୍ପୂର୍ଣ ବିଚାର କରିବା ଉଚିତ ।

ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆଲୋଚନା ଚକ୍ର

ଟିକାବାଲି, ୦୮/୦୪ (ଆ.ପ୍ର) : ଟିକାବାଲି, ଏଏମ୍‌ସିଏସ୍ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏକ ପାଠଚକ୍ର ଅୟୋଜିତ ହୋଇଯାଇଛି । ଏହି ସଭାରେ ଓଡ଼ିଆ ବିଭାଗର ସମସ୍ତ ସ୍ନାତକ ଓ ସ୍ନାତକୋତର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଅଧକ୍ଷ ଦୀନବନ୍ଧୁ ମହାନ୍ତି ଏହି ସଭାରେ ସଭାପତି ଭାବରେ ଯୋଗ ଦେବା ସହିତ ବିରୂପାକ୍ଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ସମ୍ମାନିତ ଅତିଥି ଭାବରେ କବି ମନୋଜ ଭୋଇ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ନିବନ୍ଧକୁ ପ୍ରସଂଶା କରିଥିଲେ । ସ୍ନାତକୋତର ପ୍ରଥମ ବର୍ଷର ଛାତ୍ରୀ ଶିବାନୀ ମଲିକ୍, ସୁନିତା ମଳିକ, ଅର୍ପିତା ଗୌଡ, ବର୍ଷା ଦିଗାଲ, ଛାତ୍ର ଅନିଲ ପ୍ରଧାନ 'ପଂଚାସଖାଯୁଗୀୟ ସାହିତ୍ୟର ଧାର୍ମିକ ପୃଷ୍ଠଭୂମି' ଉପରେ ନିଜ ନିଜ ନିବନ୍ଧ ଉପସ୍ଥାପନ କରିଥିଲେ । ନିବନ୍ଧ ସମୀକ୍ଷକ ତଥା ଆଲୋଚକ ଭାବରେ ଅଧାପକ ଗିଲୁ ପ୍ରଧାନ ଏବଂ ଅଧାପକ ରାଜେନ୍ଦ୍ର କୁମାର ନାୟକ ଏହି ସଭାରେ ଯୋଗ ଦେଇ ବିଶଦ ଆଲୋଚନା କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ସହିତ ମଙ୍ଗଳଦାତା ଗଣେଶଙ୍କ ଆଶିର୍ବାଦ ଗ୍ରହଣକରି ପରମ୍ପରା ଓ ବିଧି ଅନୁସାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପକ ଓ ଅଧାପିକା ଏହି ସଭାରେ ଯୋଗଦେଇ ନିଜ ମନ୍ତବ୍ୟ ରଖିଥିଲେ । ଶେଷରେ ସ୍ନାତକତୋର ଦ୍ୱିତୀୟ ବର୍ଷର ଛାତ୍ର ଜ୍ଞାନେଶ୍ୱର ସାହୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଶାସନ ସଚିବ ଚିତ୍ରା ଅରୁମୁଗମଙ୍କ ୩ ଦିନିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତ

ଖୋର୍ଦ୍ଧା,୦୮/୦୪ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମିକନ୍ନୀ କକ୍ଷରେ ଖୋର୍ଦ୍ଧା ଜିଲ୍ଲା ଉନ୍ନୟନ ତଦାରଖ ଦାୟିତ୍ୱରେ ଥିବା ଓଡିଶା ସରକାରଙ୍କ ବିଜ୍ଞାନ କାରିଗରୀ, ଶ୍ରମ ଏବଂ ରାଜ୍ୟ କର୍ମଚାରୀ ବୀମା ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଚଂଚଳ ରାଣାଙ୍କ ଉପସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଗୁଡିକର ଅଗ୍ରଗତିରେ ଉପୁଜୁଥିବା ସମସ୍ୟା ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖଭାବେ ସମୀକ୍ଷା କରି କ୍ଷେତ୍ର ପରିଦର୍ଶନ କରିଛନ୍ତି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ନିଜ ନିଜ ବିଭାଗ ଦାୟିତ୍ୱରେ ଥିବା କାର୍ଯ୍ୟାବଳୀ ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଏବଂ ଜିଲ୍ଲାପାଳଙ୍କୁ ବୁଝାଇଥିଲେ । ପରେ ପ୍ରମୁଖଶାସନ ସଚିବ ବିଭାଗୀୟ ସମସ୍ତ ଅଧିକାରୀ ଓ ଲାଇନ ଡିପାର୍ଟମେଂଟ ଯନ୍ତ୍ରୀଙ୍କୁ ପ୍ରକଳ୍ପର ଅଗ୍ରଗତି ଓ ରୂପାୟାନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ପଚାରି ବୁଝି ଥିଲେ । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଜନସାଧାରଣଙ୍କ ସୁରକ୍ଷା, ପାନୀୟ ଜଳ, ଜଳଛତ୍ର କେନ୍ଦ୍ର, ପଶୁପକ୍ଷୀ ମାନଙ୍କ ନିମନ୍ତେ ଜଳକୁଣ୍ଡ ବ୍ୟବସ୍ଥା, ନଳକୂପ ବ୍ୟବସ୍ଥା, ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳ ଯୋଗାଇଦେବା ଉପରେ ଗୁରୁତ୍ୱଆରୋପ କରିଥିଲେ । ଜିଲ୍ଲାରେ ଜଳଛତ୍ର କେନ୍ଦ୍ର ୩୬୮ ଗୋଟି (ଗ୍ରାମାଂଚଳ ୨୭୩,ଓ ସହରାଂଚଳରେ ୯୫), ଛାମୁଡ଼ିଆ ୮୨ ଗୋଟି ନିର୍ମାଣ କରାଯାଇଅଛି । ଜିଲ୍ଲାରେ ୧୭୧୯୩ ଗୋଟି ନଳକୂପ ଥିବାବେଳେ, ଅଭିଯୋଗ ଆସିଲେ ୪୮ଘଂଟା ମଧ୍ୟରେ ସମାଧାନ କରାଯାଉଛି ବୋଲି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ଜଳକ୍ଲିଷ୍ଟ ପ୍ରଭାବିତ ୬୪ଗୋଟି ପକେଟ ରେ ଟ୍ୟାଙ୍କରଯୋଗେ ଜଳ ଯୋଗାଇବା, ଯେନସେଟ ମହଜୁଦ କରି ରଖିବା, ଅଂଶୁଘାତ ରୋଗୀଙ୍କ ସେବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ଗୋଟି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ ଗୋଟି ଏବଂ ପ୍ରତ୍ୟେକ ପ୍ରାଥମିକ ଚିକିତ୍ସାଳୟରେ ୧ ଗୋଟି ଶୀତାତାପ ନିୟନ୍ତ୍ରଣ କକ୍ଷ ସଂରକ୍ଷଣ କରି ରଖାଯାଇଛି । ୩୧ ଗୋଟି ପାଣି ଟ୍ୟାଙ୍କର ଓ ୮ଗୋଟି ଯେନସେଟ ରଖା ଯାଇଛି । ଗତ ୨୦୨୩ ରେ ୧ଜଣ, ୨୦୨୪ ରେ ୨ଜଣ ଅଂଶୁଘାତ ମୃତ୍ୟୁ ହୋଇଥିବା ବେଳେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ କୌଣସି ଅଂଶୁଘାତ ଜନିତ ମୃତ୍ୟୁ ହୋଇନାହିଁ ବୋଲି ଡେପୁଟି କଲେକ୍ଟର ଜରୁରୀ ପ୍ରମୁଖ ସଚିବଙ୍କୁ ତଥ୍ୟ ପ୍ରଦାନ କରିଥିଲେ । ସେହିପରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ଏକ ହଜରତ ମହଲ, ରାଜସ୍ୱ ଭବନ, ଟାଙ୍ଗୀ ତହସିଲ ଅଧିନ ପ୍ରତ୍ୟାଶିତ ବଙ୍ଗାଳୀ ପରିବାର ପାଇଁ ରହିବା ସ୍ଥାନ, ଉପ ନିବନ୍ଧକ କାର୍ଯ୍ୟାଳୟରେ ବିଜୁଳି ଆଲୋକ ଯୋଗାଣ, ବିଭାଗରେ କର୍ମଚାରୀ ନିଯୁକ୍ତି ଆଦି ସମସ୍ୟା ଗୁଡିକ ଉପରେ ପ୍ରମୁଖ ଶାସନସଚିବଙ୍କୁ ଅବଗତ କରାଯାଇଥିଲା । ସେହିପରି ସ୍ୱାସ୍ଥ୍ୟ ବିଭାଗରେ ଆଇ ସି ୟୁ ଡାକ୍ତର, ଅକ୍ସିଜେନ ପ୍ଲାଂଟରେ ଭିତିଭୂମି ମଜବୁତ କରିବା, ଭେଷଜ ବିଶେଷଜ୍ଞ ନିଯୁକ୍ତି, ଅଲଟ୍ରା ସାଉଣ୍ଡ, ସିଟି ସ୍କାନ, ଏମ ଆର ଆଇ ଯନ୍ତ୍ରାଂଶକୁ ଆଧୁନିକରଣ କରିବା ପ୍ରମୁଖ ସଚିବଙ୍କୁ ଅବଗତ କରାଯାଇଥିଲା । ଜିଲ୍ଲାରେ ୫୧୬ ଡାକ୍ତର ମଞ୍ଜୁରୀ ପଦବୀ ଥିବାବେଳେ ୨୪୭ କାର୍ଯ୍ୟରତ ଅଛନ୍ତି ୨୬୯ଖାଲି ପଦବୀ ଅଛି । ଜିଲ୍ଲାରେ ଖାଦ୍ୟ କଲ୍ୟାଣରେ ୪୪୬୭୪ ନୂତନ ରେଶନ କାର୍ଡ ପାଇଁ ଆବେଦନ କରିଛନ୍ତି । ଜିଲ୍ଲାରେ ୩୧୯ ଅର୍ଦ୍ଧ ନିର୍ମିତ ଅଙ୍ଗନବାଡି କେନ୍ଦ୍ରକୁ ସମ୍ପୂର୍ଣ ନିର୍ମାଣ କରିବା ପାଇଁ ୫ କୋଟି ୮୬ ଲକ୍ଷ ୫୦ହଜାର ଆବଶ୍ୟକ । ନୂତନ ଭାବେ ୩୮ ଗୋଟି ଅଙ୍ଗନ ୱାଡ଼ି ନିର୍ମାଣ ନିମନ୍ତେ ୨କୋଟି ୫୬ଲକ୍ଷ ଆବଶ୍ୟକ ଅଛି । ଜିଲ୍ଲାରେ ୨୫୧୪ ଗୋଟି ଅଙ୍ଗନବାଡି କେନ୍ଦ୍ରରେ ୧ ଲକ୍ଷ ୧୬ହଜାର ୮୦୧ ପିଲା ଅଛନ୍ତି । ଜିଲ୍ଲାରେ ଅନୁସୂଚିତ ଜନଜାତି ଓଡ଼ିଆ ଅନୁସୂଚିତ ଜାତି ଛାତ୍ର ବୃତି, ରାସ୍ତା ଓ କୋଠାବାଡି ବିଭାଗ କାର୍ଯ୍ୟ, ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ସଡ଼କ ପଥ, ଓ ପି ଟି ସି ଏଲ କାର୍ଯ୍ୟ, ପ୍ରାଚୀ ଡିଭିଜନ କାର୍ଯ୍ୟ ଜଳ ସମ୍ପଦ, ଉଦ୍ୟାନକୃଷି, କୃଷି, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପର ବିକାଶ ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନା ଗମନ ଉପରେ ସମୀକ୍ଷା କରି ଅଧିକାରୀ ମାନଙ୍କୁ ଜନକଲ୍ୟାଣ ଯୋଜନା ଗୁଡିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ପ୍ରମୁଖ ସଚିବ ଏବଂ ଜିଲ୍ଲାପାଳ ଧଉଳି ଓ ବାଲିଅନ୍ତା ଅଂଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ ।

ବିପୁଳ ଖଇର କାଠ ଜବତ, ଦୁଇ ପିକଅପ ଗାଡ଼ି ସହ, ୪ ଅଭିଯୁକ୍ତ ଗିରଫ

ନୂଆପଡ଼ା,୦୮/୦୪ (ଆ.ପ୍ର) : ୦୪.ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ୍ ଉପରପିଟା ମାନପଡ଼ା ଗ୍ରାମ ଠାରେ ବନ୍ ବିଭାଗ ପକ୍ଷରୁ ପେଟ୍ରୋଲିଂଙ୍ଗ ବେଳେ ବିପୁଳ ଖଇର କାଠ ଜବତ, ଦୁଇ ପିକଅପ ଗାଡ଼ି ସହ ୪ ଅଭିଯୁକ୍ତ ଗିରଫ କରିଛନ୍ତି । ଗ୍ରାମାଂଚଳର ଜମିରୁ ଦୁଇ ପିକ୍ ଅପ ଗାଡି ଖଇର କାଠ ଚୋରା ଚାଲାଣ ହେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଦୁଇ ପିକଅପ କାଠ ଜବତ କରିଛନ୍ତି । କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ମୂଲ ଅଟେ । ଫରେଷ୍ଟର ଖଗେଶ୍ୱର ମାଝୀ, ମହାଦେବ ବନ୍ଧିଛୋ, ରାଜେଶ ହରିଜନ, ସୁଦାମ ବାଗ, ପୁରୁଷୋତମ ନାଗ, ଫରେଷ୍ଟ ଗାର୍ଡ ନରେଶ ଦଣ୍ଡସେନା, ପ୍ରମୁଖ ଯୋଗ ଦେଇ ଏହି କାଠ ଜବତ ବେଳେ ସହାୟତା କରିଥିଲେ । କାଠକୁ ଓଜନ କରୁଥିବା ବେଳେ ଖଡିଆଳ ରେଞ୍ଜ ଅଫିସ ରେ ରହିଅଛି ଦିନକୁ ଦିନ ବିପୁଳ ଖଇର କାଠ ଚୋରା ଚଲାନ ହେଉଥିବା ଜଣାପଡିଛି ।

ବୈଚିତ୍ର୍ୟମୟ 'ଶିବ - କାମିନା ବିବାହ' ଅନୁଷ୍ଠିତ

ଭୋଗରାଇ,୦୮/୦୪ (ଆ.ପ୍ର) : ପୂର୍ବ ଭାରତର ପ୍ରସିଦ୍ଧ ଆଶୁତୋଷ ବାବା ଚନ୍ଦନେଶ୍ୱର ମହାଦେବଙ୍କ ସାମ୍ବତ୍ସରିକ ଉତ୍ସବ ଚଡ଼କ ପର୍ବର ମୁଖ୍ୟ ଉତ୍ସବ 'ଶିବ-କାମିନା ବିବାହ' ବୁଧବାର ମହାଆଡମ୍ବରରେ ଅନୁଷ୍ଠିତ ହେବ ଏ ନେଇ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି । ପ୍ରାତଃ ସମୟରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଶ୍ରୀବେର୍କିଡି ନିରଞ୍ଜନ ଲେଙ୍କା, ଦେଉଳିଆ ଅଜିତ ପାତ୍ର ତଥା ୧୩ ଜଣ ମୁଖ୍ୟ ଉପବୀତଧାରୀ ଭକ୍ତଙ୍କ ସମେତ ମୌରସି ତପନ କୁମାର ପଣ୍ଡା, ଉପ ମୌରସି ବୁଦ୍ଧଦେବ ପଣ୍ଡା, ସମସ୍ତ ସେବାୟତ ପରିବାର ଏବଂ ହଜାର ହଜାର ଉପବୀତଧାରୀ ଭକ୍ତ ଆଶୁତୋଷ ଶିବଙ୍କ ଚଳନ୍ତି ପ୍ରତିଭୂ ଘଟ ନେଇ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଭଙ୍ଗପୁର ଗାଁର ମାଳାକାର ଗଣେଶ ପଣ୍ଡିତଙ୍କ ଘରେଥିବା ଦୁର୍ଗା ଦେବୀଙ୍କ ମନ୍ଦିରରେ ପହଂଚିବେ । ସେଠାରେ କୌଳିକ ନୀତିକାନ୍ତି ଓ ସେବାପୂଜା ପରେ ମାତା କାମୀନ ଠାକୁରାଣୀଙ୍କ ସୁସଜ୍ଜିତ ଘଟକୁ ଶିବଙ୍କ ଘଟ ସହିତ 'ପଡ଼ା ବାଉଁଶ'ରେ ପ୍ରସ୍ତୁତ ସୁସଜ୍ଜିତ ପାଲିଙ୍କିରେ ନେଇ ବାଣ, ରୋଷଣୀ ଓ ପାରମ୍ପରିକ ବାଦ୍ୟ ଚାପ, ଢୋଲ, ମୃଦଙ୍ଗ, ସାହାନାଇ, ମହୁରୀ ଓ ଶଙ୍ଖ ନାଦର ତାଳେ ତାଳେ ନୃତ୍ୟ ଗୀତରେ ଝୁମିଝୁମି ଏବଂ ହରହର ମହାଦେବ ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ କରି ଚନ୍ଦନେଶ୍ୱର ଜୀଉଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ । ପରେ ରୁଦ୍ଧଦ୍ୱାର ମନ୍ଦିରରେ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁଯାୟୀ ଶିବ-କାମୀନା ବିବାହ କାର୍ଯ୍ୟ ସମ୍ପନ୍ନ ହେବ । ହିନ୍ଦୁ ମାନଙ୍କର ଚୈତ୍ର ମାସରେ ବିବାହ ନିଷିଦ୍ଧ ରହିଥିଲାବେଳେ 'ଶିବ - କାମୀନା ବିବାହ' ସମାଜ ପ୍ରତି ଏକ ଭିନ୍ନ ବାର୍ତ୍ତା ପ୍ରଦାନ କରିଥାଏ । ଅସୁରୁଣୀ କନ୍ୟା ସୁନ୍ଦରୀ କାମୀନା ସହିତ ଆଶୁତୋଷ ବାବା ଚନ୍ଦନେଶ୍ୱର ମହାଦେବଙ୍କ ବିବାହକୁ ନେଇ ଏକ ରୋଚକ କିମ୍ବଦନ୍ତୀ ରହିଛି । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଚୈତ୍ର ମାସରେ ବିବାହ ନିଷିଦ୍ଧ ହୋଇଥିଲାବେଳେ ଭଗବାନ ଶିବଙ୍କ ଏହି ବୈଚିତ୍ର୍ୟମୟ ବିବାହ ଏକ ଆଧ୍ୟାତ୍ମିକ ଆକର୍ଷଣ ସୃଷ୍ଟି କରିଥାଏ । ଭୋଳାନାଥ ଶିବଙ୍କୁ ପତି ରୂପେ ପାଇବା ପାଇଁ ରାକ୍ଷସ କୂଳରେ ଜନ୍ମିତ ଅସୁରୁଣୀ କନ୍ୟା ସୁନ୍ଦରୀ କାମୀନା କଠୋର ତପସ୍ୟା କରିଥିଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭୋଳାନାଥ ଶଙ୍କର କାମୀନାଙ୍କୁ ବରଦାନ ପ୍ରଦାନ କରିଥିଲେ । ତେବେ ଦୁର୍ଗା ଓ କାଳୀଙ୍କ ଉପସ୍ଥିତିରେ ସେ କିପରି କାମୀନାଙ୍କୁ ପତ୍ନୀ ରୂପେ ଗ୍ରହଣ କରିବେ, ସେ ନେଇ ଭୋଳାନାଥ ଶଙ୍କର ଚିନ୍ତାରେ ପଡ଼ିଲେ । ବହୁ ଚିନ୍ତା କରିବା ପରେ ହିନ୍ଦୁ ରୀତିନୀତିରେ ବିବାହ ନିଷିଦ୍ଧ ଚୈତ୍ର ମାସରେ ଅସୁରୁଣୀ କନ୍ୟା କାମୀନାଙ୍କୁ ବିବାହ କରିବା ପ୍ରକୃଷ୍ଟ ସମୟ ବୋଲି ବୁଝିପାରି ମୁଞ୍ଜିଳାକର ମାଳାକାର ପରିବାରରେ ତାଙ୍କୁ ଜନ୍ମ ନେବା ପାଇଁ ବରଦାନ ଦେବା ସହିତ ସେହିଠାରେ ହିଁ ସେ ତାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ଚନ୍ଦନେଶ୍ୱର ଜୀଉଙ୍କ ଏହି କୌଳିକ ପ୍ରଥା କାହିଁ କେଉଁ କାଳରୁ ଚାଲିଆସିଛି ବୋଲି କୁହାଯାଏ । ତେବେ ଅନ୍ୟ ଏକ ଲୋକକଥା ଅନୁଯାୟୀ, ମଣିଷଙ୍କ ମଧ୍ୟରେ ଥିବା ପ୍ରକୃତିଦତ୍ତ କାମନା ବାସନାକୁ କେବଳ ବିବାହ ମଧ୍ୟରେ ସୀମିତ ରଖିବାର ବାର୍ତ୍ତା ପ୍ରଦାନ ପାଇଁ ଚୈତ୍ର ମାସ ଭଳି ଏକ ବିବାହ ନିଷିଦ୍ଧ ସମୟରେ ଭୋଳାନାଥ ଶଙ୍କରଙ୍କ ବିବାହ ପ୍ରଥା ପ୍ରଚଳିତ ହୋଇଛି । ପୁଣି ଅନ୍ୟ ଏକ ଲୋକକଥା ମୁତାବକ ମଣିଷ ମଧ୍ୟରେ ଥିବା ୧୬ ପ୍ରକାର କାମନାର ବିନାଶ ପାଇଁ ଏହି ଦିବସରେ ଭୋଳାନାଥ ଶଙ୍କରଙ୍କ ଠାରେ ସମର୍ପଣ କରାଯାଏ ବୋଲି କୁହାଯାଇଛି । ଏହି ବୈଚିତ୍ର୍ୟମୟ ଶିବ-କାମୀନା ବିବାହକୁ ଏଠାରେ ଅତ୍ୟନ୍ତ ଉତ୍ସାହ ଓ ଉତ୍କଣ୍ଠାର ସହ ପାଳନ କରାଯାଉଥିଲା ବେଳେ ଏହି ବିବାହ ଶୋଭାଯାତ୍ରାରେ ଭୂତ, ପ୍ରେତ, କିନ୍ନର, ମାନବ, ଦେବତା ଓ ରାକ୍ଷସ ସାମିଲ ହେବା ପ୍ରଥା ମାନବ ସମାଜକୁ ଅନ୍ୟ ଏକ ବାର୍ତ୍ତା ପ୍ରଦାନ କରେ ।

ଟାଙ୍ଗୀ ନିର୍ଗୁଣ୍ଡୀରେ ଜର୍ଦ୍ଦା କମ୍ପାନୀ ଉପରେ ଚଢ଼ାଉ

ଟାଙ୍ଗୀ ଚୌଦ୍ୱାର, ୦୮/୦୪ (ଆ.ପ୍ର) : କଟକ ଜିଲ୍ଲା ମଙ୍ଗୁଳି ଛକରେ ଥିବା ଗୋଦାମ ଉପରେ ପୋଲିସର ଚଢ଼ାଉ । ଟାଙ୍ଗୀ ପୋଲିସ ଓ ଖୁଂଟୁଣୀ ପୋଲିସର ମିଳିତ ଚଢ଼ାଉରେ ଶହଶହ ବସ୍ତା ନକଲି ଗୁଟୁଖା ଓ ଜର୍ଦ୍ଦା ଜବତ । ଟାଙ୍ଗୀ ମଙ୍ଗୁଳି ଅନ୍ତର୍ଗତ ନିର୍ଗୁଣ୍ଡି ଠାରେ ବେଆଇନ ଜର୍ଦ୍ଦା କମ୍ପାନୀର ଗୋଡାଉନରେ ପୁଲିସର ଅତର୍କିତ ଚଢ଼ାଉ । ଚଢ଼ାଉ ସମୟରେ ଜର୍ଦ୍ଦା ତିଆରି ସାମଗ୍ରୀ, ଗୁଆ ଓ ମେସିନ ସମେତ ବହୁ ବ୍ୟାଗ ଜବତ ହୋଇଛି । ପ୍ରକାଶ ଯେ ଖୁଂଟିଣୀ ପୋଲିସ ଗତ ୨୮ ତାରିଖ ଦିନ ଗୋଟିଏ ପିକଅପ ଭ୍ୟାନକୁ ଅଟକାଇଥିଲା ସେହି ଗାଡ଼ିରୁ ପୁଲିସ ୩୭ ବ୍ୟାଗ ବିଭିନ୍ନ ଜର୍ଦ୍ଦା ଜବତ କରିଥିଲା ଯାହାର ମୂଲ୍ୟ ଏକ ଲକ୍ଷରୁ ଅଧିକ ହେବ ବୋଲି ଜଣା ପଡିଛି । ଗାଡିର ଚାଳକ ଫେରାର ହୋଇଯାଇଥିଲା ଏହି ଘଟଣାରେ ତଦନ୍ତ ପରେ ପୁଲିସ ସୁଶାନ୍ତ ସାହୁ ଓ ଶିବବ୍ରତ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅଧିକା ତଦନ୍ତ ପରେ ନିର୍ଗୁଣ୍ଡି ଠାରେ ଏହି ଗୋଡାଉନରେ ପୁଲିସ ଚଢ଼ାଉ କରି ବିଭିନ୍ନ ସାମଗ୍ରୀ ମେସିନକୁ ଜବତ କରିବା ସହିତ ଏହାର ମାଲିକ କିଏ ତଦନ୍ତ ଜାରି ରଖିଛି ।

୩ ଦିନ ବ୍ୟାପୀ ମା ତାରିଣୀ ପୂଜୋତ୍ସବ ଅନୁଷ୍ଠିତ

ଜଳେଶ୍ୱର,୦୮/୦୪ (ଆ.ପ୍ର) : ଦୀର୍ଘ ୧୭ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଖଳାବାଡ଼ିଆ ଗ୍ରାମର ତାରିଣୀ କମିଟି ଦ୍ୱାରା ପୂଜୋତ୍ସବ ଯଥାବିଧି ପୂଜାର୍ଚ୍ଚନା ହୋଇ ଆସୁଛି । ୧୧ ବର୍ଷ ପୂର୍ବେ ଘଟଗାଁର ମା ତାରିଣୀଙ୍କ ପୂଜକ ଶ୍ରୀ ଦେହୁରୀ ମହାରାଜଙ୍କ ଆଦେଶ ମୁତାବକ ମୟୂରଭଞ୍ଜ ଜିଲ୍ଲାର ଖିଚିଂ ଠାରୁ ମା'ଙ୍କ ବିଗ୍ରହ ଆଣି ଗତ ତା-୪/୪/୨୦୦୯ ରିଖ ଠାରୁ ପ୍ରତିଷ୍ଠା ପୂର୍ବକ ସେହି ବର୍ଷ ଠାରୁ ପ୍ରତ୍ୟେକ ବର୍ଷ ପୂଜାର୍ଚ୍ଚନା ହୋଇ ଆସୁଛି । ପ୍ରତି ବର୍ଷ ଭଳି ଏବର୍ଷ ମଧ ଚଳିତ ମାସ ୨୨ ଦିନ ଓ ତା-୪/୪/୨୦୨୪ ରିଖ ଠାରୁ ୩ ଦିନ ଧରି ମା ତାରିଣୀଙ୍କ ପୂଜୋତ୍ସବ ଯଥାବିଧି ଅନୁସାରେ ପୂଜାର୍ଚ୍ଚନା ହୋଇ ଯାଇଛି ।ଏହି କ୍ରମରେ ସମସ୍ତଙ୍କ ଆନନ୍ଦ ଉତ୍ସାହ ପାଇଁ ବିଭିନ୍ନ ନୃତ୍ୟ ପ୍ରତିଯୋଗିତା, ନାଟ୍ୟାଭିନୟ ମାନ କରାଯାଇଥିଲା ଓ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ସ୍ୱରୂପ ମେଡାଲ, ପ୍ରମାଣପତ୍ର, ଟ୍ରଫି ଆଦି ବିତରଣ କରା ଯାଇଥିଲା । ଅତିଥି ଭାବରେ ରେଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର ମହାଳିକ ଓ ସଦାଶିବ ସେଠୀ ଉପସ୍ଥିତ ହୋଇ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ସମସ୍ତଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ । ଉକ୍ତ ପୂଜା କମିଟିର ସଭାପତି ପଂଚାନନ ଦାସ ମହାପାତ୍ର, ଉପ ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ଶିବ ଶଙ୍କର ଦାସ ମହାପାତ୍ର, ସଦସ୍ୟ ଦୁର୍ଗାଦାସ ମହାନ୍ତି, ବନବିହାରୀ ଦାସ, ବସନ୍ତ ମହାନ୍ତି, ତପନ ଦାସ ମହାପାତ୍ର, ଶିତିକଣ୍ଠ ଦାସ ମହାପାତ୍ର, ରତନ ଦାସ ମହାପାତ୍ର, ସୁଶାନ୍ତ ମହାନ୍ତି, ଶ୍ରୀମନ୍ତ ପାଳ, ବେଣୁଧର ଦାସ, ଚୈତନ୍ୟ ଦାସ, ଅଜୟ କୁମାର ମହାନ୍ତି, କାହ୍ନୁ ଚରଣ ଦାସ, ରତନ ଦାସ ମହାପାତ୍ର, କମଳ ଲୋଚନ ଦାସ, ରବିନ୍ଦ୍ର ସାହୁ, କାଳିଚରଣ ସାହୁଙ୍କ ସହ ଜଗା, ସିପୁନା, କୁନା, ପପୁ, କାଳିଆ, ଲଜି, ବିବେକ, ସନ୍ତୁ, ଲିପୁନ ଓ ରାଜା ପ୍ରମୁଖ ଙ୍କ ସହଯୋଗରେ ଏହି ପୂଜୋତ୍ସବ ହୋଇ ଯାଇଛି ।

ବର୍ଣ୍ଣବୋଧ ପୁସ୍ତକ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼ା, ୦୮/୦୪ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ଭାବେ ନାମଲେଖା ଶିଶୁମାନଙ୍କ ପାଇଁ ବର୍ଣ୍ଣବୋଧ ବଂଟନ ଉତ୍ସବ ପାଳିତ ହୋଇଛି । ଓଡ଼ିଆ ପକ୍ଷ୍ୟ ପାଳନର ସପ୍ତମ ଦିବସରେ ତା, ୭/୪/ ୨୫ରିଖ ଦିନ ସମସ୍ତ ବ୍ଲକ ଗୁଡିକୁ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରଣୀତ ବର୍ଣ୍ଣବୋଧ ଶିଶୁ ମାନଙ୍କୁ ବଂଟନ ନିମନ୍ତେ ଯୋଗାଇଦିଆଯାଇଛି । ରାୟଗଡା ସଦର ଗାନ୍ଧୀନଗର ଓ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା ଶିଶୁଙ୍କୁ ବଂଟନ କରାଯାଇଥିଲା । ଭାରପ୍ରାପ୍ତ ଗୋଷୀ ଶିକ୍ଷାଧିକାରୀ ଓ୍ୱାଗ୍ରାହି ଶବର, ରାୟଗଡ ବ୍ଲକର ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ଗୋପାଳ ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ବାତ୍ରିୟା ଓ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା, ବରିଷ୍ଠ ଶିକ୍ଷକ ନୀଳାଂଚଳ ମିଶ୍ର ସମେତ ଉଭୟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର, ଛାତ୍ରୀ ଉପସ୍ଥିତ ଥିଲେ । ଗାନ୍ଧିନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ ଜଣ ଏବଂ ଇନ୍ଦିରାନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ ଜଣ ନୂତନ ଭାବେ ନାମଲେଖାଇଥିବା ଶିଶୁଙ୍କୁ ଏହି ପୁସ୍ତକ ବଂଟନ କରାଯାଇଥିଲା । ଓଡିଆ ଭାଷାର ଲିଖନ ଓ ପଠନରେ ବର୍ଣ୍ଣବୋଧର ସ୍ଥାନ ସ୍ୱତନ୍ତ୍ର । ଏହା ଏକ କାଳଜୟୀ ପୁସ୍ତକ ଓ ପ୍ରତି ଓଡିଆଙ୍କ ପ୍ରିୟ । ୧୮୯୫ ମସିହାରେ ପ୍ରଥମ ପ୍ରକାଶିତ ଏହି ବହି ଓଡିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଚଳିତବର୍ଷର ନୂତନ ସଂସ୍କରଣ ଓଡିଆ ଜାତିର ମନ ଓ ମାଟି ସହ ଜଡ଼ିତ ଥିବାରୁ ଶିଶୁ ଓ ଶିକ୍ଷକ ମାନଙ୍କ ଦ୍ୱାରା ବୃଶ ଆଦୃତ ହେବ ବୋଲି ଅତିଥିବୃନ୍ଦ ପ୍ରକାଶ କରିଛନ୍ତି ।

ବହୁ ପ୍ରତିକ୍ଷୀତ ଆୟୁଷ୍ମାନ କାର୍ଡ ବଂଟନ ଯୋଜନାର ଶୁଭାରମ୍ଭ

B.H.O.
DASPALLA

ଦଶପଲ୍ଲା, ୦୮/୦୪ (ଆ.ପ୍ର) : 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଏ ଉକ୍ତିଟି ସମସ୍ତେ ଜାଣିଛନ୍ତି । ତେବେ ବର୍ତ୍ତମାନର ଜୀବନଶୈଳୀ ଲୋକମାନଙ୍କର ବଦଳିବାରେ ଲାଗିଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା କେତେକାଂଶରେ ପ୍ରାୟ ଦିଗ ହରା ହୋଇପଡିଛି । ଦୈନନ୍ଦିନ ଜୀବନରେ ଖାଦ୍ୟର ଆବଶ୍ୟକତା ରହିଥିବାବେଳେ ବର୍ତ୍ତମାନର ଖାଦ୍ୟର ମାନ ମଧ୍ୟ କମିବାକୁ ଲାଗିଲାଣି । ଜନସାଧାରଣଙ୍କ ଜୀବନ ଚର୍ଯ୍ୟା ପାଶ୍ଚାତ୍ୟ ସଭ୍ୟତାର କବଳରେ କବଳିତ । ତେବେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ସର୍ବଦା ଚେଷ୍ଟିତ । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦ୍ୱାରା ବିଭିନ୍ନ ସମୟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଅନେକ ପ୍ରୟାସ ଜାରୀ ରଖିଛନ୍ତି । ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନଆରୋଗ୍ୟ ଯୋଜନା ସହିତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଡ ପ୍ରଦାନ କରିବା ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ମୋଦି ସରକାର । ଏହି ଆୟୁଷ୍ମାନ ଯୋଜନା ଓଡିଶାରେ ଥିବା ପୂର୍ବ ସରକାରଙ୍କ ଦ୍ୱାରା ଲାଗୁ କରାଯାଇନଥିଲା । ବିଜୁ ସ୍ୱାସ୍ଥ୍ୟ କାର୍ଡ ବଳବତର ଥିଲା । ମାତ୍ର ବର୍ତ୍ତମାନ ଓଡିଶାରେ ମୋହନ ସରକାର ଏହି ଯୋଜନାକୁ ଏପ୍ରିଲ ୧୧ ତାରିଖରୁ ଲାଗୁ କରିବାକୁ ଯାଉଛନ୍ତି । ଯଦ୍ୱାରା ଓଡିଶାରେ ପ୍ରାୟ ୩.୫ କୋଟିରୁ ଉର୍ଦ୍ଧ ପଛୁଆ ଲୋକ ଉପକୃତ ହୋଇପାରିବେ । ଯାହା ଫଳରେ ଜନସାଧାରଣ ଅନେକ ଲାଭବାନ ହେବେ । ସୂଚନା ଯୋଗ୍ୟ ଯେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡ ବନମାଳୀ ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସନ୍ଦିପ ସ୍ୱାଇଁ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ନବି, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ତୁଷାର ରଞ୍ଜନ ସାହୁ, ବି ପି ଓ ପ୍ରିୟ ରଞ୍ଜନ ସାହୁଙ୍କ ଉପସ୍ଥିତି ରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।

ଚୋରୀ କରିବାକୁ ଆସି ଧରା ପଡ଼ିଲେ ତିନି ଚୋର

ଲଙ୍ଗଳେଶ୍ୱର, ୦୮/୦୪ (ଆ.ପ୍ର) : ବିଳମ୍ବିତ ରାତିରେ ଘରେ ପଶି ଚୋରି କରୁଥିବା ବେଳେ ୩ ଜଣ ଚୋର କୁ କାବୁ କରି ନିର୍ଘୁମ ଛେଂଚି ପୋଲିସରେ ଜିମା ଦେଲେ ଲୋକେ । ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ବୋଳଂ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା । ସୂଚନା ଅନୁଯାୟୀ ଗତ କିଛି ଦିନ ଧରି ବୋଳଂ ଏବଂ ଆଖପାଖ ଅଂଚଳରେ ବାରମ୍ବାର ଚୋରି ହେଉଥିବା ବେଳେ ଗତକାଲି ବିଳମ୍ବିତ ରାତି ରେ ନିଧିପଣ୍ଡା ଅଂଚଳର ୩ ଜଣ ଚୋର ବୋଳଂ ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ଘରେ ପଶି ଚୋରି ଉଦ୍ୟମ କରୁଥିବା ବେଳେ ଶବ୍ଦ ଶୁଣି ପରିବାର ଲୋକଙ୍କ ନିଦ ଭାଙ୍ଗି ଯାଇ ଥିଲା । ଚୋର ମାନେ ଦୌଡି ପଳାଇ ଯାଉଥିବା ବେଳେ ଗ୍ରାମବାସୀ ମିଳିତ ହୋଇ ୩ ଜଣ ଚୋରଙ୍କୁ କାବୁ କରିବା ସହ ନିସ୍ତୁକ ପିଟିଥିଲେ । ଖବର ପାଇ ସିଂଲା ପୋଲିସ ଘଟଣା ସ୍ଥଳରେ ପହଂଚି ୩ ଜଣ ଚୋରଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ।

ଶ୍ୟାମରାଇପୁର ଗ୍ରାମରେ ବାସନ୍ତି ପୂଜା ଓ ନାମ ଯଜ୍ଞ ଉଦ୍‌ଯାପିତ

ଲଙ୍ଗଳେଶ୍ୱର, ୦୮/୦୪ (ଆ.ପ୍ର) : ବସ୍ତା ବ୍ଲକ ଅନ୍ତର୍ଗତ ଶ୍ୟାମରାଇପୁର ଗ୍ରାମର ମାଆ ବାସନ୍ତି ପୂଜା ସହିତ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଉଦଯାପନ ହୋଇଯାଇଛି । ଗତ ୧୫ ବର୍ଷ ଧରି ଚାଲିଥିବା ଏଇ ବାସନ୍ତୀ ପୂଜା ଖୁବ ଧୁମଧାମରେ ପାଳନ ହୋଇଯାଇଛି । ପ୍ରବଚନ, ବାଦି ପାଲା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେଉଛି । ନାମ ଯଜ୍ଞ ପରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଗ୍ରାମ୍ୟ କମିଟିର ସଭାପତି ହାଡ଼ିବନ୍ଧୁ ଜିସ୍ନୁ ସଂପାଦକ ସଞ୍ଜୟ ବେହେରା ଦେବେନ୍ଦ୍ରସିଂହ ବରିଷ୍ଠ କମକର୍ତ୍ତା ଗୌମୋହନ ଦେ, ମନ୍ମଥ କୁମାର ଦାସ ଅଧିକାରୀ, ସରୋଜକୁମାର ପ୍ରଧାନ, ପ୍ରଦୀପ ସେନାପତି, ରବୀନ୍ଦ୍ର ଦାସ, ଗଦାଧର ପ୍ରଧାନ, ସୁଦୀପ ପ୍ରଧାନ, ସୃଷ୍ଟିଧର ଦାସ, ଗଜେନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦାସ, ନବକାନ୍ତ ଦାସ, ସୁଦର୍ଶନ ଦାସ ଅଧିକାରୀମ, ଅରୁଣ ଦାସ ଅଧିକାରୀ, ଅକ୍ଷୟ ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

ଗୃହ ବିଜ୍ଞାନ ପକ୍ଷରୁ ଶରୀରର ପାଇଁ ପୋଷକ ତତ୍ୱର ଉପାଦେୟତା ସଂମ୍ପର୍କରେ ଆଲୋଚନା ଚକ୍ର

ଜଳେଶ୍ୱର, ୦୮/୦୪ (ଆ.ପ୍ର) : ଜଳେଶ୍ୱର ମ୍ୟୁନିସିପାଲଟି ଅଧିନସ୍ଥ ଜଗନ୍ନାଥ ଡ଼ିଗ୍ରୀ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଗୃହ ବିଜ୍ଞାନ ପକ୍ଷରୁ ଶରୀରର ପାଇଁ ପୋଷକ ତତ୍ୱର ଉପାଦେୟତା ସଂମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ମହେଶ୍ୱତା ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଲ ସୁଷମ ଖାଦ୍ୟ ଖାଇଲେ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ହେବା ସହିତ ସୁନ୍ଦର ତ୍ୱଚା ଗଠନ ହୋଇ ପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଜଳେଶ୍ୱର ଜି.କେ ଭଟ୍ଟର ହସ୍ପିଟାଲର ଡ଼ାଇଟିସିଆନ ଶ୍ୟମଶ୍ରୀ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜୀବନ ଆରମ୍ଭରୁ ନିଉଟ୍ରିସନ ଜାଣିବା ଉଚିତ୍ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶ୍ରବଣ କୁମାର ନାଥ, ଅଶୋକ କୁମାର ରଥ, ଇପ୍ସିତା ଦାସ, ରଶ୍ମିରେଖା ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶରୀରର ପାଇଁ ପୋଷକ ତତ୍ୱର ଉପାଦେୟତା ସଂମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ଯଶୋଦା ରାଣୀ ଗିରି, ସ୍ନେହା ଦାସ, ଶୁଭଶ୍ରୀ ସାହୁ, ଅପରାଜିତା ମିଶ୍ରୀ, ଅନିତା ଦାସ, ସୁଗନ୍ଧୀ ଦାସ, ପ୍ରିୟନନ୍ଦିନୀ ବାରିକ, ଚାନ୍ଦିନୀ ଖାତୁନ ପ୍ରମୁଖ ଛାତ୍ରୀ ମାନେ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଇପ୍ସିତା ଦାସ ମଂଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ରୂପସୀ ହୋଇ ଓ ସରସ୍ୱତୀ ପ୍ରଧାନ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।ଶେଷରେ ଛାତ୍ରୀ କମଳିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

କେବେ ନିର୍ମାଣ ହେବ ନୂତନ ଯାତ୍ରୀ ବିଶ୍ରାମାଗାର ?

ଖଣ୍ଡପଡ଼ା,୦୮/୦୪ (ଆ.ପ୍ର) : ଖଣ୍ଡପଡ଼ା ସହରର ତ୍ରିନାଥ ଛକରେ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ନିମନ୍ତେ ୧୦୦ ବର୍ଷର ପୁରାତନ ଯାତ୍ରୀ ବିଶ୍ରାମାଗାରକୁ ଏକମାସ ପୂର୍ବେ ଭଙ୍ଗା ଯାଇଛି । ମାତ୍ର ସ୍ଥାନୀୟ ପ୍ରଶାସନର ସ୍ଥାଣୁତା ଯୋଗୁଁ ସରକାରୀ ଜାଗା ଚିହ୍ନଟରେ ବିଳମ୍ବ ଦେଖା ଦେଇଛି । ଫଳରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିବା ଜଣାପଡିଛି । ଯାହାଦ୍ୱାରା ଦୂରଦୂରାନ୍ତରୁ ବସକୁ ଅପେକ୍ଷା କରୁଥିବା ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି । ଖଣ୍ଡପଡ଼ା ଏନ୍ଏସି କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହେବାକୁ ଥିବା ଏହି ଯାତ୍ରୀ ବିଶ୍ରାମାଗାର ନିର୍ମାଣ ନିମନ୍ତେ ଆବଶ୍ୟକୀୟ ସରକାରୀ ଜାଗା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ଏଥିପ୍ରତି ଖଣ୍ଡପଡ଼ା ତହସିଲଦାର ଓ ଏନ୍ଏସି ଅଧକ୍ଷ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି । ତେବେ ଦେଖିବାକୁ ରହିଲା ଖଣ୍ଡପଡ଼ା ସହରର ତ୍ରିନାଥ ଛକରେ ଥିବା ନୂତନ ବିଶ୍ରାମାଗାର ନିର୍ମାଣ କେବେ ସମ୍ପୂର୍ଣ୍ଣ ହେଉଛି ?

ଓଡ଼ିଆ ପକ୍ଷ ପାଳନ ଅବସରରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଖୋର୍ଦ୍ଧା, ୦୮/୦୪ (ଆ.ପ୍ର) : ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳରେ ଜିଲାସଂସ୍କୃତି ବିଭାଗ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ବିଦ୍ୟୁତ୍ରୀ ମିଶ୍ର ଉଦ୍ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଶୁଭେନ୍ଦୁ କୁମାର ମହାନ୍ତି, ପ୍ରାଧ୍ୟାପକ ପ୍ରିୟବ୍ରତ ମହାନ୍ତି, ପ୍ରାଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ବୈଶାଖ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌରଭ ସୁନ୍ଦର ରାୟ, ଅରୁଣ କୁମାର ସାହୁ, ଶ୍ରୀକାନ୍ତ କୁମାର ସାମନ୍ତସିଂହାର, ଝୁନୁଲତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ରହି ରକ୍ତଦାନରେ ସହଯୋଗ ପ୍ରଦାନ କରିଥିଲେ । ଏହି ରକ୍ତଦାନ ଶିବିରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରିଥିଲେ । ପ୍ରାଧ୍ୟାପକ ଗଦାଧର ସାହୁ, ଅଧ୍ୟାପକ ସୁବୋଧ କୁମାର ଜଗଦେବ, ଅଧ୍ୟାପିକା ଅଲିଭା ବେହୁରା ଶିବିର ପରିଚାଳନା କାରିଥିଲେ । ରକ୍ତଦାନ ଶିବିରଟି ସକାଳ ୯ଘଟିକାରୁ ଆରମ୍ଭ ହୋଇଥିବା ବେଳେ ଅନ୍ୟପଟେ ମଧ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ରକ୍ତ ଦାନ ଶିବିର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ଅନୁଷ୍ଠିତ ହୋଇଥିଲା ।

ଚତୁର୍ଥ ଦିନରେ ମାଁ ପଶ୍ଚିମେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପାତ୍ରପୁର, ୦୮/୦୪ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଜୟନ୍ତୀପୁର ଗ୍ରାମର ଆରାଧ୍ୟ ଦେବୀ ମାଁ ପଶ୍ଚିମେଶ୍ୱରୀଙ୍କ ଶକ୍ତିପୀଠ ଠାରେ ବିଶ୍ୱଶାନ୍ତି ପଂଚ କୁଣ୍ଡୀୟ ଆମ୍ବା ମହାଯଜ୍ଞ ସହିତ ଜୀର୍ଣ୍ଣୋଦ୍ଧାର ନୂତନ ଭାବେ ନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚଳିତ ମାସ ଏପ୍ରିଲ ୫ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ତଥା ପାଂଚ ଦିନ ବ୍ୟାପି ରହିବ । ଏହି ପରିପ୍ରେକ୍ଷୀରେ ସୋମବାର ତୃତୀୟ ଦିନରେ ଯଥାରିତୀ ପୂଜା, ପାର୍ଶ୍ୱ ଦେବତା ଜୀବ ନ୍ୟାସ, ଚଣ୍ଡୀପାଠ ହୋମ, ୨୪ ପ୍ରହର ଗୋବିନ୍ଦ ନାମ ସଂକୀର୍ତ୍ତନ ଓ ହୋମ ଆଦି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗ୍ରାମର ସାତ ଜଣ କର୍ତ୍ତା ନିରଞ୍ଜନ ପାଢ଼ୀ, ନରସିଂହ ପାଢ଼ୀ, ରମେଶ ଚନ୍ଦ୍ର ପାଢ଼ୀ, ଦୁର୍ଗା ମାଧବ ପାଢ଼ୀ, ନରସିଂହ ପାଣିଗ୍ରାହୀ, ଜେ ଧର୍ମା ରେଡ଼ି ଓ ସାନିଲା ବାଇରାଙ୍କ ସହିତ ତାଙ୍କ ସହଧର୍ମିଣୀ ମାନଙ୍କ ଦ୍ୱାରା ହୋମାଦି କର୍ମ କର୍ମାଣି ପାଂଚ ଦିନ ବ୍ୟାପି ଲାଗି ରହିବ । ଅନ୍ୟ ପକ୍ଷରେ ପ୍ରତ୍ୟେକ ଦିନ ଘୃତଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେଉଅଛି । ଗ୍ରାମବାସୀଙ୍କ ସହଯୋଗରେ ପ୍ରତ୍ୟେକ ଦିନ ହଜାର ହଜାର ଜନସାଧାରଣଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ମାଣ ଆୟୋଜନ କରାଯାଇଛି । ଉକ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବରେ କନିଷି ବ୍ଲକ ପଦ୍ମପୁର ଗ୍ରାମର ଅଶୋକ କୁମାର ପାଢ଼ୀ (ଶର୍ମା) ମୁଖ୍ୟ ପଣ୍ଡିତ ଭାବେ ପୌରହିତ୍ୟ କରିଥିବା ବେଳେ ଜୟନ୍ତୀପୁର ଗ୍ରାମର ପୁରୋହିତ ମଣ୍ଡଳୀ ସହଯୋଗ କରୁଛନ୍ତି । ଜୟନ୍ତୀପୁର ଗ୍ରାମର ପରିଚାଳନା କମିଟି ଓ ଆଖପାଖ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ବେଳେ ସମସ୍ତ ଭକ୍ତଙ୍କ ପାଇଁ ତେଲଗା ସାହି ଯୁବଗୋଷ୍ଠୀ ତରଫରୁ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ସ୍ୱାଦର ଜଳଛତ୍ର ପରିବେଷଣ, ପାତ୍ରପୁର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜରୁରୀ ସେବା ପ୍ରଦାନ ନିମନ୍ତେ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଥିବା ଦେଖିବାକୁ ମିଳିଛି । କାର୍ଯ୍ୟକ୍ରମରେ ଆଖପାଖ ଅଂଚଳ ତଥା ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ବହୁ ଜନସାଧାରଣଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି । ଏଥି ସହିତ ମନ୍ଦିର ପ୍ରାଙ୍ଗଣରେ ମୀନା ବଜାର, ବିଭିନ୍ନ ପ୍ରକାରର ଦୋକାନ ଓ ସନ୍ଧ୍ୟା ସମୟରେ ରଙ୍ଗ ବିରଙ୍ଗ ସାଜସଜ୍ଜା ହୋଇଥିବା ଆଲୋକୀ କରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ପାଲଟିଛି ।

ଆଦର୍ଶ ସୁରକ୍ଷା କାର୍ଯ୍ୟ ପାଇଁ ବାର ଜଣ ରେଳ କର୍ମଚାରୀ ସମ୍ବର୍ଦ୍ଧିତ

କୋଲକାତା,୦୮/୦୪(ନ୍ୟୁ.ଏ):ଶ୍ରୀ ଅନିଲ କୁମାର ମିଶ୍ର, ମହାପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳବାଇ SER ମୁଖ୍ୟାଳୟ, ଗାର୍ଡେନ୍ ରିଚ୍‌ରେ ବାର ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କର୍ତ୍ତବ୍ୟ ପ୍ରତି ନିଷ୍ଠା, ସୁରକ୍ଷା ସଚେତନତା ଏବଂ ଫ୍ରଣ୍ଟଲାଇନ୍ କର୍ମଚାରୀ ଭାବରେ ପ୍ରଶଂସନୀୟ କାର୍ଯ୍ୟଦକ୍ଷତା ପାଇଁ ୦୮.୦୪.୨୦୨୫ ରେ ସମ୍ମାନିତ କଲେ । ସମ୍ମାନିତ ହୋଇଥିବା ବାର ଜଣ କର୍ମଚାରୀ ହେଉଛନ୍ତି ଶ୍ରୀ କମଲେଶ ରାୟ, ସିନିୟର ମୋଟରମ୍ୟାନ୍/ଖଡ଼ଗପୁର, ଶ୍ରୀ ଜୋସେଫ୍ ଗାରି, ଟେକ୍ନିସିଆନ୍-III/C&W/ବାମରା, ଶ୍ରୀ କୃଷ୍ଣ ଚନ୍ଦ୍ର, ନାୟକ, ସିନିୟର ଟେକ୍ନିସିଆନ/C&W/ଝାରସୁଗୁଡ଼ା, ମିସ୍ ମିଲି ସରକାର, ପଏଣ୍ଟସମ୍ୟାନ୍-G/ବାଙ୍କରା ନୟାବାଜ, ଶ୍ରୀମତୀ । ପୁଷ୍ପା ସିଂ, ଟ୍ରାକ୍ ମେଣ୍ଟେନାରଓଣ୍ଡାମାଟକ, ଶ୍ରୀ ଅନିଲ ପାଣ୍ଡେ, ଟ୍ରାକ୍ ମେଣ୍ଟେନାର-IV/ଜଳେଶ୍ୱର, ଶ୍ରୀ ବିଶାଳ ବିଶ୍ୱାସ, ଟ୍ରାକ୍ ମେଣ୍ଟେନାର - IV/ଜଳେଶ୍ୱର, ମହମ୍ମଦ ସୈଫ୍ ଅଲି ଖାନ, ଟି ର୍ୟାକ୍ ମେଣ୍ଟେନାର IV/କୋଟଶିଲା, ଶ୍ରୀ ଅମନ କୁମାର, ଟ୍ରାକ୍ ମେଣ୍ଟେନାର ଓଠାହାରୁବେରା, ଶ୍ରୀ ଉପେନ୍ଦ୍ର ରାମ, ଟ୍ରାକ୍ ମେଣ୍ଟେନାର IV/ଝାଲିଦା, ଶ୍ରୀ ରଞ୍ଜିତ କୁମାର ମାହାତୋ, ଟ୍ରାକ୍ ମେଣ୍ଟେନାର III/ତୋରଙ୍ଗ ଏବଂ ଶ୍ରୀ କମଲ ମାହାତୋ, ହେଡ୍ କନଷ୍ଟେବଲ/RPF/ରାଂଚି । ଆଜି ସମ୍ମାନିତ ହୋଇଥିବା କର୍ମଚାରୀମାନେ ଦୁର୍ଘଟଣା କିମ୍ବା ଅନ୍ୟାନ୍ୟ ଦୁର୍ଘଟଣାକୁ ଏଡାଇବା ପାଇଁ ଅନୁକରଣୀୟ ସମର୍ପଣ ପ୍ରଦର୍ଶନ କରିଛନ୍ତି । ମହାପ୍ରବନ୍ଧକ, ଶ୍ରୀ ଅନିଲ କୁମାର ମିଶ୍ର ପୁରସ୍କାରପ୍ରାପ୍ତମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ କହିଛନ୍ତି ଯେ ଏପରି ଉତ୍ସର୍ଗୀକୃତ କର୍ମୀ ସର୍ବଦା ଟ୍ରେନ ପରିଚାଳନାରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ SER ରେଳବାଇକୁ ସମର୍ଥନ କରନ୍ତି ।

ଚହଗାଁ ପଂଚାୟତ ଘଣ୍ଟବାହାଲି ଗାଁକୁ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଦାବି

ଭବାନୀପାଟଣା,୦୮/୦୪(ଆ.ପ୍ର):କଳାହାଣ୍ଡି ଜିଲ୍ଲାରେ ଗତ ଦୁଇ ଦଶନ୍ଧି ଅନେକ ଗ୍ରାମକୁ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରି ପିଚୁ ସଡ଼କ ଓ କଂକ୍ରିଟ ରାସ୍ତା ମାନ ନିର୍ମାଣ ହେଉଛି । ଏହା ଦ୍ୱାରା କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଂଚଳ ଗୁଡିକ ବାଦ ପଡି ନଥିବାବେଳେ ଜିଲ୍ଲା ସଦର ମହକୁମା ଭବାନୀପାଟଣା ବ୍ଲକ ଚହଗାଁ ପଂଚାୟତର ଘଣ୍ଟବାହାଲି ଗାଁ ଏହି ସଡ଼କ ଯୋଜନାରୁ ବାଦ ପଡିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରୁଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସଦର ବ୍ଲକର ଚହଗାଁ ପଂଚାୟତ ୩୬ଟି ପଂଚାୟତ ମଧ୍ୟରୁ ଗୋଟିଏ । ପଂଚାୟତ ବିଭାଜିକରଣ ପୂର୍ବରୁ ଏହା କର୍ଲାପଡା ପଂଚାୟତର ଅନ୍ତର୍ଭୁକ୍ତ ଥିଲା । ଏହି ଅଂଚଳର ପ୍ରତ୍ୟେକ ଗ୍ରାମକୁ ସଡ଼କ ଯୋଜନାରେ ପକ୍କା ପିଚୁ ଓ କଂକ୍ରିଟ ରାସ୍ତା ସଂଯୋଗୀକରଣ ପ୍ରାୟତଃ ହୋଇ ସାରିଛି । ଅତି ଦୁରଭାଗ୍ୟର ବିଷୟ ଯେ ଏହି ଗ୍ରାମ ପଂଚାୟତର ଘଣ୍ଟ ବାହାଲି ଗ୍ରାମ ବର୍ତ୍ତମାନ ମଧ ଏହି ଯୋଜନାରୁ ବାଦ ପଡି ରହିଛି । ଭବାନୀପାଟଣା ରୁ ବୋରଡାକୁ ସଂଯୋଗ କରୁଥିବା ରାଜପଥ ପାର୍ଶ୍ୱରେ ଏହି ଗାଁ ଅବସ୍ଥିତ । ଏହି ଗାଁରେ ୩୦୦ ରୁ ଅଧିକ ପରିବାର ୨ଟି ୱାର୍ଡରେ ବିଭକ୍ତ ହୋଇ ବସବାସ କରନ୍ତି । ରାଜ୍ୟ ରାଜପଥ ଠାରୁ ଏହି ଗାଁକୁ ୩କିମି ବ୍ୟବଧାନରେ କଚା ଖାଲ ଢିପ ରାସ୍ତା ରହିଛି । ଏହି ରାସ୍ତା ବର୍ଷା ଦିନରେ କାଦୁଅ ପଚପଚ ହୋଇପଡିଥାଏ । ଏଥି ଯୋଗୁଁ ବୟୋବୃଦ୍ଧ ଓ କମ ବୟସର ପିଲାଙ୍କ ପାଇଁ ରାସ୍ତା କାଳ ସଦୃଶ୍ୟ ହୋଇଥାଏ । ଗାଁ ଦୁଇ ପାର୍ଶ୍ୱରେ ଡ୍ରେନ ସୁବିଧା ନ ଥିବା ଯୋଗୁଁ ଘରମାନଙ୍କର ନିଷ୍କାସିତ ଜଳ ଓ ବର୍ଷା ଦିନର ବର୍ଷା ଜଳ ଯୋଗୁଁ ଗାଁ ପରିମଳ ବ୍ୟବସ୍ଥା ଅତି ଦୁର୍ବିସହ ହୋଇପଡେ । ଏନେଇ ଗ୍ରାମବାସୀ ସ୍ଥାନୀୟ ନେତା ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ଠାରେ ଯେତେ ନେହୁରା ହୋଇ ଗାଁ ରାସ୍ତା ଘାଟ କଥା ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁ ନଥିବା କଥା ଅଭିଯୋଗ କରିଛନ୍ତି । ଘଣ୍ଟ ବାହାଲି ମୁଖ୍ୟ ରାସ୍ତା ଛକ ଠାରୁ ଘଣ୍ଟବାହାଲିଗ୍ରାମର ୩କିମି ରାସ୍ତାକୁ ସଡ଼କ ଯୋଜନାରେ ସାମିଲ କରି ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ ସହ ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ଦାବି କରିଛନ୍ତି । ଏନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏନେଇ କେଉଁ ଭଳି ଅଭିମୁଖ୍ୟ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।

ଜଗତସିଂହପୁର ଜିଲ୍ଲାରେ ବର୍ଣ୍ଣବୋଧ ବଣ୍ଟନ ଓ ବର୍ଣ୍ଣବୋଧ ଉତ୍ସବ ପାଳିତ

ଜଗତସିଂହପୁର, ୮/୦୪(ଆ.ପ୍ର): ଓଡିଶା ସରକାରଙ୍କ ପକ୍ଷରୁ ଅପ୍ରେଲ ପହିଲା ଓଡିଶା ଦିବସ ଠାରୁ ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଆଜି ସପ୍ତମ ଦିବସରେ ସମଗ୍ର ରାଜ୍ୟରେ ବର୍ଣ୍ଣବୋଧ ବଣ୍ଟନ ଓ ବର୍ଣ୍ଣବୋଧ ଉତ୍ସବ ପାଳନ ଅବସରରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପ୍ରତ୍ୟେକ ବିଦ୍ୟାଳୟରେ ଥିବା ଶିଶୁ ବାଟିକା ଓ ପ୍ରାଥମିକ ଶ୍ରେଣୀ ମାନଙ୍କରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଭକ୍ତ କବି ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ଓଡ଼ିଆ ବର୍ଣ୍ଣବୋଧ ବହିକୁ ବଣ୍ଟନ କରାଯାଇଥିଲା । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ବହିକୁ ବିଭିନ୍ନ ବିଦ୍ୟାଳୟକୁ ବଣ୍ଟନ ନିମନ୍ତେ ପ୍ରଦାନ କରାଯାଇଥିଲା । ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀ, ସହକାରୀ ବ୍ଲକ ଶିକ୍ଷାଧିକାରୀ,ସିଆରସିସି ମାନଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବ ମାନ କରାଯାଇ ଓଡ଼ିଆ ଭାଷା ସାହିତ୍ୟକୁ ବର୍ଣ୍ଣବୋଧର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଅବଗତ କରାଯାଇ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଇଥିଲା ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ରାୟଗଡ଼ା ଦ୍ୱାରା ସଂପର୍କିତ ଆଇନ୍ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା,୦୮/୦୪(ଆ.ପ୍ର):ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ଅଦ୍ୟ ତା-୦୮.୦୪.୨୦୨୫ ରିଖ ମଙ୍ଗଳବାର ସମୟ ଘ.୧୦.୩୦ମି ସମୟ ରେ ସ୍ଥାନୀୟ ହାଲୁଆ ପଞ୍ଚାୟତ ପରିସରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଯଥା ଏଫ୍.ଆଇ.ଆର, ବେଲ୍, ସମନସ, ୱାରେଣ୍ଟ, ଅପିଲ, ପ୍ଲିବାରଗେନିଙ୍ଗ ଇତ୍ୟାଦି ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପାନେଲ ଓକିଲ୍ ଦେବରାଜ ନାୟକ, ହାଲୁଆ ଗ୍ରାମର ସରପଞ୍ଚ, ପି.ଇ.ଓ ଓ ଗ୍ରାମର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩, ଏଫ୍.ଆଇ.ଆର, ବେଲ୍, ସମନସ, ୱାରେଣ୍ଟ, ଅପିଲ, ପ୍ଲିବାରଗେନିଙ୍ଗ ଇତ୍ୟାଦି ଉପରେ ବିସ୍ତୃତ ଭାବରେ ଅଂଶଗ୍ରହଣକାରୀ ମାନଙ୍କୁ ବୁଝାଇଥିଲେ ଓ ସେହିପରି ଉପସ୍ଥିତ ଥିବା ପାନେଲ ଓକିଲ୍ ଦେବରାଜ ନାୟକ ନିଜର ଅଭିଭାଷଣରେ ଭାରତୀୟ ଆଇନ ବ୍ୟବସ୍ଥାରେ ବିଭିନ୍ନ ପ୍ରକାର ଆଇନକୁ କିପରି ସଠିକରୂପେ ପ୍ରଣୟନକରି ସାଧାରଣଲୋକମାନଙ୍କୁ ଉଚିତନ୍ୟାୟ ପ୍ରଦାନ ସହ ଦୋଷୀ ନିର୍ଦ୍ଦୋଷରେ ଖସିପାରିବ ନାହିଁ ସେ ସଂପର୍କରେ ଆଲୋଚନା କରିବା ସହିତ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଦ୍ୱାରସ୍ଥ ହେବା ପାଇ ସମସ୍ତ ଜନସାଧାରଣ ମାନଙ୍କୁ ବୁଝାଇଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଜନସାଧାରଣ ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

ସାମ୍ବାଦିକାଙ୍କୁ ଆକ୍ରମଣ ଘଟଣା ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ସାମ୍ବାଦିକଙ୍କ ପକ୍ଷରୁ ଏତଲା

ମୈଦକପୁର,୦୮/୦୪(ଆ.ପ୍ର):ପୁରୀ ସିଂହ ଦ୍ୱାର ସମ୍ମୁଖରେ 'ବଡ ଖବର' ର ସାମ୍ବାଦିକା ଲୀନୁ ନାୟକ ଓ କ୍ୟାମେରାମେନ୍ ଶିବ କିଶୋର ପଲାଇ ଙ୍କୁ ସେଠିକାର କିଛି ସେବାୟତ, ଅଣ ସେବାୟତ ମାନେ ଖବର ସଂଗ୍ରହ ସମୟରେ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ଉଭୟ ଙ୍କୁ ପୁରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହିତ ସଂପୃକ୍ତ ସେବାୟତମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଏହି ଘଟଣାରେ ମୈଦକପୁର ରେ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଆଜି ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ମୈଦକପୁର ଥାନା ରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ସାମ୍ବାଦିକ ଆକାଶ ବିଷୋୟୀ, ତରୁଣ କୁମାର ବିସୋୟୀ ,ନିର୍ମଳ ବିଷୋୟୀ, କିଶୋର ଚନ୍ଦ୍ର ବିଷୋୟୀ ବିଜୟ କୁମାର ବିଷୋୟୀ, ସୁଜିତ ନାୟକ, ସନ୍ତୋଷ ପାଣିଗ୍ରାହୀ, ସନ୍ତୋଷ ସାହୁ, ସନ୍ତୋଷ ହରିଜନ, ଅନିଲ ପ୍ରଭାତ ଭଦ୍ରା ବାପି ଦାସ, କୈଳାଶ ଚନ୍ଦ୍ର ବିଷୋୟୀଙ୍କ ସମେତ ବହୁ କାର୍ଯ୍ୟରତ ସାମ୍ବାଦିକମାନେ ମୈଦକପୁର ଥାନା ରେ ଏତଲା ଦେଇଥିଲେ । ଏତଲାକୁ ଗ୍ରହଣ କରିବା ପରେ ଥାନା ଅଧିକାରୀ ଶ୍ରୀ ବିପିନ କୁମାର କୁଲଦୀପ ପଦକ୍ଷେପ ନେବା ପାଇଁ କହିଛନ୍ତି ।

ଛେନାପୋଡ଼ ଦିବସ ପାଳନକୁ ନେଇ ଦ୍ୱନ୍ଦ୍ୱ

ଦଶପଲ୍ଲା,୦୮/୦୪(ଆ.ପ୍ର):ଦଶପଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡିସେମ୍ବର ୩୧ତାରିଖ ଦିନ ବିଶ୍ୱ ଛେନାପୋଡ଼ ଦିବସ ରୂପେ ପାଳନ କରାଯାଉଛି । ଛେନାପୋଡ଼ ର ସ୍ରଷ୍ଟା ବିଦ୍ୟାଧର ସାହୁଙ୍କ ଶ୍ରାଦ୍ଧ ଦିବସ ଡିସେମ୍ବର ୩୧ତାରିଖ ଦିନକୁ ଛେନାପୋଡ଼ ଦିବସ ରୂପେ ପାଳନ କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା । ଏହି ଦିବସକୁ ନେଇ ବହୁ ବାଦ ବିବାଦ ଲାଗି ରହିଥିବା ବେଳେ ଏପ୍ରିଲ ୧୧ତାରିଖ ରେ କିଛି ଅନୁଷ୍ଠାନ ପାଳନ କରିଥିଲେ କିନ୍ତୁ ଏହାକୁ ଅନେକ ଅନୁଷ୍ଠାନ ବିରୋଧ କରିବା ସହ ଛେନାପୋଡ଼ ର ସ୍ରଷ୍ଟା ବିଦ୍ୟାଧର ସାହୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଡିସେମ୍ବର ୩୧ତାରିଖ ଦିନ ପାଳନ କରିବା ପାଇଁ ନିଷ୍ପତି ନେଇଥିଲେ ।ଦଶପଲ୍ଲା ସହିତ ଅନ୍ୟ ସମସ୍ତ ଜିଲ୍ଲାରେ ଥିବା ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଏହି ଦିବସ ପାଳନ ପୂର୍ବରୁ କରାଯାଇଥିଲା ।ବଡ଼କଥା ହେଲା ଦଶପଲ୍ଲା ର ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦାବି ହେବାପରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିବାକୁ ସରକାରୀ ସ୍ତରରେ ନିଷ୍ପତି ହୋଇଥିଲା ।ମାତ୍ର ଏବେ ରାଜନୈତିକ ଛକାପଞ୍ଜା ମଧ ରେ ଏହି ଡିସେମ୍ବର ୩୧ ତାରିଖ କୁ ବଦଳାଇବା ପାଇଁ ଚକ୍ରାନ୍ତ ଚାଲିଥିବା ସୂଚନା ମିଳିଛି । ଯାହାକୁ ଦଶପଲ୍ଲା ବାସି ଘୋର ବିରୋଧ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ ଓଲହାଇବା ସ୍ୱାଭାବିକ କଥା । ଯେ ହେତୁ ବିଦ୍ୟାଧର ସାହୁ ଏ ଛେନାପୋଡ଼ର ସ୍ରଷ୍ଟା ତଥା ଦଶପଲ୍ଲାର ଇତିହାସକୁ ଜଳାଞ୍ଜଳି ଦିଆଯାଉଛି ତାହା କେତେ ଦୂର ଠିକ ତାହା ସରକାର ବିଚାରକୁ ନେବା ଆବଶ୍ୟକ । ବିଦ୍ୟାଧର ସାହୁ ଚ୍ୟାରିଟେବଲ ଟ୍ରଷ୍ଟ , ଦଶପଲ୍ଲାର ସଦସ୍ୟମାନେ ସଠିକ ତଥ୍ୟ କୁ ଉନ୍ମୋଚନ କରାଯାଉ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ । ଗଣ ମାଧ୍ୟମ ଦ୍ୱାରା ସରକାରଙ୍କ ନିକଟରେ ଖବର ପହଂଚିବା ନିମନ୍ତେ ସମ୍ମିଳନୀ କରାଯାଇଥିଲା ।ସରକାର ଏଥିପ୍ରତି ଆନ୍ତରିକତାର ସହ ବିଚାର କରି ଡ଼ିସେମ୍ବର ୩୧ତାରିଖରେ ଛେନାପୋଡ଼ର ସ୍ରଷ୍ଟା ବିଦ୍ୟାଧର ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ଏହି ଦିବସ ପାଳନ କରିବା ପାଇଁ ନିଷ୍ପତି ନେବା ସହିତ ଏପ୍ରିଲ ୧୧ ତାରିଖକୁ ବାତିଲ କରାଯାଉ । ନଚେତ ଦଶପଲ୍ଲା ରେ ଏହାର ପ୍ରତିବାଦ କରାଯିବ ବୋଲି ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଛି ।

ବାଣପୁର ସାହିତ୍ୟ ସିନ୍ଦୁରାର 'ବର୍ଣ୍ଣବୋଧ' ଦିବସ ପାଳନ

ଟାଙ୍ଗି/ବାଣପୁର,୦୮/୦୪(ଆ.ପ୍ର):ଓଡ଼ିଶା ସରକାରଙ୍କ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜିଥିଲା 'ବର୍ଣ୍ଣବୋଧ' ଦିବସ । ଏହି ପ୍ରାୟୋଜିତ କାର୍ଯ୍ୟକ୍ରମ ବାଣପୁରର ସାହିତ୍ୟସିନ୍ଦୁରା ଅନୁଷ୍ଠାନ ତରଫରୁ ବିଧାରପୁରର ପରୀଡ଼ା ପାଠଗାର ପରିସରରେ ଶିକ୍ଷାବିତ୍ ଗୋଲକ ବିହାରୀ ପରୀଡ଼ାଙ୍କ ନିମନ୍ତ୍ରଣ କ୍ରମେ ମହାସମାରୋହ ପାଳିତ ହୋଇଥିଲା । ଓଡ଼ିଆଭାଷାର ମୌଳିକତା ରକ୍ଷା କରିବାରେ 'ମଧୁ ବର୍ଣ୍ଣବୋଧର ଭୂମିକା' ସଂପର୍କୀତ ଏକ ଆଲୋଚନାଚକ୍ରରେ ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଳମୁକୁନ୍ଦ ଦାସ ସଭାପତିତ୍ୱ କରିଥିବା ବେଳେ ଓଡ଼ିଆ ଭାଷାତତ୍ତ୍ୱବିତ୍ ଗୋକୁଳାନନ୍ଦ ଦାସ ମୁଖ୍ୟ ଅତିଥି, ଓଡ଼ିଆଭାଷା ସୁରକ୍ଷା ସମିତି ବାଲୁଗାଁର ସଭାପତି କବି ରଙ୍ଗନାଥ ସେଠୀ ମୁଖ୍ୟବକ୍ତା ଭାବରେ ଯୋଗଦେବା ସହିତ କବି ପୁରୁଷୋତ୍ତମ ମହାପାତ୍ର, ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ଅଧ୍ୟାପକ ଭବାନୀପ୍ରସାଦ ହୋତା, ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ସେନାପତି, ଲକ୍ଷ୍ମୀଚରଣ ପ୍ରଧାନ, ଶିଶିର କୁମାର ଦାସ, ଶେଷଦେବ ମହାରଣା, ବ୍ରଜକିଶୋର ଜେନା, ରବୀନ୍ଦ୍ରନାଥ ମାନସିଂହ, ନୀଳମଣି ସାହୁ, ଅମରେଶ୍ବର ଘଡ଼ାଇ,ଏକତା ପରିଷଦର ଆବାହିକା ସଂଧ୍ୟାଦେବୀ, କବୟତ୍ରୀ ସ୍ମୃତି ପଟ୍ଟନାୟକ, ଓଡ଼ିଶୀ ନୃତ୍ୟଗୁରୁ ମାଧବଚନ୍ଦ୍ର ପଲାଇ, ଭଗବତୀ କଳା ନିକେତନର ସମ୍ପାଦିକା ବିଷ୍ଣୁପ୍ରିୟା ବାରିକ, ନବକିଶୋର ପ୍ରଧାନ, ଗୋବିନ୍ଦଚନ୍ଦ୍ର ପାତ୍ର ପ୍ରମୁଖ ବହୁ ସାହିତ୍ୟିକ, ବୁଦ୍ଧିଜୀବି ଆଲୋଚନାରେ ଯୋଗ ଦେଇ ମାତୃଭାଷା ଓଡ଼ିଆର ସୁରକ୍ଷା ଓ ପ୍ରଚାର ପ୍ରସାର ସହିତ ମୌଳିକତା ରକ୍ଷା କରିବାରେ 'ମଧୁବର୍ଣ୍ଣବୋଧ' ହିଁ ଏକ ମାତ୍ର ପାଠ୍ୟପୁସ୍ତକ ଭାବରେ ପ୍ରେରଣା ଯୋଗାଇଦେବ ବୋଲି ମତପ୍ରକାଶ କରି ବହୁ ବର୍ଷ ପରେ ଓଡ଼ିଶା ସରକାର ଏହି ପୁସ୍ତକକୁ ଗୁରୁତ୍ୱ ଦେଇ ପ୍ରାଥମିକ ବିଦ୍ୟାଳୟରେ ପୁଣି ପ୍ରଚଳନ କରିବାକୁ ପଦକ୍ଷେପ ଗ୍ରହଣ କରିଥିବାରୁ ସରକାରଙ୍କ ଏହି ନିଷ୍ପତିକୁ ସାଧୁବାଦ ଜଣାଇଥିଲେ । ଭକ୍ତକବି ମଧୁସୂଦନ ରାଓଙ୍କ ଅଦମ୍ୟ ପ୍ରଚେଷ୍ଟାରେ୧୮୮୫ ରେ ମୁଦ୍ରିତ ଏହି ପୁସ୍ତକଟି ବ୍ରିଟିଶ୍ ଶାସିତ ଓଡ଼ିଶାର ଘରେ ଘରେ ଓଡ଼ିଆ ଭାଷା ପଠନ, ଲିଖନର ଏକମାତ୍ର ନିର୍ଭରଯୋଗ୍ୟ ପାଠ୍ୟପୁସ୍ତକ ଭାବରେ ପ୍ରଚଳିତ ଥିଲା ଯାହାକି ମାତୃଭାଷା ଓଡ଼ିଆର ମୌଳିକତା ରକ୍ଷା କରିବାରେ ସହାୟକ ହୋଇପାରିଥିଲା । ବୈଦେଶିକ ଭାଷାର ପ୍ରଭାବରେ ବର୍ତ୍ତମାନ ମାତୃଭାଷା ଓଡ଼ିଆରେ ଲିଖନ ପଠନ, କଥନ ଅତିବିକୃତ ଅବସ୍ଥାକୁ ଆସିଯାଇଥିବା ବେଳେ ଏହାର ସୁରକ୍ଷା ଓ ପୁନଃରୁଦ୍ଧାର ପାଇଁ ସରକାର ଆନ୍ତରିକତାର ସହିତ ବିହିତ ପଦକ୍ଷେପ ଗ୍ରହଣ କଲେ ପୁଣି ମାତୃଭାଷା ଓଡ଼ିଆ ପଠନ ପ୍ରତି ଯୁବସମାଜ ଆଗ୍ରହ ପ୍ରକାଶ କରିବେ ବୋଲି ମତପ୍ରକାଶ ପାଇଥିଲା । ଶେଷରେ ଶ୍ରୀଯୁକ୍ତ ପରୀଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

ତୀର୍ଥଯାତ୍ରାରେ ବାହାରିଲେ ୭୭୫ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ

ରାୟଗଡା,୦୮/୦୪(ଆ.ପ୍ର):ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରାୟଗଡା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣ କାର୍ଯ୍ୟକ୍ରମରେ ଦକ୍ଷିଣାପଶ୍ଚିମାଂଚଳର କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲ୍ଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ଜଣ ଏସକର୍ଟ କର୍ମକର୍ତାମାନେ ଆଜି ରାୟଗଡା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ବନାରସ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି । ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ ବିଧାୟକ, ଆପଳସ୍ୱାମୀ କଦ୍ରକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ରେଳ ବିଭାଗ ରାୟଗଡ ରେଳ ମଣ୍ଡଳ ପରିଚାଳକ ଶ୍ରୀ ଅମିତାଭ ସିଂଘଲ,ମୁଖ୍ୟ ଉନ୍ନୟନ ଅଧିକାରୀ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବକ୍ଷନମୁକୁନ୍ଦ ଭୂୟାଁ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ, ରାୟଗଡ ପୌର ଅଧକ୍ଷ ଶ୍ରୀ ମହେଶ ପଟ୍ଟନାୟକ,ରାମନାଗୁଡ଼ା ସମିତି ଅଧକ୍ଷା ଶ୍ରୀ ରବିଶଙ୍କର ଗମାଙ୍ଗ, ଅତିଥି ଭାବେ ଯୋଗ ଦେଇ ତୀର୍ଥଯାତ୍ରୀମାନେ ଯାଉଥିବା ସ୍ୱତନ୍ତ୍ର ଟ୍ରେନରେ ଫିତା କାଟିବା ସହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମାନଙ୍କ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅତିରକ୍ତ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାଏ, ବରିଷ୍ଠ ସହାୟକ ଦୁଷ୍ଟ ଦେବ ବୁଢୁଲା ସମେତ ରେଳବାଇ ଆଇଆରସିଟିସି କର୍ତୃପକ୍ଷ ଏବଂ ରାୟଗଡା ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ରହିଥିଲେ । ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ମନୋଭାବ ଆସୁଥିବା ବେଳେ ତୀର୍ଥଯାତ୍ରା କରିବାକୁ ମଧ ମନ ବଳାଇଥାନ୍ତି ତେବେ ଅର୍ଥାଭାବରୁ ତଥା ପାରିବାରିକ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେମାନେ ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତି ନାହିଁ । ସେହିପରି ଆର୍ଥିକ ଅନଗ୍ରସର ଓ ଦାରିଦ୍ର ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପୁନ୍ କାର୍ଯ୍ୟକ୍ଷମ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିବା ସୁଯୋଗ ଦେଉଛନ୍ତି । ଏଥର ୭୭୫ଜଣ ଓ ଏସକୋଟ ଅଫିସର ମିଶି ସର୍ବମୋଟ ୮୦୦ଜଣ ତୀର୍ଥଯାତ୍ରୀ ଯାତ୍ରାର ସୁଯୋଗ ପାଇଛନ୍ତି । ଏହି ଯାତ୍ରା ବେଳେ ତୀର୍ଥ ଯାତ୍ରୀମାନଙ୍କ ସମସ୍ତ ସୁବିଧାସୁଯୋଗ ରାଜ୍ୟ ସରକାର ବହନ କରିଥାନ୍ତି କ୍ଷତୀର୍ଥଯାତ୍ରୀମାନଙ୍କ ରହିବା,ଯିବା ଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା ସହ ଗଣ୍ଡ ଜଗୁଆଳୀ,ପଥ ପ୍ରଦର୍ଶକ, ଯାତ୍ରୀ ବୀମା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଚଳିତ ୨୦୨୪-୨୫ଆର୍ଥିକ ବର୍ଷରେ ୧୦ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବା ବେଳେ ଏଥି ମଧ୍ୟରେ ରାୟଗଡା ଠାରୁ ଅଯୋଧ୍ୟା - ବନାରସ ତୀର୍ଥସ୍ଥାନ ଭ୍ରମଣର ସ୍ଥିର କରାଯାଇଥିଲା ବୋଲି ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଭୂୟାଁ ପ୍ରକାଶ କରିଛନ୍ତି । ଏଥିରେ ରାୟଗଡା ଜିଲ୍ଲାର ୧୧୮,ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୮ଜଣ, ନବରଙ୍ଗପୁରର ୧୪୮ଜଣ, ମାଲକାନଗିରି ୭୫, ନୂଆପଡା ଜିଲ୍ଲାର ୭୪ଜଣ ଏବଂ କଳାହାଣ୍ଡିର ୧୯୨ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା ଭ୍ରମଣରେ ଗସ୍ତ କରିଛନ୍ତି । ଗତକାଲି ଉକ୍ତ ଛଅଟି ଜିଲ୍ଲାର ତୀର୍ଥଯାତ୍ରୀଙ୍କ ରାୟଗଡାରେ ରହଣୀ ବ୍ୟବସ୍ଥା କରାଯାଇଥିବା ବେଳେ ସଂଧ୍ୟାରେ ଭଜନ ସଂଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଆଜି ରାୟଗଡା ରେଳବାଇ ଷ୍ଟେସନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିବା ବେଳେ ଷ୍ଟେସନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ତୀର୍ଥଯାତ୍ରା ଭ୍ରମଣ ନିମନ୍ତେ ରାୟଗଡା ଠାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ପ୍ରତ୍ୟେଷ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନାରାୟଣ ମିଶ୍ର ପରିଚାଳନା କରିଥିଲେ ।

ସଂଶୋଧିତ ୱାକଫ୍ ଆଇନ୍‌କୁ ସିପିଆଇ ଏମ୍-ଏଲ୍ ଲିବରେସନ୍‌ର ଦୃଢ ବିରୋଧ

ଖୋର୍ଦ୍ଧା/ଭୁବନେଶ୍ୱର,୦୮/୦୪(ଆ.ପ୍ର):କେନ୍ଦ୍ର ସରକାର ଦ୍ୱାରା ଲୋକସଭାରେ ଉପସ୍ଥାପିତ ହୋଇଥିବା ୱାକଫ୍ ସଂଶୋଧନ ବିଲ୍‌କୁ ସିପିଆଇ (ଏମ୍-ଏଲ) ଲିବରେସନ୍ ଦୃଢ ବିରୋଧ କରିଛି । ଦଳ ଏହାକୁ ମୁସଲମାନ ସମ୍ପ୍ରଦାୟର ପରିଚୟ, ଧାର୍ମିକ ସ୍ୱାଧୀନତା ଏବଂ ସାଂସ୍କୃତିକ ସ୍ୱାଧୀନତା ଉପରେ ଏକ ପ୍ରଚଣ୍ଡ ଆକ୍ରମଣ ବୋଲି ଅଭିହିତ କରିଛି । ବିରୋଧ ଦଳ ମାନଙ୍କର ମତକୁ ଅଣଦେଖା କରି ଏନ୍‌ଡିଏ ସରକାର ଏକପାଖିଆ ଭାବେ ଏହି ବିଲ୍ ଆଣିଥିଲେ ଓ ସଂଖ୍ୟାଧିକ କାରଣରୁ ସମ୍ବିଧାନ ମୂଳ ଆଭିମୁଖ୍ୟ ବିରୋଧ କରୁଥିବା ଏହି ବିଲ୍‌କୁ ବହୁମତରେ ପାଶ୍ କରିଛନ୍ତି । ଯାହା ରାଷ୍ଟ୍ରପତିଙ୍କ ଦସ୍ତଖତ ପରେ ଆଇନ୍‌ରେ ପରିଣତ ହୋଇଛି । ଏହାଫଳରେ ଭାରତ ବର୍ଷରେ ସାମ୍ବିଧାନିକ ଅଧିକାର ଯଥା- ଧାର୍ମିକ ଆଚରଣ, ତା'ର ପ୍ରଚାର ପ୍ରସାରର ଅଧିକାର ଉପରେ ଆକ୍ରମଣ ସଦୃଶ । ଏହାଫଳରେ କୋଟି କୋଟି ମୁସଲମାନ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ବିଜେପି ସରକାର ଗୋଟିଏ ସମ୍ପ୍ରଦାୟକୁ ଧମକ ଚମକ ଦେଇ ସେମାନଙ୍କ ସମ୍ପତ୍ତି ଅପହରଣ କରିବାକୁ ଓ କ୍ଷମତାରେ ରହିବା ପାଇଁ ଏକ ଷଡ଼ଯନ୍ତ୍ର ମାତ୍ର । ନାଗରିକ ସଂଶୋଧନ ଅଧିନିୟମ (ସି.ଏ.ଏ.) ପରି ୱାକଫ୍ ସଂଶୋଧନ ଆଇନ୍ କେବଳ ମୁସଲମାନ ନୁହଁନ୍ତି, ଦେଶର ସମସ୍ତ ଜନଗଣଙ୍କ ଉପରେ ଓ ସମ୍ବିଧାନ ଉପରେ ଆକ୍ରମଣ । ଧାର୍ମିକ ବ୍ୟାପାରରେ ହିନ୍ଦୁ ଏଣ୍ଡାଉମେଣ୍ଟ ଆଇନ୍, ଗୁରୁଦ୍ୱାର ଆଇନ୍, ଖ୍ରୀଷ୍ଟିଆନ୍ ମାନଙ୍କ ପାଇଁ ଥିବା ଆଇନ୍‌ରେ ସେମାନେ ନିଜ ନିଜର ଧାର୍ମିକ ଆଚାର ବିଚାର ପାଇଁ ଫଣ୍ଡ ଆଦାୟ କରିପାରିବେ, ବୋର୍ଡ ଗଠନ କରିପାରିବେ, ଖର୍ଚ୍ଚ କରିପାରିବାର ଅଧିକାର ଅଛି । କିନ୍ତୁ ଏହି ନୂତନ ୱାକଫ୍ ଆଇନ୍‌ରେ ଅଣମୁସଲିମ୍ ମାନଙ୍କୁ ମୁସଲିମ୍ ମାନଙ୍କ ବୋର୍ଡରେ ରହିବା ପ୍ରାବଧାନ ରହିଛି । ଏହି ବୋର୍ଡକୁ କେହି ଦାନ ଦେବା ଉପରେ ଭକ୍ତ ଦାନକୁ ଖର୍ଚ୍ଚ କରିବା ଉପରେ ବିଭିନ୍ନ ପ୍ରକାର ରୋକ୍ ଲଗାଯାଇଛି, ଯାହା ଅନ୍ୟ ଧର୍ମ ମାନଙ୍କ ପାଇଁ ନାହିଁ । ଏହାହିଁ ପକ୍ଷପାତିତା, ଏହାହିଁ ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ । ଏହାହିଁ ଫାଶୀବାଦର ଅସଲ ସ୍ୱରୂପ । ଆମ ପାର୍ଟି ଏହାକୁ ଘୋର ବିରୋଧ କରୁଛି । ଆମ ପାର୍ଟିର ପାର୍ଲାମେଣ୍ଟ ମେମ୍ବରମାନେ ପାର୍ଲାମେଣ୍ଟ ଭିତରେ ଏହାର ଘୋର ବିରୋଧ କରିଛନ୍ତି । ଓଡ଼ିଶାର ସମସ୍ତ ବାମପନ୍ଥୀ ଗଣତାନ୍ତ୍ରିକ ଦଳ, ସମାଜସେବୀ, ଲେଖକ, ସ୍ୱାଧୀନଚେତା ପ୍ରତିଟି ମଣିଷ ଏହି ଅଗଣତାନ୍ତ୍ରିକ ଆଇନ୍‌କୁ ଘୋର ବିରୋଧ କରିବାକୁ ଆମ ପାର୍ଟି ଆହ୍ୱାନ ଦେଉଛି ।

ସେଇଠୁ
ଆରମ୍ଭ
SEITHO ARAMBHA
ବୁଧବାର, ୦୯ ଅପ୍ରେଲ,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

କୋଲକାତାଠୁ ୪ ରନରେ ଜିତିଲା ଲକ୍ଷ୍ନୌ

କୋଲକାତା,୦୮/୦୪(ନ୍ୟୁ.ଏ):ଇଡେନ ଗାର୍ଡେନ୍ସରେ ଖେଳା ଯାଇଥିବା ହାଇ ସ୍କୋରିଂ ମୁକାବିଲାରେ ଲକ୍ଷ୍ନୌ ସୁପର ଜାଏଣ୍ଟସ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୪ ରନରେ ହରାଇଛି । ଆଉ କୋଲକାତା ନାଇଟ୍ ରାଇଡର୍ସ ନିଜ ଘରେ ପରାଜୟର ମୁହଁ ଦେଖିଛି । ପଂଚମ ମ୍ୟାଚ୍‌ରୁ କେକେଆରର ଏହା ତୃତୀୟ ପରାଜୟ । ଲକ୍ଷ୍ନୌ ଦ୍ୱାରା ଧାର୍ଯ୍ୟ ୨୩୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି କୋଲକାତା ୨୩୪ ରନରେ ପହଂଚିଥିଲେ ହେଁ, ଶେଷରେ ୪ ରନ ଦୂରରେ ରହି ଯାଇଛି । ବିଜୟ ସହ ଲକ୍ଷ୍ନୌ ୬ ପଏଣ୍ଟ ପାଇ ତାଲିକାରେ ଚତୁର୍ଥ ଉଠିଛି । ପରାଜୟ ସହ କୋଲକାତା ଷଷ୍ଠ ସ୍ଥାନକୁ ଖସି ଆସିଛି । ୨୩୯ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ କ୍ରିଜକୁ ଓହ୍ଲାଇଥିବା କେକେଆରକୁ ୩୭ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା । କ୍ୱିଣ୍ଟନ ଡି କକ୍ ୧୫ ରନ କରି ଆଉଟ୍ ହୋଇଥିଲେ । ଏହା ପରେ ସୁନିଲ ନାରାୟଣ ଓ ଅଧିନାୟକ ଆଜିଙ୍କ୍ୟ ରାହାଣେ ବିସ୍ଫୋରକ ବ୍ୟାଟିଂ କରି ଦଳର ସ୍ଥିତି ମଜବୁତ କରିବା ସହ ବିଜୟ ଆଶା ଉଜ୍ଜିବୀତ ରଖିଥିଲେ । ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍‌ରେ ୫୪ ରନ ଯୋଡ଼ି ଦଳର ସ୍କୋରକୁ ୯୧ ରନରେ ପହଂଚାଇଥିଲେ । ନାରାୟଣ ୧୩ ବଲରୁ ୩୦ ରନ କରି ପାଭିଲିୟନ ଫେରିଥିଲେ । ଏହା ପରେ ରାହାଣେ ଓ ଭେଙ୍କଟେଶ ଆୟର ଚମତ୍କାର ବ୍ୟାଟିଂ କରି ଆବଶ୍ୟକ ରନ ରେଟ୍ ହିସାବରେ ରନ ଯୋଡ଼ିଥିଲେ । ତୃତୀୟ ୱିକେଟ୍‌ରେ ୭୧ ରନ ଯୋଡ଼ି ଦଳର ସ୍କୋରକୁ ୧୩ ଓଭରରେ ୧୬୨ ରନରେ ପହଂଚାଇଥିଲେ । ରାହାଣେ ୩୫ ବଲରୁ ୮ ଚୌକା ଓ ୨ ଛକା ସହ ୬୧ ରନର ଅଧିନାୟକତ୍ୱ ଇନିଂସ ଖେଳିଥିଲେ । ଏହା ପରେ ଦଳ ନିୟମିତ ୱିକେଟ୍ ହରାଇବାରୁ ଦଳ ଉପରେ ଚାପ ବଢ଼ିବାରେ ଲାଗିଥିଲା । ରମଣଦୀପ(୧), ଅଙ୍ଗକ୍ରିଷ ରଘୁବଂଶୀ(୫) ଓ ଆନ୍ଦ୍ରେ ରସେଲ(୭) ଶସ୍ତାରେ ଆଉଟ୍ ହେବାରୁ ଦଳ ବିଜୟଠୁ ଦୂରେଇବାରେ ଲାଗିଥିଲା । ଶେଷ ଆଡ଼କୁ ରିଙ୍କୁ ସିଂ ୧୫ ବଲରୁ ୩୮ ରନ କରିଥିଲେ ହେଁ ଦଳକୁ ପରାଜୟରୁ ବଂଚାଇ ପାରି ନ ଥିଲେ । କୋଲକାତା ୭ ୱିକେଟ୍ ହରାଇ ୨୩୪ ରନରେ ସୀମିତ ରହିଥିଲା । ଇଡେନ୍ ଗାର୍ଡେନରେ ଲକ୍ଷ୍ନୌ ସୁପର ଜାଏଣ୍ଟସର ବ୍ୟାଟିଂ ବିସ୍ଫୋରଣ । ଇଡେନ୍ ମାର୍କରାମ ଓ ମିଚେଲ୍ ମାର୍ଶଙ୍କ ପରେ ନିକୋଲାସ୍ ପୁରନଙ୍କ ଜବରଦସ୍ତ ପ୍ରହାର । କୋଲକାତା ନାଇଟ୍ ରାଇଡର୍ସଙ୍କୁ ଘରୋଇ ମାଟିରେ ନିର୍ଘୁମ ଛେଚିଲେ ତିନି ପ୍ଲେୟାର । ନିର୍ଦ୍ଧାରିତ କୋଡିଏ ଓଭରରେ ୩ଟି ୱିକେଟ୍ ହରାଇ ୨୩୮ ରନ୍‌ର ପାହାଡ ଛିଡା କରିଛି ଏଲଏସଜି । ଫଳରେ କେକେଆର୍ ସାମ୍ନାରେ ୨୩୯ ରନ୍‌ର ଟାର୍ଗେଟ୍ ରହିଛି । ଲକ୍ଷ୍ନୌ ପକ୍ଷରୁ ମାର୍ଶ ଓ ପୁରନ୍‌ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି । ଆଇପିଏଲ ୨୦୨୫ ସଂସ୍କରଣରେ ମଙ୍ଗଳବାର ଇଡେନ୍ ଗାର୍ଡେନ୍ସରେ କୋଲକାତା ନାଇଟ୍ ରାଇଡର୍ସ ଓ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ମୁହାଁମୁହିଁ ହୋଇଛନ୍ତି । ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା କେକେଆର । ଫଳରେ ପ୍ରଥମେ ବ୍ୟାଟିଂର ଫାଇଦା ଉଠାଇଥିଲା ଏଲଏସଜି । ୨୦ ଓଭରରେ ମାତ୍ର ୩ଟି ୱିକେଟ୍ ହରାଇ କେକେଆରକୁ ୨୩୯ ରନର ବିଶାଳ ଟାର୍ଗେଟ୍ ଦେଇଛି ଦଳ । ଏହା ଆଇପିଏଲ ଇତିହାସରେ ଏଲଏସଜିର ଦ୍ୱିତୀୟ ସର୍ବାଧିକ ସ୍କୋର । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ଦଳ ଏକ ଦୃଢ଼ ଆରମ୍ଭ କରିଥିଲା । ମିଚେଲ ମାର୍ଶ ମାତ୍ର ୪୮ ବଲ୍ ରୁ ୮୧ ରନ୍ ଏବଂ ଇଡେନ ମାର୍କରାମ ୨୮ ବଲ୍ ରୁ ୪୭ ରନ୍ ସଂଗ୍ରହ କରି ପ୍ରଥମ ୱିକେଟରେ ୯୯ ରନ୍ ଯୋଡ଼ିଥିଲେ । ୧୧ତମ ଓଭରରେ ମାର୍କରାମଙ୍କୁ ହର୍ଷିତ ରାଣା ବୋଲ୍ଡ କରିଥିଲେ । ଏହାପରେ ନିକୋଲାସ ପୁରନଙ୍କ ବ୍ୟାଟିଂ ବିସ୍ଫୋରଣ ଆରମ୍ଭ ହୋଇଛି । ସେ ମାର୍ଶଙ୍କୁ ସାଥ୍ ଦେଇ ମାତ୍ର ୩୬ ବଲରୁ ୮୭ ରନ୍ ଅପରାଜିତ ରହିଥିଲେ । ଏଥିରେ ୭ଟି ଚୌକା ଏବଂ ୮ଟି ଛକା ରହିଛି । କୋଲକାତା ପକ୍ଷରୁ ହର୍ଷିତ୍ ରାଣା ସର୍ବାଧିକ ଦୁଇଟି ୱିକେଟ୍ ନେଇଛନ୍ତି ।

୧୦ ବର୍ଷ ପରେ ୱାଙ୍ଖେଡ଼େରେ ମୁମ୍ବାଇକୁ ହରାଇଲା ବେଙ୍ଗାଲୁରୁ

ମୁମ୍ବାଇ,୦୮/୦୪(ନ୍ୟୁ.ଏ):ୱାଙ୍ଖେଡ଼େରେ ଛକା-ଚୌକାର ବର୍ଷା । ସଂଘର୍ଷପୂର୍ଣ୍ଣ ଓ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌ରେ ବାଜି ମାରିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଆଉ ଶେଷ ପର୍ଯ୍ୟନ୍ତ ଲଢି ହାରିଲା ମୁମ୍ବାଇ ଇଣ୍ଡିଆନ୍ସ । ଦୀର୍ଘ ୧୦ ବର୍ଷ ପରେ ୱାଙ୍ଖେଡ଼େ ଷ୍ଟାଡିୟମରେ ଲାଗି ରହିଥିବା ପରାଜୟର ଧାରାକୁ ଭାଙ୍ଗି ପାରିଛି ବେଙ୍ଗାଲୁରୁ । ଆଇପିଏଲ୍‌ର ୨୦ତମ ମ୍ୟାଚ୍‌ରେ ବେଙ୍ଗାଲୁରୁ ମୁମ୍ବାଇକୁ ୧୨ ରନରେ ହରାଇ ପାରିଛି । ତିଳକ ବର୍ମାଙ୍କ ବିସ୍ଫୋରକ ଇନିଂସ ବୃଥା ହୋଇଛି । ଚଳିତ ସିଜିନରେ ତୃତୀୟ ବିଜୟ ସହ ଆରସିବି ପଏଣ୍ଟ ତାଲିକାରେ ତୃତୀୟରେ ଥିବା ବେଳେ ମୁମ୍ବାଇ ଚତୁର୍ଥ ପରାଜୟ ସହ ଅଷ୍ଟମ ସ୍ଥାନରେ ରହିଛି । ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ୫ ୱିକେଟ୍ ହରାଇ ୨୨୧ ରନ କରିଥିଲା । ଦଳ ପକ୍ଷରୁ ବିରାଟ କୋହଲି ୬୭ ରନ, ରଜତ ପାଟିଦାର ୬୪ ରନ ଓ ଜିତେଶ ଶର୍ମା ୪୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ । ଜବାବରେ ମୁମ୍ବାଇ ଶେଷ ପର୍ଯ୍ୟନ୍ତ ଲଢି ୯ ୱିକେଟ୍ ହରା ୨୦୯ ରନ କରି ପାରିଛି । ତିଳକ ବର୍ମା ୫୬ ରନ ଓ ହାର୍ଦ୍ଦିକ ପାଣ୍ଡ୍ୟା ୪୨ ରନର ଧୂଆଁଧାର ଇନିଂସ ଖେଳିଥିଲେ । ବୋଲିଂରେ ଆରସିବି ପକ୍ଷରୁ କ୍ରୁଣାଲ ପାଣ୍ଡ୍ୟା ୪ ୱିକେଟ୍ ନେଇ ଦଳ ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି । ୨୨୨ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ନୈରାଶ୍ୟଜନକ ଥିଲା । ୨୧ ରନ ସ୍କୋରରେ ରୋହିତ ଶର୍ମା ବ୍ୟକ୍ତିଗତ ୧୭ ରନ କରି ଆଉଟ୍ ହୋଇଥିଲେ । ରିୟାନ ରିକଲଟନ ମଧ୍ୟ ୧୭ ରନ କରି ପାଭିଲିୟନ ଫେରିଥିଲେ । ୱିଲ ଜ୍ୟାକ ୨୨ ରନ କରିଥିଲେ ହେଁ ୧୮ ବଲ ଖେଳିଥିଲେ । ସୂର୍ଯ୍ୟକୁମାର ଯାଦବ କ୍ରିଜରେ ଜମି ଥିଲେ ହେଁ ୨୬ ବଲ୍‌ରୁ ୨୮ ରନ କରି ଆଉଟ୍ ହେବା ମୁମ୍ବାଇକୁ ମହଙ୍ଗା ପଡ଼ିଥିଲା । ୯୯ ରନରେ ୪ ୱିକେଟ୍ ହରାଇ ମ୍ୟାଚ୍‌ରୁ ଦୂରରେ ଥିବା ମୁମ୍ବାଇ ପାଇଁ ଆଶା ସଂଚାର କରିଥିଲେ ତିଳକ ବର୍ମା ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା । ଉଭୟ ଏମିତି ବିସ୍ଫୋରକ ବ୍ୟାଟିଂ କରିଥିଲେ ଯେ, ମ୍ୟାଚ୍‌ରେ ରୋମାଂଚ ଭରିବା ସହ ମୁମ୍ବାଇ ପାଇଁ ବିଜୟ ଆଶା ଜାଗି ଉଠିଥିଲା । ଦୁଇ ବ୍ୟାଟର ପଂଚମ ୱିକେଟ୍ ପାଇଁ ୮୯ ରନ ଯୋଡ଼ିଥିଲେ । ତେବେ ଅଳ୍ପ ବ୍ୟବଧାନରେ ଦୁହେଁ ଆଉଟ୍ ହେବାରୁ ମୁମ୍ବାଇର ବିଜୟ ଆଶା ମଉଳି ଯାଇଥିଲା । ତିଳକ ବର୍ମା ୨୯ ବଲରୁ ୪ ଚୌକା ଓ ୪ ଛକା ସହ ୫୬ ରନ କରିଥିଲେ । ପାଣ୍ଡ୍ୟା ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୫ ବଲରୁ ୩ ଚୌକା ଓ ୪ ଛକା ସହ ୪୨ ରନ କରିଥିଲେ । ଶେଷ ଆଡ଼କୁ ମୁମ୍ବାଇ ନିୟମିତ ୱିକେଟ୍ ହରାଇ ୨୦୯ ରନ କରି ପାରିଥିଲା । ବୋଲିଂରେ ଆରସିବି ପକ୍ଷରୁ କ୍ରୁଣାଲ ପାଣ୍ଡ୍ୟା ୪୫ ରନ ଦେଇ ୪ ୱିକେଟ୍ ଅକ୍ତିଆର କରିଥିଲେ । ଯଶ ଦୟାଲ ଓ ଜୋଶ ହେଜେଲଉଡ ପ୍ରତ୍ୟେକଙ୍କୁ ଦୁଇଟି ଲେଖାଏଁ ସଫଳତା ମିଳିଛି ।

ଟାରିଫ୍‌କୁ ଚେକ୍ ଦେବାକୁ ୟୁରୋପ ସହ ବାଣିଜ୍ୟ ପାଇଁ ଆଲୋଚନା କଲା ଭାରତ

ନୂଆଦିଲ୍ଲୀ,୦୮/୦୪(ନ୍ୟୁ.ଏ):ଆମେରିକାର ପାଲଟା ଶୁଳ୍କ କାରଣରୁ ବିଶ୍ୱ ବଜାରରେ ଦେଖାଦେଇଛି ବାଣିଜ୍ୟିକ ଅନିଶ୍ଚିତତା । ଅନେକ ଦେଶ ଏହାକୁ ନେଇ ଏବେ ଚିନ୍ତାରେ । କାରଣ ଟ୍ରମ୍ପ ଲଗାଇଥିବା ଏହି ଉଚ୍ଚ ଶୁଳ୍କ ସେମାନଙ୍କୁ କ୍ଷତିରେ ପକାଇପାରେ । ଏହାରି ମଧ୍ୟରେ ଭାରତ ଟ୍ରମ୍ପଙ୍କ ଏହ ଶୁଳ୍କ ପ୍ରଭାବରୁ ବର୍ତ୍ତିବା ପାଇଁ ବିକଳ୍ପ ବ୍ୟବସ୍ଥା ଉପରେ ଯୋଜନା କରୁଛି । ଏହି କ୍ରମରେ ଭାରତ ଏବେ ୟୁରୋପୀୟ ୟୁନିୟନ (ଇୟୁ) ସହ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ପାଇଁ ଯୋଜନା କରୁଛି । ଜାତୀୟ ଗଣମାଧ୍ୟମରେ ଜଣେ ଅଧିକାରୀ ଦେଇଥିବା ସୂଚନା ଅନୁସାରେ, 'ୟୁରୋପୀୟ ୟୁନିୟନ ସହ ପ୍ରସ୍ତାବିତ ଏଫଟିଏ ଉପରେ ଦୁଇଟି ପର୍ଯ୍ୟାୟ ଆଲୋଚନା ଆରମ୍ଭ ହୋଇସାରିଛି ।' ଉଭୟ ପକ୍ଷ ପୂର୍ବରୁ ମାର୍ଚ୍ଚ ମାସରେ ବ୍ରୁସେଲ୍ସରେ ପ୍ରଥମ ପର୍ଯ୍ୟାୟ ବୁଝାମଣା ପାଇଁ ୧୦ମ ଥର ପାଇଁ ଆଲୋଚନା କରିଥିଲେ । ଆଗାମୀ ଆଲୋଚନା ମେ ମାସରେ ନୂଆଦିଲ୍ଲୀରେ ହୋଇପାରେ । ଏହା ପୂର୍ବରୁ ଭାରତ ଅଷ୍ଟ୍ରେଲିଆ ସହ ମଧ୍ୟ ଦୁଇଟି ପର୍ଯ୍ୟାୟ ବାଣିଜ୍ୟିକ ଆଲୋଚନା କରିଥିଲା । ସୂଚନାଆନୁଯାୟୀ, ଦୁଇ ପର୍ଯ୍ୟାୟ ଆଲୋଚନାରେ ଉଭୟ ପକ୍ଷ ଏଭଳି କ୍ଷେତ୍ର ଉପରେ ଆଲୋଚନା କରିଥାନ୍ତି, ଯାହା ଉପରେ ସହଜରେ ସହମତି ହୋଇପାରିବ । ଜଟିଳ ବାଣିଜ୍ୟିକ ପ୍ରସଙ୍ଗକୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ରଖିଦିଆଯାଏ । ଅଧିକାରୀ କହିଛନ୍ତି ଗତ ମାସରେ ବରିଷ୍ଠ ରାଜନୈତିକ ନେତାଙ୍କ ସହ ୟୁରୋପୀୟ ୟୁନିୟନ ଅଧ୍ୟକ୍ଷ ଉର୍ସୁଲା ଭନ ଡେର ଲିଏନ ଭାରତ ଗସ୍ତରେ ଆସିଥିଲେ । ଆଉ ଏହି ସମୟରେ ଏଫଟିଏ ଉପରେ ତାଙ୍କ ସହ ହୋଇଥିବା ହୋଇଥିବା କଥାବାର୍ତ୍ତା ସକାରାତ୍ମକ ଥିଲା । ସେପଟେ ବାଣିଜ୍ୟିକ ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲଗାଯାଇଥିବା ଉଚ୍ଚ ସୀମା ଶୁଳ୍କ, ଭାରତ ଏବଂ ୟୁରୋପୀୟ ୟୁନିୟନ ମଧ୍ୟରେ ଆର୍ଥିକ ସମ୍ପର୍କକୁ ମଜଭୁତ କରିବ । କାରଣ ୟୁରୋପୀୟ ସଂଘ ୮ ବର୍ଷ ପରେ ୨୦୨୨ରେ ଏଫଟିଏ ଉପରେ ପୁଣି କଥାବାର୍ତ୍ତା ଆରମ୍ଭ କରିଛି । ଯାହା ୨୦୧୩ରେ ମୁକ୍ତ ବାଣିଜ୍ୟ ନୀତି ଉପରେ ମତଭେଦ କାରଣରୁ ବନ୍ଦ ହୋଇଥିଲା । ଉଲ୍ଲେଖଯୋଗ୍ୟ, ଭାରତର ସମୁଦାୟ ରପ୍ତାନୀରେ ୟୁରୋପୀୟ ୟୁନିୟନର ଭାଗ ପ୍ରାୟ ୧୭ ପ୍ରତିଶତ ରହିଛି, ଯେତେବେଳେକି ଭାରତକୁ ୟୁରୋପୀୟ ୟୁନିୟନର ରପ୍ତାନୀ ୯ ପ୍ରତିଶତ ରହିଛି ।

ଟାରିଫ୍ ଝଡ଼ରେ ଉଚ୍ଛୁଳିଲା ସେୟାର ବଜାର

ମୁମ୍ବାଇ,୦୮/୦୪(ନ୍ୟୁ.ଏ):ଖାଲି ଖସିଥିଲା ଆଉ ମଙ୍ଗଳବାର ମାର୍କେଟ ରିକଭରି ମୋଡକୁ ଆସିଛି । ଏସିୟା ବଜାରକୁ ଦେଖି ଲାଗୁଛି ଆଜି ସ୍ଥିତି ସୁଧୁରିବ । ଜାପାନ ଓ ହଙ୍ଗକଙ୍ଗ ବଜାର ଖୋଲିବା ସହ ଉପର ମୁହାଁ ରହିଥିବା ପରିଲକ୍ଷିତ ହୋଇଛି । ଆଉ ଏହାସହ ଭାରତ ବଜାରରେ ମଧ୍ୟ ସୁଧାର ଆସିବା ଆଶା କରାଯାଉଛି । ସୋମବାର ବିଏସଇ ସେନସେକ୍ସ ୨୨ଶହ ପଏଣ୍ଟ ଖସିକି ବଜାର ବନ୍ଦ ହୋଇଥିଲା । ଚର୍ଚ୍ଚା ହେଉଥିଲା ଟ୍ରମ୍ପଙ୍କ ନୂଆ ଟାରିଫର ପ୍ରଭାବ ସାରା ବିଶ୍ୱ ବଜାରରେ ପଡିଛି । ଫଳରେ ଭାରତୀୟ ବଜାରରେ ବ୍ୟାପକ ପରିମାଣରେ କ୍ଷତି ସହିବାକୁ ପଡିଛି । ନିବେଶକଙ୍କ ଜଡିଯାଇଥିଲା କୋଟି କୋଟି ଟଙ୍କା । ସେୟାର ମାର୍କେଟ ପାଇଁ କାଳି ଥିଲା କଳା ସୋମବାର । ହେଲେ ଯାହା ଲାଗୁଛି ଆଜି ଶୁଭ ମଙ୍ଗଳବାର ହେବ । ବିଏସ୍‌ଇ ୨, ୨୨୭ ପଏଣ୍ଟ (୨.୯୫%) ହ୍ରାସ ପାଇ ୭୩, ୧୩୭.୯୦ରେ ପହଂଚିଛି । ନିଫ୍‌ଟି ୫୦ ୭୪୩ ପଏଣ୍ଟ (୩.୨୪%) ଖସି ୨୨୧୬୧ ଛୁଇଁଛି । ସେନ୍‌ସେକ୍ସ ଏବଂ ନିଫ୍ଟି ପ୍ରାୟ ୧୦ ମାସ ମଧ୍ୟରେ ସର୍ବନିମ୍ନ ସ୍ତରକୁ ଖସି ଆସିଛି । ସେୟାର ବଜାର ତଳକୁ ଖସିବା ଯୋଗୁଁ ନିବେଶକମାନେ ୨୦.୧୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ବିଏସ୍‌ଇର ଟପ୍ ୩୦ କମ୍ପାନିର ସେୟାର ୫.୨୨% ହ୍ରାସ ପାଇଛି । ବିଶ୍ୱ ବଜାରରେ ବ୍ୟାପକ ଅସ୍ଥିରତା ହେତୁ ଏହା ଆହୁରି ହ୍ରାସ ପାଇପାରେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି । ସେନ୍‌ସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ ସାରା ବିଶ୍ୱରେ କୋଟି କୋଟି ଟଙ୍କା ହରାଇ ନିବେଶକମାନେ ଚିନ୍ତାରେ ପଡିଯାଇଛନ୍ତି । ସବୁଠୁ ଅଧିକ ପ୍ରଭାବିତ ହୋଇଛି ଆମେରିକାର ଷ୍ଟକ୍ ବଜାର ।

ଚଳିତ ବର୍ଷରୁ ରାଜଧାନୀରେ ବନ୍ଦ ହେବ ସିଏନଜି ଅଟୋ

ନୂଆଦିଲ୍ଲୀ,୦୮/୦୪(ନ୍ୟୁ.ଏ):ଦିଲ୍ଲୀ ରାସ୍ତାରେ ଆଉ ଗଡିବନି ସିଏନଜି ଚାଳିତ ଅଟୋ ରିକ୍ସା । ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରିବାକୁ ସୁପାରିଶ କରାଯାଇଛି । ଏକ ଡ୍ରାଫ୍ଟ ଇଭି ନୀତି ୨.୦ ମଧ୍ୟ ପ୍ରସ୍ତୁତ କରାଯାଇଛି । ସୋମବାର ସରକାରଙ୍କ ପକ୍ଷରୁ ଏହି ସୂଚନା ଜାରି କରାଯାଇଛି । ଯାହା କୁହାଯାଇଛି କି, ଅଗଷ୍ଟ ୧୫ ପରେ ଇଭିଏ ଅଟୋ ରିକ୍ସା ପାଇଁ କୌଣସି ନୂତନ ପଞ୍ଜୀକରଣ କରାଯିବ ନାହିଁ । ନୂତନ ଡ୍ରାଫ୍ଟ ନୀତି ଅନୁଯାୟୀ, ଅଗଷ୍ଟ ୧୫ ପରେ ଇଭିଏ ଅଟୋ ପରମିଟ୍ ମଧ୍ୟ ନବୀକରଣ କରାଯିବ ନାହିଁ । ଦୁଇଚକିଆ ଯାନ ମଧ୍ୟ ପ୍ରଭାବିତ ହେବ । ଘରୋଇ କାର ମାଲିକମାନଙ୍କ ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି । ସମସ୍ତ ପୁରୁଣା ପରମିଟ୍ କେବଳ ଇଲେକ୍ଟ୍ରିକ୍ ଅଟୋ ପରମିଟ୍ ସହିତ ବଦଳାଯିବ ନୂତନ ନୀତିରେ ପୌର ସଂସ୍ଥା ଏବଂ ସିଟି ବସ୍ ଦ୍ୱାରା ଅଳିଆ ବୋହିବା ପାଇଁ ବ୍ୟବହୃତ ସମସ୍ତ ଯାନବାହନକୁ ସ୍କ୍ରାପ୍ କରିବାକୁ ମଧ୍ୟ ସୁପାରିଶ କରାଯାଇଛି । ଡ୍ରାଫ୍ଟରେ ସୁପାରିଶ କରାଯାଇଛି ଯେ ୧୦ ବର୍ଷରୁ ଅଧିକ ପୁରୁଣା ସମସ୍ତ ଇଭିଏ ଅଟୋରିକ୍ସା ବାଧ୍ୟତାମୂଳକ ଭାବରେ ବ୍ୟାଟେରୀରେ ସ୍ଥାନାନ୍ତରିତ ହେବ । ଆହୁରି ବି ଅଗଷ୍ଟ ୧୫ରୁ ପେଟ୍ରୋଲ, ଡିଜେଲ ଏବଂ ସିଏନଜିରେ ଚାଲୁଥିବା ଦୁଇଚକିଆ ଯାନଗୁଡ଼ିକୁ ମଧ୍ୟ ଅନୁମତି ଦିଆଯିବ ନାହିଁ । ସାମଗ୍ରୀ ପରିବହନ ପାଇଁ ବ୍ୟବହୃତ ଇଭିଏ-ଆଧାରିତ ତିନି ଚକିଆ ଯାନ ମଧ୍ୟ ପଞ୍ଜୀକୃତ ହେବ ନାହିଁ । ନୂତନ ନୀତି ଅନୁଯାୟୀ, ଦିଲ୍ଲୀ ନଗର ନିଗମ, ନଗର ପରିଷଦ ଏବଂ ଜଳ ବୋର୍ଡର ସମସ୍ତ ଅଳିଆ ଆବର୍ଜନା ଯାନଗୁଡ଼ିକୁ ପର୍ଯ୍ୟାୟକ୍ରମେ ବୈଦ୍ୟୁତିକ ଯାନରେ ପରିଣତ କରାଯିବ । ଡ୍ରାଫ୍ଟରେ ଡିସେମ୍ବର ୩୧, ୨୦୨୭ସୁଦ୍ଧା ଦିଲ୍ଲୀରେ ୧୦୦ପ୍ରତିଶତ ଇଲେକ୍ଟ୍ରିକ୍ ଯାନବାହନ ସୁନିଶ୍ଚିତ କରିବାକୁ ସୁପାରିଶ କରାଯାଇଛି । ସରକାରୀ ବସ୍‌ଗୁଡ଼ିକୁ ଇଲେକ୍ଟ୍ରିକ୍ ବସ୍‌ରେ ପରିଣତ କିଣିବେ । ଯେତେବେଳେ BS-VI ବର୍ଗର ବସ୍ ରାଜ୍ୟ ମଧ୍ୟରେ ଚଳାଚଳ କରିବ ।

ପବନ ଓ ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନରେ ବିଶ୍ୱରେ ତୃତୀୟ ହେଲା ଭାରତ

ନୂଆଦିଲ୍ଲୀ,୦୮/୦୪(ନ୍ୟୁ.ଏ):ପବନ ଏବଂ ସୌର ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରିବାରେ ଭାରତ ଜର୍ମାନୀକୁ ପଛରେ ପକାଇ ୨୦୨୪ରେ ବିଶ୍ୱର ତୃତୀୟ ବୃହତ ଉତ୍ପାଦନକାରୀ ରାଷ୍ଟ୍ର ହୋଇଛି । ମଙ୍ଗଳବାର ପ୍ରକାଶିତ ଏକ ନୂଆ ରିପୋର୍ଟରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ଗ୍ଲୋବାଲ୍ ଏନର୍ଜି ଥିଙ୍କ୍ ଟ୍ୟାଙ୍କ୍ ଏମ୍‌ବରର ଗ୍ଲୋବାଲ୍ ଇଲେକ୍ଟ୍ରିସିଟି ରିଭ୍ୟୁର ଷଷ୍ଠ ସଂସ୍କରଣର ରିପୋର୍ଟ ଅନୁସାରେ, ଗତ ବର୍ଷ ପବନ ଏବଂ ସୌର ଶକ୍ତିରେ ମିଳିତ ଭାବରେ ସାରା ବିଶ୍ୱ ୧୫ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରାଯାଇଥିଲା । ତନ୍ମଧ୍ୟରୁ ଭାରତର ଭାଗ ୧୦ ପ୍ରତିଶତ ଥିଲା । ରିପୋର୍ଟରେ କୁହାଯାଇଛି ଯେ ଅଙ୍ଗାରକାମ୍ଳ କମ୍ ନିର୍ଗମନ କରୁଥିବା ନବୀକରଣୀୟ ଏବଂ ପରମାଣୁ ଶକ୍ତି ମିଶି ୨୦୨୪ ମସିହାରେ ବିଶ୍ୱର ୪୦.୯ ପ୍ରତିଶତ ବିଦ୍ୟୁତ୍ ଯୋଗାଣ କରିଥିଲେ । ୧୯୪୦ ମସିହା ପରେ ପ୍ରଥମ ଥର ପାଇଁ ଏଭଳି ବିଦ୍ୟୁତ୍ ଉତ୍ପାଦନରେ ୪୦ ପ୍ରତିଶତ ସୀମା ଅତିକ୍ରମ କରିଛି । ଭାରତରେ, ସ୍ୱଚ୍ଛ ଉତ୍ସ(କ୍ଲିନ ସୋର୍ସ)ରେ ବିଦ୍ୟୁତ୍ ଉତ୍ପାଦନର ୨୨ ପ୍ରତିଶତ, ଜଳବିଦ୍ୟୁତରେ ସର୍ବାଧିକ ୮ ପ୍ରତିଶତ ଏବଂ ପବନ ଏବଂ ସୌର ମିଳିତ ଭାବରେ ୧୦ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରିଥିଲେ । ପଡ଼ନ୍ତୁ- ଭାରତରୁ ରପ୍ତାନୀରେ ରେକର୍ଡ ଭାଙ୍ଗିଲା ଆପଲ: କେବଳ ମାର୍ଚ୍ଚ ମାସରେ ୧୩% ବୃଦ୍ଧି ବିଶ୍ୱ ସ୍ତରରେ, ନବୀକରଣ ଶକ୍ତି ସ୍ୱଚ୍ଛ ବିଦ୍ୟୁତ୍ କ୍ଷେତ୍ରର ଅଭିବୃଦ୍ଧିକୁ ଆଗେଇ ନେଇଛି । ୨୦୨୪ ମସିହାରେ ରେକର୍ଡ ୮୫୮ ଟେରାୱାଟ୍ ଘଣ୍ଟା (TWh) ହୋଇଛି, ଯାହା ପୂର୍ବରୁ ୨୦୨୨ରେ ହୋଇଥିବା ରେକର୍ଡ ତୁଳନାରେ ୪୯ ପ୍ରତିଶତ ଅଧିକ । ୨୦୨୪ ମସିହାରେ ୪୭୪ TWh ଯୋଡ଼ିବା ସହିତ ସୋଲାର ଶକ୍ତି କ୍ରମାଗତ ତୃତୀୟ ବର୍ଷ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ସର୍ବବୃହତ ଉତ୍ସ ପାଲଟିଛି । ଏହା କ୍ରମାଗତ ୨୦ ବର୍ଷ ହେଲା ସବୁଠାରୁ ଦ୍ରୁତତମ ବୃଦ୍ଧି ପାଉଥିବା ଶକ୍ତି ଉତ୍ସ ହୋଇଛି । ମାତ୍ର ତିନି ବର୍ଷ ମଧ୍ୟରେ, ବିଶ୍ୱ ସୌରଶକ୍ତି ଉତ୍ପାଦନ ବିଦ୍ୟୁତ ମିଶ୍ରଣର ଦୁଇଗୁଣ ବୃଦ୍ଧି ପାଇ ୬.୯ ପ୍ରତିଶତ ହୋଇଛି । ଭାରତରେ ମଧ୍ୟ ସୌରଶକ୍ତିରେ ଦ୍ରୁତ ବୃଦ୍ଧି ଘଟିଛି । ୨୦୨୪ ମସିହାରେ ଦେଶର ବିଦ୍ୟୁତ ଉତ୍ପାଦନର ୭ ପ୍ରତିଶତ ଯୋଗଦାନ ସୌରଶକ୍ତିର ରହିଥିଲା । ୨୦୨୧ ପରଠାରୁ ଏହା ଦ୍ୱିଗୁଣିତ ହୋଇଛି । ଭାରତ ୨୦୨୪ ମସିହାରେ ୨୪ ଗିଗାୱାଟ (ଏଡ) ସୋଲାର କାପାସିଟି ଯୋଡିଛି, ଯାହା ୨୦୨୩ ଅପେକ୍ଷା ଦୁଇଗୁଣ ଅଧିକ । ଚାନ୍ ଏବଂ ଆମେରିକା ପରେ ଭାରତ ସୋଲାର କାପାସିଟିରେ ତୃତୀୟ ବୃହତ୍ତମ ବଜାର ପାଲଟିଛି ।

GEETA
RESIDANCY
LUXURY REDEFINED

Admission Open
SUMMER COURSE
CRASH COURSE
+2 SCIENCE
+2 ARTS
541
540
542
SPARK CLASSES
: 7008967090, 7978456850

ଟାରିଫ ୱାର ସ୍ଥିତି : ଚୀନ-ଆମେରିକା ମୁହାଁମୁହିଁ

ନୂଆଦିଲ୍ଲୀ,୦୮/୦୪(ନ୍ୟୁ.ଏ):ସାରା ବିଶ୍ୱରେ ଟାରିଫ ୱାର ସ୍ଥିତି । ଚୀନ-ଆମେରିକା ମୁହାଁମୁହିଁ । ବେଜିଂ ଉପରେ ଅତିରିକ୍ତ ୫୦ ପ୍ରତିଶତ ଟାରିଫ ଲଗାଇଲେ ଟ୍ରମ୍ପ । ଫଳରେ ଚୀନ ସାମଗ୍ରୀ ଉପରେ ଆମେରିକାର ମୋଟ ଟାରିଫ ୯୪ ପ୍ରତିଶତ ଛୁଇଁଛି । ପୂର୍ବରୁ ୩୪ ପ୍ରତିଶତ ଟାରିଫ ସହ ନୂଆ ୫୦ ପ୍ରତିଶତ ଏହାଛଡ଼ା ସବୁ ଦେଶ ଉପରେ ୧୦ ପ୍ରତିଶତ ଗ୍ଲୋବାଲ ଟାରିଫକୁ ମିଶାଇ ଚୀନ ଉପରେ ୯୪ ପ୍ରତିଶତ ଶୁଳ୍କ ଲଗାଇଛି ଆମେରିକା । ଆମେରିକାର ସବୁ ସାମଗ୍ରୀ ଉପରେ ଚୀନ ରାଷ୍ଟ୍ରପତି ଜିନପିଙ୍ଗ ୩୫% ଶୁଳ୍କ ଲଗାଇବାର ୪୮ ଘଣ୍ଟା ପରେ ଅତିରିକ୍ତ ଶୁଳ୍କ ଲାଗୁ କରିଛି ଆମେରିକା । ଯେସାକୁ ତେସା ନୀତିରେ ବିଶ୍ୱାସ ରଖୁଥିବା ବିଶ୍ୱର ଦୁଇ ଶକ୍ତିଶାଳୀ ନେତାଙ୍କ ଟାରିଫ ଯୁଦ୍ଧ ଆଗକୁ ବିଶ୍ୱ ବଜାରକୁ ଅଧିକ ପ୍ରଭାବିତ କରିବ । ସେପଟେ ଜବାବରେ ଜିନପିଙ୍ଗ ପୁଣି ଟାରିଫ ବୃଦ୍ଧି କରିପାରନ୍ତି ବୋଲି କୁହାଯାଉଛି । ଯଦି ଏଭଳି ହୁଏ ଭାରତକୁ ଫାଇଦା ମିଳିବ । ଟ୍ରମ୍ପଙ୍କ ଶୁଳ୍କ ଉପରେ ୯୦ ଦିନର ରୋକ ଲାଗିପାରେ ବୋଲି ଚର୍ଚ୍ଚା ଭିତରେ ଏଭଳି ଘୋଷଣା କରିଛି ଆମେରିକା । ସେପଟେ ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁଁ ବିଶ୍ୱର ସବୁ ଦେଶ ପ୍ରଭାବିତ ହୋଇଛନ୍ତି । ଆମେରିକା ସମେତ ଭାରତର ସେୟାର ବଜାର କ୍ରାସ ହୋଇଛି । ଫଳରେ ନିବେଶକମାନେ ଚିନ୍ତାରେ ପଡିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ୨ରେ ବିଶ୍ୱର ବିଭିନ୍ନ ଦେଶକୁ ଟାର୍ଗେଟ କରି ପାଲଟା ଶୁଳ୍କ ଘୋଷଣା କରିଥିଲେ । ଅଟୋ ମୋବାଇଲ, ଦୁଗ୍ଧ, ଇସ୍ପାତ ଏବଂ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ର ଏହି ଶୁଳ୍କ ଦ୍ୱାରା ବିପଦରେ ପଡ଼ିଛି । ରାଷ୍ଟ୍ରପତି ଚୀନରୁ ଆମଦାନୀ ଉପରେ ୩୪ ପ୍ରତିଶତ ଏବଂ ୟୁରୋପୀୟ ସଂଘରୁ ଆମଦାନୀ ଉପରେ ୨୦ ପ୍ରତିଶତ ନୂଆ ଶୁଳ୍କ ଲାଗୁ କରିଛନ୍ତି । ଚୀନ ସହିତ ଭାରତ ଉପରେ ୨୭ ପ୍ରତିଶତ ରିହାତି ଶୁଳ୍କ ଘୋଷଣା କରିଛନ୍ତି । ଯେଉଁ ସବୁ ଦେଶ ଉପରେ ଆମେରିକା ପ୍ରତିଶୋଧମୂଳକ ଶୁଳ୍କ ଲଗାଇଛି ତାହାର ତାଲିକା ୧୦%ରୁ ୪୯% ପର୍ଯ୍ୟନ୍ତ ରହିଛି । ଚୀନ୍ ଉପରେ ୩୪%, ୟୁରୋପୀୟ ସଂଘ ଉପରେ ୨୦%, ଦକ୍ଷିଣ କୋରିଆ ଉପରେ ୨୫%, ଜାପାନ ଉପରେ ୨୪%, ଭିଏତନାମ ଉପରେ ୪୬%, ତାଇୱାନ ଉପରେ ୩୨%, ଶ୍ରୀଲଙ୍କା ଉପରେ ୪୪% ଏବଂ ପାକିସ୍ତାନ ଉପରେ ୨୯% ରେସିପ୍ରୋକଲ ଟାରିଫ ନେଇ ଘୋଷଣା କରିଛନ୍ତି ଟ୍ରମ୍ପ । ଏହାକୁ ନେଇ ବିଶ୍ୱବ୍ୟାପି ଅସନ୍ତୋଷ ଦେଖାଦେଇଛି । ବିରୋଧ ପ୍ରଦର୍ଶନ ବି ହୋଇଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das